ଆଠ ପୃଷ୍ଠା
**ମୂଲ୍ୟ : ₹ ୫.୦୦**
ବର୍ଷ-**୨୦**, ସଂଖ୍ୟା : **୧୩୭**
**୨୫** ଅକ୍ଟୋବର, ୨୦୨୫ **ଶନିବାର**
**ଭୁବନେଶ୍ୱର**

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...
ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ
8 Pages
Price ₹ 5.00
Vol. 20, Issue No. : 137
25th October, 2025 Saturday
Bhubaneswar
Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଓଁ ୟାଂ ମେଧାଂ ଦେବାଗଣାଃ ପିତରଶ୍ଚୋ ପାସତେ**
**ତୟା ମା ମଧ୍ୟ ମେଧୟା ଅଗ୍ନେ ମେଧାବିନଂ କୁରୁ**

ହେ ମେଧାବାନ୍ ପରାମାତ୍ମା ! ଆମର ଦେବଗଣ, ଋଷିଗଣ ଓ ପିତୃପୁରୁଷ ଯେଉଁ ମେଧା ବୁଦ୍ଧିର ପ୍ରାର୍ଥନା, ଉପାସନା ଓ ଯାଚନା ସବୁବେଳେ କରି ଆସିଛନ୍ତି, ଆପଣ ଆମ ସମସ୍ତଙ୍କୁ ସେହି ମେଧା ବୁଦ୍ଧି ପ୍ରଦାନ କରନ୍ତୁ, ଯଦ୍ୱାରା ଆମର ସମସ୍ତ ଶୁଭକାର୍ଯ୍ୟ ଯଥାବିଧି ସମ୍ପନ୍ନ ହେବ ।

# ୨୭ ସକାଳେ ବାତ୍ୟା 'ମନ୍ଥା' !


**ଭୁବନେଶ୍ୱର,୨୪।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ବଙ୍ଗୋପସାଗରରେ ମାଡ଼ି ଆସୁଛି ବାତ୍ୟା । ଏନେଇ ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ । ଯାହା ଆସନ୍ତା ୨୭ ତାରିଖ ସକାଳୁ ଧୀରେ ଉତ୍ତର-ପଶ୍ଚିମ ଉତ୍ତର ଦିଗରେ ଗତି କରୁଛି । ଘଣ୍ଟା ପ୍ରତି ୩ କିମି ବେଗରେ ଗତି କରି ଏହା ବଙ୍ଗୋପସାଗରରେ ବଳ ଗୋଟାଉଛି । ବାତ୍ୟା ପାଇଁ ରହିଛି ଅନୁକୂଳ ପାଗ । ଏହାର ପ୍ରଭାବରେ

## ୨୭ରୁ ୨୯ ପର୍ଯ୍ୟନ୍ତ ପ୍ରବଳ ବର୍ଷା

ବାତ୍ୟାର ରୂପ ଜଣାପଡିବ । ଆସନ୍ତାକାଲି ଅବପାତର ରୂପ ନେବ ଲଘୁଚାପ । ୨୬ ତାରିଖ ବେଳକୁ ଗଭୀର ଅଭପାତରେ ପରିଣତ । ଉତ୍ତର ଭାରତ ମହାସାଗରର ନାମକରଣ ପ୍ରଣାଳୀ ଅନୁସାରେ ଥାଇଲ୍ୟାଣ୍ଡ ଏହାର ନାମ ଦେଇଛି 'ମନ୍ଥା' । ଏବେ ଲଘୁଚାପ ଧୀରେ ୨୭ରୁ ୨୯ ତାରିଖ ଯାଏ ଓଡିଶାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । କିନ୍ତୁ ପବନର ଆଶଙ୍କା କମ୍ ଥିବା କୁହାଯାଉଛି । ତେବେ ବାତ୍ୟା କେଉଁଠି ମାଡ ହେବ, ସେନେଇ ଏବେ ଯାଏ କୌଣସି ସୂଚନା ମିଳିନାହିଁ ।

ଏଣେ ଆଜି ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି,




ରାୟଗଡା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର ଓ ନୟାଗଡ ଆଦି ଜିଲ୍ଲାର କିଛି କିଛି ସ୍ଥାନରେ ବିଜୁଳି, ଘଡଘଡି ସହ ବର୍ଷା ହୋଇଛି । ସେହିଭଳି ଶନିବାର ବର୍ଷାର ପରିମାଣ ବଢ଼ିବ । ଉପକୂଳ ସହ ଦକ୍ଷିଣ ଓ ପଶ୍ଚିମ ଓଡିଶାରେ ମଧ ଭଲ ବର୍ଷା ହେବ । ତେବେ ଲଘୁଚାପ ସୃଷ୍ଟି ପରେ ହିଁ ଏହାର ତୀବ୍ରତା ସ୍ପଷ୍ଟ ହେବ । ରାଜ୍ୟକୁ ଏବେ ସାମୁଦ୍ରିକ ବଙ୍ଗୋପସାଗରୀୟ ପବନ ପ୍ରବାହ ଜାରି ରହିଛି । ବର୍ଷା ସମ୍ଭାବନା ବି ରହୁଛି । ଏଣୁ ଉତ୍ତରା ଥଣ୍ଡା ପବନ ପ୍ରବାହ ବାଧାପ୍ରାପ୍ତ ହୋଇଛି । ଆସନ୍ତାକାଲି ରାଜଧାନୀ ଭୁବନେଶ୍ୱରର ପାଗ ଆଂଶିକ ମେଘୁଆ ସହ ସକାଳୁ କୁହୁଡି ପଡିବ । ସର୍ବାଧିକ ଦିନ ତାପମାତ୍ରା ୩୫ ଡିଗ୍ରି ଓ ସର୍ବନିମ୍ନ ରାତ୍ରି ତାପମାତ୍ରା ୨୪ ଡିଗ୍ରି ମଧ୍ୟରେ ରହିବ । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ମୁତାବକ, ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଓ ସଂଲଗ୍ନ ଦକ୍ଷିଣ ଆଣ୍ଡାମାନ **(ଶେଷ ପୃଷ୍ଠା ଦେଖନ୍ତୁ)**

## ପ୍ରଥିତଯଶା କବି ରାଜେନ୍ଦ୍ର ପଣ୍ଡାଙ୍କ ପରଲୋକ



**ଭୁବନେଶ୍ୱର,୨୪।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରଥିତଯଶା ଓଡିଆ କବି, ଔପନ୍ୟାସିକ ଓ ପ୍ରଶାସକ ରାଜେନ୍ଦ୍ର କିଶୋର ପଣ୍ଡା ଆଉ ନାହାନ୍ତି । ଆଜି ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା । ୧୯୪୪ ଜୁନ୍ ୨୪ ତାରିଖରେ ଝାରସୁଗୁଡା ଜିଲ୍ଲାର ବତଲଗା ଗାଁରେ ସେ ଜନ୍ମଗ୍ରହଣ କରିଥିଲେ । ସେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ କଳାରେ ସ୍ନାତକୋତ୍ତର ଡିଗ୍ରି ହାସଲ କରିଥିଲେ । ୧୯୪୭ରେ ଶ୍ରୀ ପଣ୍ଡାଙ୍କର ପ୍ରଥମ କବିତା ସଂଗ୍ରହ 'ଗୌଣ ଦେବତା' ପ୍ରକାଶିତ ହୋଇଥିଲା । ତାଙ୍କର ୧୬ଟି କବିତା ସଂକଳନ ପ୍ରକାଶ ପାଇଛି । ସେ ଦୁଇଟି ଉପନ୍ୟାସର ବି ରଚୟିତା । ରାଜେନ୍ଦ୍ର କିଶୋର ପଣ୍ଡା ୧୯୬୭ରୁ ୨୦୦୪ ଯାଏ ପ୍ରଶାସନିକ ସେବାରେ ବିଭିନ୍ନ ପଦପଦବୀରେ ଦାୟିତ୍ୱ ନିର୍ବାହ କରିଥିଲେ । ତାଙ୍କ ବିୟୋଗରେ ସାହିତ୍ୟିକ ମହଲରେ ଶୋକର ଛାୟା ଖେଳିଯାଇଛି ।

## ବାପ ବିକ୍ରି ଜମି ଖାରଜ କରିପାରିବେ ସନ୍ତାନ




**ନୂଆଦିଲ୍ଲୀ,୨୪।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ବିନା କୌଣସି ଲ'ସୁଟ୍ (ମକଦ୍ଦମା)ରେ ପିତାମାତାଙ୍କ ଦ୍ୱାରା ହୋଇଥିବା ସମ୍ପତ୍ତି ବୁଝାମଣାକୁ ନାବାଳକ ସନ୍ତାନ ସାବାଳକ ହେବା ପରେ ବାତିଲ କରିପାରିବେ ବୋଲି ସୁପ୍ରିମକୋର୍ଟ ରାୟ ଦେଇଛନ୍ତି । ସନ୍ତାନ ନାବାଳକ ଥିବା ସମୟରେ ତା'ର ପିତାମାତା ଯଦି କାହାକୁ ସମ୍ପତ୍ତି ବିକ୍ରି କରିଥାନ୍ତି କିମ୍ବା ହସ୍ତାନ୍ତର କରିଥାନ୍ତି ତେବେ ତାହାକୁ ସନ୍ତାନ ସାବାଳକ ହେବା ପରେ ଚାଲେଞ୍ଜ କରିପାରିବେ । ଏପରି କି ଉକ୍ତ ସମ୍ପତ୍ତିକୁ ସନ୍ତାନ ଅନ୍ୟ କାହାକୁ ବିକ୍ରି କରିପାରିବେ । ତେଣୁ ସନ୍ତାନ ନାବାଳକ ଥିବା ସମୟରେ ପିତାମାତା ଯଦି କାହାକୁ ସମ୍ପତ୍ତି ବିକ୍ରି କିମ୍ବା ସ୍ଥାନାନ୍ତର କରିବାକୁ ଚାହୁଁଥାନ୍ତି ତେବେ ଏଥିପାଇଁ ଏକ ମକଦ୍ଦମା କରିବା ଦରକାର ।

ମକଦ୍ଦମା ମାଧ୍ୟମରେ ସମ୍ପତ୍ତି ବିକ୍ରି କିମ୍ବା ହସ୍ତାନ୍ତର କରାଯାଇଥିଲେ ଏହା ବୈଧ ବିବେଚିତ ହେବ ବୋଲି ସୁପ୍ରିମକୋର୍ଟ ବିଚାରପତି ପଙ୍କଜ ମିତ୍ତଲ ଏକ ମାମଲାର ବିଚାର କରି ରାୟ ଦେଇଛନ୍ତି । ମାମଲାଟି ହେଉଛି ୧୯୭୧ରେ କର୍ଣ୍ଣାଟକ ସାମନୌର ଗାଁର ଦୁଇଟି ପ୍ଲଟ୍‌କୁ ରୁଦ୍ରପ୍ପା ନାମକ ଜଣେ ବ୍ୟକ୍ତି ତାଙ୍କର ତିନିଟି ନାବାଳକ ସନ୍ତାନଙ୍କ **(ଶେଷ ପୃଷ୍ଠା ଦେଖନ୍ତୁ)**

# ବସ୍‌ରେ ନିଆଁ ଲାଗି ୨୦ ଜୀବନ୍ତ ଦଗ୍ଧ

**କୁର୍ଣ୍ଣୁଲ,୨୪।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ଆନ୍ଧ୍ରପ୍ରଦେଶର କୁର୍ଣ୍ଣୁଲ ଜିଲ୍ଲାର ଚିନ୍ନାଟେକୁର ଭୋର ସମୟରେ ଘଟିଛି ଭୟାନକ ଦୁର୍ଘଟଣା । ହାଇଦ୍ରାବାଦରୁ ବେଙ୍ଗାଲୁରୁ ଯାଉଥିବା କାବେରୀ ଟ୍ରାଭେଲ୍ସ ଏସି ବସରେ ନିଆଁ ଲାଗିଯିବାରୁ ୨୦ ଜଣଙ୍କ ମୃତ୍ୟୁ ଘଟିଛି । ପ୍ରାୟ ୨୩ ଜଣ ଲୋକ ବସ୍ ଝରକା ଭାଙ୍ଗି ବସ୍‌ରୁ ଡେଇଁ ପଳାଇ ଯାଇଥିଲେ । ଯେଉଁମାନେ ଝରକା ଦେଇ ଯାଇପାରିନଥିଲେ ସେମାନଙ୍କର ମୃତ୍ୟୁ ହୋଇଯାଇଛି ।

ଭୋର ପ୍ରାୟ ୩ଟା ସମୟରେ ଏହି ଦୁଃଖଦ ଦୁର୍ଘଟଣା ଘଟିଥିଲା, ଯେତେବେଳେ ଏକ ମୋଟରସାଇକେଲ ସହିତ ଧକ୍କା ହେବା ଏବଂ ଇନ୍ଧନ ଲିକ୍ ହେବାର କିଛି ମିନିଟ୍ ପରେ ବସ୍‌ଟିରେ ନିଆଁ ଲାଗିଯାଇଥିଲା । ବସ୍‌ର ଅତିରିକ୍ତ ଡ୍ରାଇଭରଙ୍କ ଅନୁଯାୟୀ, ସେମାନେ ପ୍ରଥମେ ନିଆଁ



ଲିଭାଇବାକୁ ଚେଷ୍ଟା କରିଥିଲେ, ଏବଂ ନିଆଁ ନିୟନ୍ତ୍ରଣ ବାହାରକୁ ଯିବା ପରେ ସେମାନେ କାଚ ଭାଙ୍ଗିବାକୁ ଚେଷ୍ଟା କରିଥିଲେ । କୁର୍ଣ୍ଣୁଲ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ କହିଛନ୍ତି ଯେ ଯେଉଁମାନେ ବସ୍‌ରୁ ଡେଇଁ ପଡ଼ିଥିଲେ ସେମାନେ ବଞ୍ଚି ଯାଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ ମୃତାହତଙ୍କ ଉଦ୍ଦେଶ୍ୟରେ କ୍ଷତିପୂରଣ ଘୋଷଣା କରିଛନ୍ତି ।

ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଦୁର୍ଘଟଣା ଜାତୀୟ ରାଜପଥ ୪୪ରେ ଭୋର ୩.୩୦ରେ ଘଟିଥିଲା । ବେମୁରୀ କାବେରୀ ଟ୍ରାଭେଲ୍ସର ଏହି ଯାତ୍ରୀବାହୀ ବସ୍‌ଟି ଗୋଟିଏ ବାଇକୁ ଧକ୍କା ଦେଇଥିଲା । ସମ୍ଭବତଃ ବାଇକଟି ବସ୍‌ରେ ତଳେ ରହି ଚାପି ହୋଇଯିବାରୁ ତେଲ ଟାଙ୍କି ପ୍ରଭାବିତ ହୋଇଥିଲା । ଏଥିଯୋଗୁ ବସ୍‌ରେ ନିଆଁ ଲାଗି ଯାଇଥିଲା ଓ ୩ ମିନିଟ ମଧ୍ୟରେ ପୂରା ବସ୍‌କୁ ନିଆଁ ଧରି ନେଇଥିଲା ବୋଲି କୁହାଯାଉଛି ।

ବସ୍‌ର ନମ୍ବର ହେଉଛି OD01N9490 । ପ୍ରଥମେ ୨୦୧୮ ଅଗଷ୍ଟ ମାସରେ ବସ୍‌ଟି ଡାମନ ଡ୍ୟୁରେ ପଞ୍ଜିକରଣ ହୋଇଥିଲା । ଓଡିଶାର ରାୟଗଡା ଜିଲ୍ଲାରେ ଥିବା ବେମୁରି କାବେରୀ ଟ୍ରାଭେଲ୍ସ ପାଖରେ ଏହାର ମାଲିକାନା ରହିଛି । ଟ୍ରାଭେଲ ଏଜେନ୍ସିର ମାଲିକ ବେମୁରି ବିନୋଦ କୁମାର ବସ୍‌ଟିକୁ ରାୟଗଡାର ସାଇ ଲକ୍ଷ୍ମୀ ନଗର ଠିକଣାରେ ପଞ୍ଜିକରଣ କରିଥିଲେ । ଦୁର୍ଘଟଣାର ପ୍ରାୟ ୬ ମାସ ପୂର୍ବରୁ ବସ୍‌ର **(ଶେଷ ପୃଷ୍ଠା ଦେଖନ୍ତୁ)**

## ଘରେ ପଶି ନାବାଳିକାକୁ ଗଣଦୁଷ୍କର୍ମ

**ପୁରୀ,୨୪।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜଣେ ନାବାଳିକା ଘରେ ଶୋଇଥିବା ବେଳେ ଅଧରାତିରେ ଘରେ ପଶି ତାଙ୍କୁ ଦାଦା, ପୁତୁରା ଗଣଦୁଷ୍କର୍ମ କରିଛନ୍ତି । ଏନେଇ ଆଜି ଅଭିଯୋଗ ହେବାରୁ ପୁରୀ ଜିଲ୍ଲା ଚନ୍ଦନପୁର ଥାନା ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦାଦା ଓ ପୁତୁରାକୁ ଅଟକ ରଖି ତଦନ୍ତ ଚଳାଇଛି ।

ଚନ୍ଦନପୁର ଥାନା ଆଇଆଇସି ଭୁବନମୋହନ ସାମନ୍ତରାୟ କହିଛନ୍ତି ଯେ ଚନ୍ଦନପୁର ଥାନା ଅଞ୍ଚଳର ଜଣେ ୧୬ ବର୍ଷ ବୟସ୍କା ନାବାଳିକା ତାଙ୍କ ୭ ବର୍ଷୀୟା ସାନଭଉଣୀ ସହିତ ଗତ ୨୨ ତାରିଖ ରାତିରେ ଘରେ ଶୋଇଥିଲେ । ଏହି ସମୟରେ ତାଙ୍କ ପରିବାର ଲୋକେ କାଳୀଙ୍କ ଭଷାଣି ଯାତ୍ରା ଦେଖିବାକୁ ଯାଇଥିଲେ । ତେଣୁ ତାଙ୍କ ଘରେ କେହି ନଥିବାର ସୁଯୋଗ ନେଇ ନାବାଳିକାଙ୍କ ବୀରନରସିଂହପୁର ଦକ୍ଷିଣପଟ ଭୋଇ ସାହିର ସମ୍ପର୍କୀୟ ଦାଦା ଓ ଭାଇ ମିଶି ରାତି ୪ଟା **(ଶେଷ ପୃଷ୍ଠା ଦେଖନ୍ତୁ)**


## ଆସନ୍ତା ରଥଯାତ୍ରାରୁ ଜୈବିକ ଚାଉଳରୁ ପ୍ରସ୍ତୁତ କୋଠ ଭୋଗ

**ଭୁବନେଶ୍ୱର,୨୪।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ରଥଯାତ୍ରାରୁ ଜୈବିକ ଚାଉଳରୁ ପ୍ରସ୍ତୁତ ହେବ କୋଠ ଭୋଗ । ଏ ନେଇ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି । ଆସନ୍ତା ରଥଯାତ୍ରା ସମୟରେ ଅମୃତ ଅନ୍ନ ଯୋଜନାରେ ଜୈବିକ ଚାଉଳରୁ କୋଠ ଭୋଗ ପ୍ରସ୍ତୁତ ହେବ । ଏଥିପାଇଁ ବରଗଡ଼, କଟକ ଏବଂ କୋରାପୁଟ ଜିଲ୍ଲାରେ ଜୈବିକ ଚାଷ କରାଯାଉଛି । ବଳଭଦ୍ର ଜୈବିକ ଚାଷ ମିଶନରେ ଜୈବିକ ଚାଷ ପାଇଁ ସହାୟତା ଦିଆଯାଇଛି ।

କୋଠ ଭୋଗ ପାଇଁ ଆବଶ୍ୟକୀୟ ପରିମାଣର ଚାଉଳ ଅମଳ ହେବ । ଯଦି ବଳକା ରହେ କିଛି ପରିମାଣର ମହାପ୍ରସାଦ ମଧ କରାଯିବ । ଆନନ୍ଦ ବଜାରରେ ଜୈବିକ ମହାପ୍ରସାଦ ପାଇଁ ହେବ ସ୍ୱତନ୍ତ୍ର କାଉଣ୍ଟର । ପରବର୍ତ୍ତୀ ସମୟରେ ଜୈବିକ ପନିପରିବା ମଧ ବ୍ୟବହାର କରାଯିବ । ଗତ ରଥଯାତ୍ରା ବେଳେ ମାଉସୀ ମା' ମନ୍ଦିରରେ ମହାପ୍ରଭୁଙ୍କ ଆଡ଼ପ ମଣ୍ଡପ ଭୋଗରେ ବ୍ୟବହାର ହୋଇଥିଲା ।

ରାସାୟନିକ ସାର ବିନା ଉତ୍ପାଦନ ହୁଏ ଜୈବିକ ଚାଉଳ । କୃଷି ବିଭାଗ



ପକ୍ଷରୁ ଜୈବିକ ଚାଉଳ ପ୍ରସ୍ତୁତ ପାଇଁ ବିଭିନ୍ନ ଜିଲ୍ଲାର ଚାଷୀଙ୍କ ସହିତ ଚୁକ୍ତି କରାଯାଇଛି । ଜୈବିକ ଚାଉଳ ପ୍ରସ୍ତୁତ ହେବା ପରେ ଚାଷୀଙ୍କ ଠାରୁ ସିଧାସଳଖ ରାଜ୍ୟ କୃଷି ବିଭାଗ ଚାଉଳ ସଂଗ୍ରହ କରି ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିବ । ତେବେ ଶ୍ରୀମନ୍ଦିରରେ ଦୈନିକ ମହାପ୍ରଭୁଙ୍କର କୋଠ ଭୋଗ ପାଇଁ ଦୁଇ କ୍ୱିଣ୍ଟାଲ ଚାଉଳର ବ୍ୟବହାର ହେଉଛି । ସେହିପରି ପ୍ରତିଦିନ ବରାଦି ଭୋଗ ଏବଂ କୋଠ ଭୋଗ ପାଇଁ ଶ୍ରୀମନ୍ଦିରରେ ୨ଶହ କ୍ୱିଣ୍ଟାଲ ଚାଉଳ ଆବଶ୍ୟକ ହେଉଛି । ତେବେ ସୀମିତ ପରିମାଣର ଜୈବିକ ଚାଉଳ ଉତ୍ପାଦନ ହେଉଥିବାରୁ ପ୍ରାଥମିକ ପର୍ଯ୍ୟାୟରେ ଆଗାମୀ ରଥଯାତ୍ରା ଠାରୁ ମହାପ୍ରଭୁଙ୍କ କୋଠ ଭୋଗ ପ୍ରସ୍ତୁତିରେ ସବୁଦିନ ଜୈବିକ ଚାଉଳ ବ୍ୟବହାର ହେବ । ସେପଟେ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ସୁଆର ମହାସୁଆର ନିଯୋଗ ଓ ସେବାୟତ ।

ଜୈବିକ ଚାଉଳରେ ମହାପ୍ରସାଦ ପ୍ରସ୍ତୁତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବହୁ ପୂର୍ବରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏହି କ୍ରମରେ କିଛି ଜୈବିକ ଚାଉଳକୁ କୋଠ ଭୋଗରେ ପ୍ରସ୍ତୁତ କରି ଚାଉଳର ମାନ ପରୀକ୍ଷା କରାଯାଇଥିଲା । ତେବେ ନୂଆ ଚାଉଳ ଯୋଗୁଁ କୋଠ ଭୋଗ ଅନ୍ନ ପ୍ରସ୍ତୁତିରେ କିଛି ସମସ୍ୟା ଦେଖାଦେଇଥିଲା । ଏଣୁ ପୁରୁଣା ଜୈବିକ ଚାଉଳକୁ ବ୍ୟବହାର ପାଇଁ ଶ୍ରୀମନ୍ଦିର ପ୍ରଶାସନ ଏବଂ ସୁଆର ମହାସୁଆର ନିଯୋଗ ନିଷ୍ପତ୍ତି ନେଇଛି ।




## ଏବେ ବି ସଡ଼କ ବିଜୁଳିରୁ ବଞ୍ଚିତ ନିୟମଗିରିର ଡଙ୍ଗରିଆ

**ଭୁବନେଶ୍ୱର,୨୪।୧୦: ତଥ୍ୟ**

ନିୟମଗିରି ପର୍ବତାମାଳାରେ ଥିବା ମୂଲ୍ୟବାନ ଖଣିଜ ସାମଗ୍ରୀ ଉପରେ କମ୍ପାନୀମାନେ ଲୋଲୁପ ଦୃଷ୍ଟି ପକାଉଥିବାବେଳେ ଏଠାରେ ବସବାସ କରୁଥିବା ଆଦିମ ଜନଜାତି ଡଙ୍ଗରିଆମାନଙ୍କ ଯେଉଁଭଳି ବିକାଶ ହେବାକଥା ତାହା ହୋଇପାରୁ ନାହିଁ । ଏବେ ବି ଏଠାରେ ବସବାସ କରୁଥିବା ଡଙ୍ଗରିଆମାନେ ସ୍ଥାୟୀ ସଡକ, ବିଦ୍ୟୁତ୍ ଆଲୋକ ଓ ପାଇପ୍ ଯୋଗେ ପାନୀୟଜଳ ଭଳି ସର୍ବନିମ୍ନ ମୌଳିକ ସେବା ପାଇବାରୁ ବହୁ ଦୂରରେ ।

ଡଙ୍ଗରିଆମାନେ ବିକାଶ ଠାରୁ ଦୂରରେ ରହୁଥିବାରୁ ସେମାନଙ୍କର ସରଳତାର ସୁଯୋଗ ନେଇ ଏକାଧିକ ସଂସ୍ଥା ଏବେ ନିୟମଗିରିରେ ଗଚ୍ଛିତ



ଖଣିଜ ସମ୍ପଦକୁ ହାତେଇବାପାଇଁ ବିଭିନ୍ନ ଉପାୟରେ ଉଦ୍ୟମ କରୁଛନ୍ତି । ଡଙ୍ଗରିଆମାନେ ବି ନିଜର ଭିଟାମାଟିର ସୁରକ୍ଷାପାଇଁ ଲଢୁଛନ୍ତି । ହେଲେ ସର୍ବନିମ୍ନ ମୌଳିକ ସୁବିଧାରୁ ଦୂରରେ ରହିଥିବାରୁ ଅନେକ ସ୍ଥାନରେ ସେମାନଙ୍କୁ ପ୍ରଲୋଭିତ ତଥା ପ୍ରଭାବିତ କରିବାରେ ଲୋକେ ସଫଳ ହେଉଛନ୍ତି । ନିୟମଗିରି ପର୍ବତମାଳାର ଡଙ୍ଗରିଆମାନଙ୍କ ସିଂହଭାଗ ରହିଛନ୍ତି ରାୟଗଡା ଜିଲ୍ଲାରେ । ଏହି ଜିଲ୍ଲାରେ ବିଷମକଟକ, ମୁନିଗୁଡା ଓ କଲ୍ୟାଣସିଂହପୁର ବ୍ଲକରେ ରହିଛି ୮୫ଟି ଡଙ୍ଗରିଆ ଗାଁ । ତେବେ ଏହିସବୁ ଗାଁ ମଧ୍ୟରୁ ଏବେ ବି ୩୬ଟି ଗାଁର ଡଙ୍ଗରିଆମାନେ ସ୍ଥାୟୀ ସଡକ ସୁବିଧା ପାଉଥିବାବେଳେ ୪୪ଟି ଗାଁର ଲୋକେ ବିଦ୍ୟୁତ୍ ଆଲୋକଠାରୁ ଦୂରରେ । ସେହିଭଳି ୫୯ଟି ଗାଁର ଲୋକଙ୍କ ପାଇଁ ପାଇପ୍ ଯୋଗେ ପାନୀୟଜଳ ଅପହଞ୍ଚ ।

ତେବେ କେତେକ ସରକାରଙ୍କ ଉଦ୍ୟମ ଓ କେତେକ ସଂସ୍ଥାଙ୍କ ସହଯୋଗ ଯୋଗୁଁ ଅଢେଇ ହଜାରରୁ ଅଧିକ ଡଙ୍ଗରିଆ ଆତ୍ମନିର୍ଭର ହୋଇଥିବା କୁହାଯାଉଛି । ଏମାନଙ୍କ ମଧ୍ୟରେ ସର୍ବାଧିକ ୧୨୬୪ଜଣ ବିଷମକଟକରେ ଥିବା ୩୩ଟି ଗାଁର । ହେଲେ ଏହି ୩୩ଟି ଗାଁ ମଧ୍ୟରୁ ୩୨ଟି ଗାଁ ଲୋକେ ପାଇପ୍ ଯୋଗେ ପାନୀୟଜଳ ପାଇବାରୁ ବଞ୍ଚିତ ହୋଇଥିବାବେଳେ ୭ଟି ଗାଁର ଲୋକେ ବିଜୁଳି ଦେଖି ନାହାନ୍ତି ।

କଲ୍ୟାଣସିଂହପୁର ବ୍ଲକର ୩୧ଟି **(ଶେଷ ପୃଷ୍ଠା ଦେଖନ୍ତୁ)**

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୫ ଅକ୍ଟୋବର ୨୦୨୫ । ଶନିବାର



## ନମ୍ବର ବିହିନ ଟ୍ରାକ୍ଟର ଚାପାରେ ପୂଜକଙ୍କ ମୃତ୍ୟୁ

**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ନମ୍ବର ବିହିନ ବେପରୁଆ ଇଟା ବୋଝେଇ ଟ୍ରାକ୍ଟର ଚଢି ଯିବାରୁ ବୃଦ୍ଧ ପୂଜକଙ୍କ ଅକାଳ ମୃତ୍ୟୁ ଘଟିଛି। ଘଟଣା ଅନୁସାରେ, ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅନ୍ତର୍ଗତ ଓଲମରା ପଞ୍ଚାୟତର ରାଜନଗର ଗାଁର ଛୋଟ ବସ୍ତି ବାଙ୍କ ରାସ୍ତାରେ ଏକ ଇଟା ବୋଝେଇ ଟ୍ରାକ୍ଟରର ଦ୍ରୁତଗତିରେ ସେହି ପଞ୍ଚାୟତର ଗୋପାଳପୁର ଗ୍ରାମର ପୂଜାରୀ ଲକ୍ଷ୍ମୀକାନ୍ତ କାନ୍ତ ଦାସଙ୍କ(୬୨) ଉପରେ ଚଢିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ଶୋଚନୀୟ ମୃତ୍ୟୁ ହୋଇଛି। ଶୁକ୍ରବାର ସକାଳେ ୧୧ଟା ସମୟରେ ଗ୍ରାମ ନିକଟ ଭଗବତୀ ଠାକୁରାଣୀଙ୍କ ପୂଜା ସାରି ଲକ୍ଷ୍ମିକାନ୍ତ ଘରକୁ ଫେରୁଥିଲେ। ୧ ଭିଓ୍ୱାଇ ୫୦୩୯ ଡିଜେଆରକେ ୦୭୮୯୭ ଚେଚିସ୍ ନମ୍ବରର ଜନ ଡିଅର ଟ୍ରାକ୍ଟର ପଛରୁ ଦୃତଗତିରେ ପୂଜାରୀଙ୍କୁ ଧକ୍କା ଦେଇ ମୁଣ୍ଡ ଉପରେ ଚଢି ଯାଇଥିଲ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବାବେଳେ, ରାଜନଗର ଗାଁ, ବିଦ୍ୟୁତ ମିଶ୍ରଙ୍କ ଟ୍ରାକ୍ଟର ବୋଲି ଜଣାପଡିଛି। ଚାଳକ ସାଗର ଘଡେଇ (୨୦) ମଦ୍ୟପାନ କରି ମୋବାଇଲରେ କଥା ହେବା ସହିତ ଟ୍ରାକ୍ଟର ଚଳାଉଥିବା ପ୍ରତ୍ୟକ୍ଷ ଦର୍ଶୀ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକ ଡ୍ରାଇଭରକୁ କାବୁ କରି ରାଇବଣିଆ ପୋଲିସଙ୍କୁ ହସ୍ତାନ୍ତର କରିଛନ୍ତି। ଲିଖିତ ଅଭିଯୋଗ ପରେ ରାଇବଣିଆ ପୋଲିସ ଭଙ୍ଗା ଇଟା ବୋଝେଇ ଟ୍ରାକ୍ଟର ସହ ଡ୍ରାଇଭରକୁ ଅଟକ ରଖି ତଦନ୍ତ ଜାରି ରଖିଛି। ପରିବାର ଲୋକ ଆମ୍ବୁଲାନ୍ସ ଯୋଗେ ଲକ୍ଷ୍ମୀକାନ୍ତଙ୍କୁ ହାତୀଗଡ ହସ୍ପିଟାଲକୁ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପାଇଁ ଜଳେଶ୍ୱର ପଠା ଯାଇଛି। ନମ୍ବର୍ ପ୍ଲେଟ ଓ ଲାଇସେନ୍ସ ନଥାଇ ଟ୍ରାକ୍ଟର ଚଳାଚଳା ନେଇ ଅଞ୍ଚଳରେ ଉଦବେଗ ପ୍ରକାଶ ପାଇଛି। ଲକ୍ଷ୍ମୀକାନ୍ତଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବା ବେଳେ କ୍ଷତିପୂରଣ ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି। ଅଞ୍ଚଳରେ ବହୁ ନମ୍ବର୍ ବିହିନ ଟ୍ରାକ୍ଟର ଚାଲୁଥିବା, ନାବାଳକ ଡ୍ରାଇଭର ଚାଳାଉ ଥିବା ଗାଡ଼ି ଉପରେ ଅଙ୍କୁଶ ଏବଂ ଅନେକ ଦେଶୀ ମଦ ଭାଟି ଉଚ୍ଛେଦ ଲାଗି ରାଇବଣିଆ ବାସୀ ଦାବି କରିଛନ୍ତି।

## ଚେନ୍ ଛିଣ୍ଡା ମନ୍ଦିର ଚୋରି ଘଟଣାରେ ପୋଲିସ୍ ହାତ ଖାଲି

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**

ନିଆଳି ପୋଲିସ୍‌ଙ୍କୁ ଚୋରଙ୍କ ଖୋଲା ଚ୍ୟାଲେଞ୍ଜିୟ ମଣିଷକୁ ତ ଛାଡିବା ଦୂରର କଥା ମନ୍ଦିରରେ ଠାକୁରଙ୍କୁ ବି ଛାଡିଲେଣି। ଘଟଣାକୁ ୭ ଦିନ ବିତି ଯାଇଥିଲେ ବି ପୋଲିସ୍ ହାତ ଖାଲି। ସୂଚନା ମୁତାବକ ନିଆଳି ଥାନା ଅନ୍ତର୍ଗତ ନିଭରଣ ପଞ୍ଚୟତ ନିଭରଣ ଗ୍ରାମରେ ଗ୍ରାମେଶ୍ୱର ମନ୍ଦିର ପରିସରରେ ଥିବା ପାର୍ବତୀ ମନ୍ଦିରରୁ ମା'ଙ୍କ ଲକ୍ଷାଧିକ ଟଙ୍କାର ଆସବା ପତ୍ର ସମେତ ରୁପା ମୁକୁଟ, ରୁପା ମାଳ ଚୋରି ହୋଇଥିବା ପୂଜକ ସଂଜୟ ଦୀକ୍ଷିତ ନିଆଳି ଥାନାରେ ଅଭିଯୋଗ କରିଛନ୍ତି। ସେଇଭଳି ନିଆଳି ଥାନା ଠାରୁ ମାତ୍ର ୨ କିଲୋମିଟର ଦୂର ଜଲାର ପୁର୍ ଗ୍ରାମରେ ଜଣେ ମହିଳା ଫୁଲ ତୋଳୁଥିବା ବେଳେ ଦୁଇ ଜଣ ଯୁବକ ବାଇକରେ ଆସି ମହିଳାଙ୍କ ବେକରୁ ଚେନ୍ ଚିଣ୍ଡାଇ ନେଇଥିବା ନିଆଳି ଥାନାରେ ଅଭିଯୋଗ ହୋଇଛି। ଦୁଇଟି ଘଟଣା ସମାନ ତାରିଖରେ ଘଟିଥିବା ବେଳେ ନିଆଳି ଥାନାରେ ଅଭିଯୋଗ ହୋଇଥିଲା। ଘଟଣାକୁ ୭ ଦିନ ବିତି ଯାଇଥିଲେ ବି ଏ ପର୍ଯ୍ୟନ୍ତ ପୋଲିସ୍ ହାତ ଖାଲି। ସୂଚନା ଥାଉ କି ନିଆଳି ଥାନାରେ ନୂତନ ଅଧିକାରୀ ଭାବେ ଦିଲ୍ଲୀପ୍ କୁମାର କାଣ୍ଡି ଯୋଗ ଦେଇଥିବା ବେଳେ ଏବେ ଏହି ଘଟଣା ପୋଲିସ ପାଇଁ ଏକ ପ୍ରକାର ଚ୍ୟାଲେଞ୍ଜ ସୃଷ୍ଟି କରିଛି।

## ବାୟୋମେଟ୍ରିକ୍ ଉପସ୍ଥାନ ମାନୁନାହାନ୍ତି ସରକାରୀ କର୍ମଚାରୀ

**ନିମାପଡ଼ା: ଏକ୍ସପ୍ରେସ ନ୍ୟୁଜ୍**



ସେପ୍ଟେମ୍ବର ୧୫ ତାରିଖରୁ ସରକାରୀ କାର୍ଯ୍ୟାଳୟରେ ବାୟୋମେଟ୍ରିକ ଉପସ୍ଥାନ ବାଧ୍ୟତାମୂଳକ ହୋଇଥିବା ବେଳେ ନିମାପଡ଼ାର ଅଧିକାଂଶ ସରକାରୀ କାର୍ଯ୍ୟାଳୟ କର୍ମଚାରୀ ମାନୁନାହାନ୍ତି ନିୟମକୁ। ମନଇଚ୍ଛା ଆସୁଛନ୍ତି, ମନଇଚ୍ଛା ଯାଉଛନ୍ତି। ସମସ୍ତେ ଭଲଭାବେ ଜାଣିଛନ୍ତି ଏହି ବାୟୋମେଟ୍ରିକ ଉପସ୍ଥାନ ଆଧାରରେ ଦରମା ପ୍ରସ୍ତୁତ ହେବାର ନାହିଁ। ମାସଶେଷରେ ଦରମା ବେଳକୁ ଉପସ୍ଥାନ ସଠିକ ହୋଇଯିବ। ଏଣୁ ନିର୍ଦ୍ଦେଶକୁ କେହି ଖାତିର କରୁନାହାନ୍ତି। ଯେଉଁ କାର୍ଯ୍ୟାଳୟମାନଙ୍କରେ ଫିଲ୍ଡ ଓ୍ୱାର୍କ ରହୁଛି ସେଠି ନିୟମ ପୁରା ଅଲଗା। ବିଳମ୍ବରେ ଆସିଲେ କହୁଛନ୍ତି ସକାଳୁ ଆମେ ଫିଲ୍ଡରେ ଥିଲୁ, ସମୟ ପୂର୍ବରୁ ଗଲେ ଉତ୍ତର ମିଳୁଛି ଫିଲ୍ଡରେ କାମ ଅଛି। ଗତମାସରୁ ଏହି ବ୍ୟବସ୍ଥା ବାଧ୍ୟତାମୂଳକ ହୋଇଥିଲେ ମଧ୍ୟ ଅନେକ କାର୍ଯ୍ୟାଳୟରେ ମେସିନ୍ ଲାଗିଛି କିନ୍ତୁ ସଠିକଭାବେ କାମ କରୁନି। ମେସିନକୁ ଖରାପ ଥିବା ଦର୍ଶାଇ ଖାତାରେ ଶତପ୍ରତିଶତ ଉପସ୍ଥାନ ଦେଖାଇ ମାସକର ଦରମା ନେଉଥିବାର ଅଭିଯୋଗ ହେଉଛି। ଅଧିକାଂଶ କାର୍ଯ୍ୟାଳୟରେ ଏଭଳି ଅବ୍ୟବସ୍ଥା ରହିଛି। ସରକାରୀ ନିର୍ଦ୍ଦେଶ ମୁତାବକ ସପ୍ତାହକୁ ୬ଦିନ ଏବଂ ମାସକୁ ୨୪ଦିନ ଡ୍ୟୁଟି କରିବାକୁ ଥିବାବେଳେ ଯଦି ବାୟୋମେଟ୍ରିକ ଉପସ୍ଥାନର ହିସାବ ଦେଖାଯାଏ ତେବେ ମାସକ ମଧ୍ୟରେ ମାତ୍ର ୧୪ଦିନର ଉପସ୍ଥାନ ବାହାରିବ ବୋଲି ଆଲୋଚନା ହେଉଛି। ବାୟୋମେଟ୍ରିକ ଉପସ୍ଥାନ ପ୍ରହସନରେ ପରିଣତ ହେଲାଭଳି ଲାଗୁଛି। ସ୍ଥାନୀୟ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଜମୁଛି କେନ୍ଦୁଝର ପ୍ରସିଦ୍ଧ କାଳୀପୂଜା

**କେନ୍ଦୁଝର: ଏକ୍ସପ୍ରେସ ନ୍ୟୁଜ୍**



କେନ୍ଦୁଝରର ପ୍ରସିଦ୍ଧ କାଳୀପୂଜା ସୋମବାର ବିଳମ୍ବିତ ରାତିରୁ ଯଥାରୀତି ଆରମ୍ଭ ହୋଇଛି । ଦୀର୍ଘ ୧୨ଦିନବ୍ୟାପୀ ଏହି ମହୋତ୍ସବକୁ ମନଭରି ଉପଭୋଗ କରିବା ପାଇଁ ଜିଲାବାସୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି । ଅନୁକୂଳ ପାଗ ସାଙ୍ଗକୁ ମୀନାବଜାର, ବାଣିଜ୍ୟମେଳା, ଖାଦ୍ୟମେଳା ଆୟୋଜନ ଭକ୍ତ ଓ ଦର୍ଶକଙ୍କ ମନରେ ପୂଜା ଆରମ୍ଭରୁ ପୂଜାବଜାରକୁ ବେଶ୍ ସରଗରମ କରିଛି । କେନ୍ଦୁଝର ପ୍ରସିଦ୍ଧ କାଳୀପୂଜା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୩ଦିନିଆ କେନ୍ଦୁଝର ଗସ୍ତରେ ଆସି କେନ୍ଦୁଝର ସହରର ମାଧପୁରସ୍ଥିତ ମା'କାଳୀଙ୍କ ଶକ୍ତିପୀଠ, କାଳୀପଡିଆସ୍ଥିତ କାଳୀତୀର୍ଥ, ଟେଲିଫୋନ ଏକ୍ସଚେଞ୍ଜଛକ ମା' କାଳୀପୂଜା ଓ କାଶୀପୁରସ୍ଥିତ ମା' ଶ୍ମଶାନକାଳୀ ପୂଜା କମିଟି ପକ୍ଷରୁ ଆୟୋଜିତ ବିଭିନ୍ନ ପୂଜାମଣ୍ଡପ ବୁଲି ମା'ଙ୍କ ଆଶିର୍ବାଦ ଭିକ୍ଷା ସହ ରାଜ୍ୟବାସୀଙ୍କ ମଙ୍ଗଳ କାମନା କରିଥିଲେ ।

ସୋମବାର ରାତିରୁ ଯଥାରିତୀ କଳସ ଶୋଭାଯାତ୍ରା ପରେ ନିଶାର୍ଦ୍ଧରେ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି । ମାଧପୁରସ୍ଥିତ ମା'କାଳୀ ଓ କେନ୍ଦୁଝର ସହର ଉପକଣ୍ଠ ସରାସସ୍ଥିତ ମା'କାଳୀଙ୍କ ଶକ୍ତି ପୀଠ ସମେତ କାଳୀପଡିଆସ୍ଥିତ କାଳୀତୀର୍ଥ ପୂଜା କମିଟି ପକ୍ଷରୁ ଆୟୋଜିତ କାଳୀପୂଜା, ଟେଲିଫୋନ ଏକ୍ସଚେଞ୍ଜ ସମ୍ମୁଖ ମା' କାଳୀପୂଜା କମିଟି, କାଶୀପୁର ଶ୍ମଶାନକାଳୀ, ମାଇନିଂରୋଡସ୍ଥିତ ମାଇନିଂ ବଜାର କାଳୀପୂଜା କମିଟି ପକ୍ଷରୁ ୪ଟି ପୂଜାମଣ୍ଡପରେ ଏହି ପୂଜା ବେଶ୍ ଧୁମଧାମ୍‌ରେ ଆରମ୍ଭ ହୋଇଛି । ତେବେ ସହରର ୪ ପ୍ରମୁଖ ପୂଜାମଣ୍ଡପର ସୁଦୃଶ୍ୟ ତୋରଣ ଓ ମା'ଙ୍କ ମୃଣ୍ମୟ ପ୍ରତିମୂର୍ତ୍ତି ସାଙ୍ଗକୁ ଆଲୋକ ସାଜସଜ୍ଜାରେ କେନ୍ଦୁଝର ସହର ବେଶ୍ ଝଲସୁଛି ।

୨୯ତାରିଖରେ କାଶୀପୁର ଶ୍ମଶାନକାଳୀ, ୩୧ ତାରିଖରେ କାଳୀପଡିଆସ୍ଥିତ କାଳୀତୀର୍ଥ ମା'କାଳୀ ପୂଜାକମିଟି ଏବଂ ନଭେମ୍ବର ୨ତାରିଖରେ ଟେଲିଫୋନ ଏକ୍ସଚେଞ୍ଜଛକ ମା'କାଳୀ ପୂଜାକମିଟି ପକ୍ଷରୁ ଭସାଣ ଉତ୍ସବ ମହାସମାରୋହରେ ପାଳନ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି । ଦୀର୍ଘ ୧୨ଦିନବ୍ୟାପୀ ଅନୁଷ୍ଠିତ ଏହି ମେଳାକୁ ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ପୂଜା କମିଟି ପକ୍ଷରୁ ନିବେଦନ କରାଯାଇଥିବା ବେଳେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ।

## ରିଘାଗଡରୁ ୯ଫୁଟର ଅଜଗର ଓ ଖମାରସାହିରୁ ୫ଫୁଟର ତମ୍ପସାପ ଉଦ୍ଧାର

**ରାଜନଗର: ଏକ୍ସପ୍ରେସ ନ୍ୟୁଜ୍**

ରାଜନଗର ବ୍ଲକ ଇଶ୍ୱରପୁର ପଞ୍ଚାୟତ ରିଘାଗଡ (ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ) ଗ୍ରାମରୁ ବନବିଭାଗର ଟିମ୍ ୯ଫୁଟ ଲମ୍ବର ଅଜଗର ସାପକୁ ଉଦ୍ଧାର କରିଛି। ଏହି ଗ୍ରାମର ଦୁଃଶାସନ ବେହେରା (ନେମୁଣା)ଙ୍କ ବାଡରେ ଲଗାଯାଇଥିବା ମନୋଫିଲାମେଣ୍ଟ ଜାଲରେ ଏକ ଅଜଗର ଲାଗି ଯାଇଥିବା ନେଇ ବନବିଭାଗକୁ ଖବର ଦେଇଥିଲେ। ସହକାରୀ ବନସଂରକ୍ଷକ ମାନସକୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ନବୀନକୁମାର ମଲ୍ଲିକଙ୍କ ନେତୃତ୍ୱରେ ଫରେଷ୍ଟଗାର୍ଡ ବବୁଲ ପରିଡା ଓ କର୍ମଚାରୀମାନେ ପହଞ୍ଚି ଜାଲରେ ଲାଗିଥିବା ଅଜଗରଟିକୁ ଉଦ୍ଧାର କରି ଜାତୀୟ ଉଦ୍ୟାନରେ ଛାଡି ଦେଇଥିଲେ। ସେହିପରି ଖମାରସାହି ଗ୍ରାମର ମଣ୍ଟୁ ପରିଡାଙ୍କ ବାଡରେ ଦିଆଯାଇଥିବା ଜାଲରେ ୫ଫୁଟ ଲମ୍ବର ଲମ୍ପ ସାପଟି ଲାଗି ଯାଇଥିଲା। ଫରେଷ୍ଟର ବବୁଲ ପରିଡା ଓ ଅନ୍ୟ କର୍ମଚାରୀମାନେ ପହଞ୍ଚି ତମ୍ପ ସାପଟିକୁ ଉଦ୍ଧାର କରି ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ଛାଡି ଦେଇଥିଲେ।

## ଦୁଇ ଅଲଗା ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**କଳିଙ୍ଗନଗର: ଏକ୍ସପ୍ରେସ ନ୍ୟୁଜ୍**



କଳିଙ୍ଗନଗର ଅଞ୍ଚଳରେ ଗୁରୁବାର ଦୁଇ ଅଲଗା ଅଲଗା ସ୍ଥାନରେ ଦୁର୍ଘଟଣା ଘଟି ଜଣେ ମୃତ ଏବଂ ଜଣେ ଗୁରୁତର ଆହତ ହୋଇଥିବା ଖବର ମିଳିଛି। ପ୍ରଥମ ଘଟଣା ସାରଙ୍ଗପୁର ହାଟ ନିକଟରେ ଘଟିଛି। ଜଣେ ବ୍ୟକ୍ତି ହାଟରୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଜେସିବି ମେସିନ ଧକ୍କା ଦେଇଥିଲା। ମୃତ ବ୍ୟକ୍ତିଙ୍କ ଚିହ୍ନଟ ଟମକା ଥାନା ଫୁଲଝର ଅଞ୍ଚଳର ଜିତେନ୍ ପୂର୍ତ୍ତି (ବୟସ ୪୦) ବୋଲି ହୋଇଛି। ସେ କଳିଙ୍ଗନଗରସ୍ଥ ଏକ କାରଖାନାରେ ଶ୍ରମିକ ଭାବେ କାମ କରୁଥିଲେ। ଜେସିବି ମେସିନ ମୁଣ୍ଡ ଉପରେ ଗଳିଯିବା ଫଳରେ ଆଗପଟ ମୁଣ୍ଡ ଭିତରକୁ ପଶିଯାଇଥିଲା ତାଙ୍କର ଘଟଣାସ୍ଥଳରେ ମୃତ୍ୟୁବରଣ ହୋଇଥିବା ସ୍ଥାନୀୟ ଲୋକେଙ୍କ ଠାରୁ ସୂଚନା ମିଳିଛି। ସ୍ଥାନୀୟ ଲୋକ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଦାନଗଦି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। କିନ୍ତୁ ଡାକ୍ତର ତାଙ୍କର ପରୀକ୍ଷା ପରେ ତାଙ୍କର ମୃତହୋଇଥିବା ଘୋଷଣା କଲେ। ଘଟଣା ପରେ ଜେସିବି ମେସିନ ଯାହାର ନମ୍ବର ଓଡି ୦୪ଏଲ-୩୨୨୦ ଓ ଡ୍ରାଇଭରକୁ କଳିଙ୍ଗନଗର ପୋଲିସ ନିଜ ହେପାଜତକୁ ନେଇଛି। ଦ୍ୱିତୀୟ ଘଟଣା କାଳିଆପାଣି ଖଣି ଅଞ୍ଚଳରେ ଘଟିଛି। ଜଣେ ଯୁବକ ଶଶୁର ଘର କେଉଁଝରରୁ ବାଇକ ଯୋଗେ ଫେରୁଥିବା ବେଳେ, ବ୍ରହ୍ମଣିପାଲ ନିକଟରେ ବାଇକରେ ମାଙ୍କଡ ପଶିଯିବାରୁ ନିୟନ୍ତ୍ରଣ ହରାଇ ଦୁର୍ଘଟଣା ଘଟିଥିଲା। ଯୁବକ ଜଣଙ୍କ ଚିହ୍ନଟ ଶତ୍ରୁଘନ ବେହେରାଙ୍କ ପୁତ୍ର, କାଳିଆପାଣି ଅଞ୍ଚଳବାସୀ ବୋଲି ଜଣାପଡିଛି। ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଦାନଗଦି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ିଦେଇଛନ୍ତି। ଖବର ଲେଖା ହେବା ବେଳକୁ ମାମଲା ରୁଜୁ ହୋଇନଥିବା ଜଣା ପଡିଛି। ଘଟଣା ଉପରେ ପୋଲିସ ଅନୁସନ୍ଧାନ ଆରମ୍ଭ କରିଛି।

## ଜବରଦଖଲ ଉଚ୍ଛେଦ କରାଯିବ: ଜିଲ୍ଲାପାଳ

**ଅସ୍ତରଙ୍ଗ: ଏକ୍ସପ୍ରେସ ନ୍ୟୁଜ୍**




ଅସ୍ତରଙ୍ଗ କାକଟପୁର ମୁଖ୍ୟ ବଜାର ସର୍ବସାଧାରଣ ରାସ୍ତାକୁ କିଛି ଅସାଧୁ ବ୍ୟକ୍ତି ମାଡ଼ିବସି ଭଡ଼ା ସୂତ୍ରରେ ମାର୍କେଟ କମ୍ପ୍ଲେକ୍ସ ଗଢ଼ି ତୋଳିଛନ୍ତି। ଉକ୍ତ ଘର ସ୍ଥାୟୀ ଦୋକାନ ହେବା ଫଳରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସାଧାରଣ ଲୋକେ। ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ଜାମ ହେବା ସହ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଏ ସମ୍ପର୍କରେ ବିଭିନ୍ନ ମହଲରୁ ଉଚ୍ଛେଦ ଦାବି କରାଯାଉଥିବା ବେଳେ ଓଡ଼ିଶା କର୍ମଜୀବି ସାମ୍ବାଦିକ ସଂଘ ପୁରୀ ଜିଲ୍ଲା ଶାଖା ଓ ଅସ୍ତରଙ୍ଗ ପ୍ରେସ୍ କ୍ଲବ୍‌ର ସଭାପତି ଶରତ ପରିଡ଼ା ପୁରୀ ଜିଲ୍ଲାପ୍ରଶାସନକୁ ଅବଗତ କରାଯାଇଥିଲା। ଜିଲ୍ଲା ପ୍ରଶାସନ ଗୁରୁତ୍ୱ ସହ ନେଇ ନିମାପଡ଼ା ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ କୁଶଳ କୁମାର ହେମ୍ବ୍ରମ ଉଭୟ ଅସ୍ତରଙ୍ଗ, କାକଟପୁର ତହସିଲଦାରଙ୍କୁ ଚିଠି ନଂ ୭୬୭ ତା ୧୧.୦୭.୨୦୨୫ ରିଖ ପୂର୍ତ୍ତ ବିଭାଗର ରାସ୍ତାକୁ ଚିହ୍ନଟ କରାଯାଇ ଜବଲଦଖଲ ଉଚ୍ଛେଦ କରିବାକୁ ଚିଠି ଲେଖିଥିଲେ। ତିନି ମାସରୁ ଉର୍ଦ୍ଧ୍ୱ ଦିନ ବିତିଯାଇଥିଲେ ମଧ୍ୟ ଅତିରିକ୍ତ ଅମିନ ଯୋଗାଇ ଦେବାକୁ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପତି ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଥିବା ବେଳେ କାକଟପୁର ତହସିଲଦାର ଚିଠିକୁ ଚିଠିରେ ରଖି କାର୍ଯ୍ୟାନୁଷ୍ଠାନ ନନେବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଗଣମାଧ୍ୟମର ପ୍ରତିନିଧି ପୁରୀ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶରତ ବେହେରାଙ୍କୁ ପଚାରିବାରୁ କୁହନ୍ତି ବିଭାଗ ପକ୍ଷରୁ ତ୍ୱରାନ୍ୱିତ ପଦକ୍ଷେପ ଗ୍ରହଣ କରାଯାଉଛି। ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି ଅକ୍ଟୋବର ମାସ ଶେଷ ସୁଦ୍ଧା ଜାଗା ଚିହ୍ନଟ କରାଯାଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ।

### ବାଣିଜ୍ୟ

## ରୁଷକୁ ଘେରିଲେ ପାଶ୍ଚାତ୍ୟ ରାଷ୍ଟ୍ର: ତେଲ କାରବାର ଉପରେ କଡା କଟକଣା

**ନୂଆଦିଲ୍ଲୀ/ଓ୍ୱାସିଂଟନ: ଏକ୍ସପ୍ରେସ ନ୍ୟୁଜ୍**

ରୁଷ୍ ତେଲ ବିକ୍ରି ଉପରେ ଯୁକ୍ତରାଷ୍ଟ୍ର ଆମେରିକା ବଡଧରଣର କଟକଣା ଲଗାଇଛି। ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହିତ ହେବାକୁ ଥିବା ଆଲୋଚନାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାତିଲ କରିବା ପରେ ଟ୍ରମ୍ପ ପ୍ରଶାସନ ପକ୍ଷରୁ କଠୋର ପଦକ୍ଷେପ ଘୋଷଣା କରାଯାଇଛି। ୟୁକ୍ରେନ ଯୁଦ୍ଧ ତୁରନ୍ତ ବନ୍ଦ ପାଇଁ ମସ୍କୋ ଓ ପୁଟିନଙ୍କ ଉପରେ ଚାପ ପ୍ରୟୋଗ ପାଇଁ ଆମେରିକା ଏଭଳି ପଦକ୍ଷେପ ନେଇଛି।

କଟକଣା ଲଗାଇବାର ସମୟ ଏବେ ବୋଲି ଟ୍ରମ୍ପ କହିଛନ୍ତି। ଆମେରିକାର ଟ୍ରେଜେରି ସଚିବ ସ୍କଟ ବେସେଣ୍ଟ ବୁଧବାର କହିଥିଲେ ହତ୍ୟା ବନ୍ଦ ସହିତ ତୁରନ୍ତ ଯୁଦ୍ଧ ବିରତିର ସମୟ ବର୍ତ୍ତମାନ ବୋଲି ସେ କହିଥିଲେ। ଯୁଦ୍ଧ ବନ୍ଦ ପାଇଁ ପୁଟିନ ମନା କରିବା ପରେ ଆମେରିକା ଟ୍ରେଜେରି ରୁଷ୍‌ର ଦୁଇଟି ବୃହତ୍ ତେଲ କମ୍ପାନି ଉପରେ କଟକଣା ଲଗାଇଛି। କ୍ରେମଲିନର ଯୁଦ୍ଧ ମେସିନକୁ ଏମାନେ ପାଣ୍ଠି ଯୋଗାଉଛନ୍ତି ବୋଲି ବେସେଣ୍ଟ୍ କହିଛନ୍ତି। ଯୁଦ୍ଧ ବନ୍ଦ କରିବା ପାଇଁ ଆବଶ୍ୟକ ପଡିଲେ ଅଧିକ କଟକଣା ମଧ୍ୟ ଲଗାଯାଇ ପାରେ ବୋଲି ବେସେଣ୍ଟ କହିଛନ୍ତି।

ଏହି କଟକଣା ଦ୍ୱାରା ରୁଷ୍‌ର ଦୁଇ ବୃହତ୍ ତେଲ କମ୍ପାନି ରୋଜନେଫ୍ଟ ଏବଂ ଲୁକଅଏଲ୍ ସମେତ ସେମାନଙ୍କ ପ୍ରାୟ ୩ ଜଣ ସହାୟକ କମ୍ପାନି ପ୍ରଭାବିତ ହେବେ। ଗତ ସପ୍ତାହରେ ରୋଜନେଫ୍ଟ ଏବଂ ଲୁକ୍‌ଅଏଲ୍ ଉପରେ ବ୍ରିଟେନ କଟକଣା ଲଗାଇଥିଲା। ୟୁରୋପୀୟ ସଂଘ ମଧ୍ୟ ରୁଷ୍ ଉପରେ ଗୁରୁବାର ଆଉ ଏକ ପର୍ଯ୍ୟାୟ କଟକଣା ଲଗାଇଛି। ଏଥିରେ ରୁଷରୁ ଏଲ୍‌ଏନ୍‌ଜି ଆମଦାନିକୁ ନିଷିଦ୍ଧ କରାଯାଇଛି। ଆମେରିକାର କଟକଣାକୁ ୟୁକ୍ରେନ ରାଷ୍ଟ୍ରପତି ବୋଲଡିମିର ଜେଲେନସ୍କି ସ୍ୱାଗତ କରିଛନ୍ତି। କିନ୍ତୁ ରୁଷ୍ ବିଦେଶ ମନ୍ତ୍ରାଳୟ ଆମେରିକାର ଏହି ପଦକ୍ଷେପକୁ ସମାଲୋଚନା କରିଛି। ଏହା ଆଦୌ ଫଳପ୍ରଦ ହେବନାହିଁ ବୋଲି ରୁଷ୍ କହିଛି। ଅର୍ଥନୀତି ପାଇଁ କୌଣସି ସମସ୍ୟା ସୃଷ୍ଟି କରିବ ନାହିଁ ବୋଲି ମଧ୍ୟ ମସ୍କୋ କହିଛି।

ଉଲ୍ଲେଖଯୋଗ୍ୟ, ଚଳିତବର୍ଷ ଜାନୁଆରିରେ ଆମେରିକାର ବାଇଡେନ ପ୍ରଶାସନ ରୁଷ୍‌ର ଅନ୍ୟ ତେଲ କମ୍ପାନି ଉପରେ ଯଦିଓ କଟକଣା ଲଗାଇଥିଲା କିନ୍ତୁ ରୋଜନେଫ୍ଟ ଓ ଲୁକଅଏଲ ଉପରେ କଟକଣାକୁ ଅଟକ ରଖାଯାଇଥିଲା। ଆମେରିକାର କଟକଣା ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବୃଦ୍ଧି ପାଇଛି। ଭାରତର ତୈଳ ଆମଦାନିକାରୀମାନେ ରୁଷ୍ ତେଲ ଆମଦାନିକୁ ହ୍ରାସ କରିବାକୁ ପଦକ୍ଷେପ ନେଉଛନ୍ତି ବୋଲି ରଏଟର୍ସ ପକ୍ଷରୁ କୁହାଯାଇଛି। ଯେଉଁ ଦୁଇଟି କମ୍ପାନି ଉପରେ ଆମେରିକା କଟକଣା ଲଗାଇଛି ସେମାନେ ରୁଷ୍‌ର ମୋଟ ଅଶୋଧିତ ତେଲ ରପ୍ତାନିରେ ଅଧାରୁ ଅଧିକ ଯୋଗଦାନ ରହିଛି। ଓ୍ୱାସିଂଟନସ୍ଥିତ ପିଟରସନ ଇନଷ୍ଟିଚ୍ୟୁଟ୍ ଫର୍ ଇଣ୍ଟରନ୍ୟାସନାଲ ଇକୋନୋମିକ୍ସର ବରିଷ୍ଠ ଗବେଷକ ଏଲିନା ରିବାକୋଭା କହିଛନ୍ତି ଯେ ଏଭଳି କମ୍ପାନି ସହିତ ଆର୍ଥିକ କାରବାର ଯୋଗାଇ ଦେଉଥିବା ସଂସ୍ଥା ଏହି କାର୍ଯ୍ୟ କରିବାକୁ ଆଉ ଥରେ ଚିନ୍ତା କରିବେ। କଟକଣା ଲଗାଯାଇଥିବା କମ୍ପାନି ସହିତ ଯଦି କୌଣସି ବ୍ୟାଙ୍କ କାରବାର କରୁଥିବା ଜଣାପଡି ତାହେଲେ ଆମେରିକା ବଜାର, ଆମେରିକା ମୁଦ୍ରା ଏବଂ ଆମେରିକା ପେମେଣ୍ଟ ବ୍ୟବସ୍ଥା ସହିତ ସେମାନଙ୍କ ସଂପର୍କକୁ ଛିନ୍ନ କରାଯିବ ବୋଲି ରିବାକୋଭା କହିଛନ୍ତି।

ରୁଷ୍‌ର ଏହି ଦୁଇ କମ୍ପାନି ଉପରେ ଆମେରିକା କଟକଣା ଲଗାଇବା ପରେ ଭାରତ ଏହାର ଆମଦାନି କମାଇଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ବର୍ତ୍ତମାନ ରୁଷ୍ କମ୍ପାନିଠାରୁ ତେଲ କିଣିବା କମାଇବାକୁ କିମ୍ବା ବନ୍ଦ କରିବାକୁ ଯୋଜନା କରୁଛି ବୋଲି ଶିଳ୍ପ ସୂତ୍ରରୁ ଉଦ୍ଧାର କରି ରଏଟର୍ସ କହିଛି। ସେହିଭଳି ଇଣ୍ଡିଆନ୍ ଅଏଲ୍ ଏବଂ ଭାରତ ପେଟ୍ରୋଲିୟମ ଭଳି ରାଷ୍ଟ୍ରାୟତ୍ତ ତୈଳ କମ୍ପାନି ରୋଜନେଫ୍ଟ ଏବଂ ଲୁକଅଏଲଠାରୁ ସିଧାସଳଖ ଯେଭଳି ଅଶୋଧିତ ତେଲ ନଆସିବ ତାହାକୁ ନିଶ୍ଚିତ କରିବା ପାଇଁ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅବ୍ୟବସ୍ତ ମଧ୍ୟରେ ଶେଷ

**ଗୋପ: ଏକ୍ସପ୍ରେସ ନ୍ୟୁଜ୍**




ପୁରୀ ଜିଲ୍ଲାର ଗୋପ ବ୍ଲକ ପକ୍ଷରୁ ଭିନ୍ନକ୍ଷମମାନଙ୍କ ପାଇଁ ଉଦ୍ଦିଷ୍ଟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଗତ ୨୪ ତାରିଖ ଶୁକ୍ରବାର ଦିବା ୯.୦୦ ଘଟିକା ସମୟରେ ଗୋପ ସ୍ଥିତ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ଅଭିଜ୍ଞ ଓ ବିଶେଷଜ୍ଞମାନଙ୍କ ଦ୍ୱାରା ଶାରୀରିକ ଭିନ୍ନକ୍ଷମ, ଦୃଷ୍ଟିହୀନ, ମାନସିକ ଅନାଗ୍ରସର, ଶ୍ରବଣ ଓ ବାକ ଶକ୍ତି ରହିତ ତଥା ବିଭିନ୍ନ ରକ୍ତ ଜନିତ ରୋଗ ଗ୍ରସ୍ତ ବ୍ୟକ୍ତିମାନଙ୍କୁ ପରୀକ୍ଷା କରାଯିବାର କାର୍ଯ୍ୟକ୍ରମ ଥିଲା। ମୋଟ ୭୪୨ ଜଣ ଶାରୀରିକ ଭିନ୍ନକ୍ଷମ ବ୍ୟକ୍ତି ପଞ୍ଜିକରଣ କରିଥିଲେ ଆଉ ଡାକ୍ତରଙ୍କ ଦ୍ୱାରା ପରୀକ୍ଷଣ ଓ ନିରୀକ୍ଷଣ କରାଯାଇଥିଲା। ପୁରୀ ଜିଲ୍ଲାର ସବୁଠୁ ବଡ଼ ବ୍ଲକଟି ହେଉଛି ଗୋପ ବ୍ଲକ। ଉକ୍ତ ବ୍ଲକରେ ୩୧ ପଞ୍ଚାୟତ ଓ ଗୋଟିଏ ବିଜ୍ଞାପିତ ଅଞ୍ଚଳ ରହିଛି। ଆସିଥିବା ଭିନ୍ନକ୍ଷମ ବ୍ୟକ୍ତି ଓ ତାଙ୍କ ସହଯୋଗୀଙ୍କ ପାଇଁ ଆବଶ୍ୟକୀୟ ବନ୍ଦୋବସ୍ତ ନ ଥିବା ହେତୁ ଉଭୟେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବିନା ପ୍ରଚାର ଓ ପ୍ରସାରରେ କିପରି ସମସ୍ତ କାର୍ଯ୍ୟକ୍ରମ ହୋଇଯିବ ଆଉ ଟଙ୍କାଟେ ଖର୍ଚ୍ଚ କରାନଯାଇ ସମସ୍ତ ଅର୍ଥକୁ କିପିରି ହଡପ କରାଯିବ ସେଥିପାଇଁ ବୋଭାଗୀୟ ଅଧିକାରିଣୀ ଧୂରନ୍ଦର। ମୋଟାମୋଟି କହିବାକୁ ଗଲେ ଗୋପ ବ୍ଲକ ପ୍ରଶାସନ ରାଜ୍ୟ ସରକାରଙ୍କର କୌଣସି ଜନହିତକର ଯୋଜନାକୁ ସଠିକ ସମୟରେ ପହଞ୍ଚାଇବାରେ ସଂପୂର୍ଣ୍ଣ ଅସମର୍ଥ। ଏହାଦ୍ୱାରା ରାଜ୍ୟ ସରକାରୀ କିପରି ବଦନାମ ହେବେ ସେଥିପାଇଁ ତତ୍ପରତା। ଯଦିଓ ନିୟମାବଳୀ ରହିଛି ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସମସ୍ତ ପ୍ରକାର ସହଯୋଗ କରିବାକଥା କିନ୍ତୁ ସେ କ୍ଷେତ୍ରରେ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ କୌଣସି ତତ୍ପରତା ଦେଖିବାକୁ ମିଳୁନଥିଲା। ଏ କ୍ଷେତ୍ରରେ ଗୋପର କିଛି ସମାଜସେବୀ ତାଙ୍କ ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମକୁ ସାମାଜିକ ଗଣମାଧ୍ୟମରେ ଜୋର ସୋର ପ୍ରଚାର ପ୍ରସାର କରିବା ଫଳରେ ସଂଖ୍ୟାଧିକ ବ୍ୟକ୍ତି ଉକ୍ତ ଶିବିରକୁ ଆସିଥିଲେ। ଅନଲାଇନ ପ୍ରମାଣପତ୍ର ପ୍ରଦାନ କରାଯିବ। ତେଣୁ କୌଣସି ପ୍ରମାଣ ପତ୍ର ପାଇ ନ ଥିବା କିମ୍ବା ହାତଲେଖା ପ୍ରମାଣପତ୍ର ଥିବା ଭିନ୍ନକ୍ଷମ ବ୍ୟକ୍ତିମାନେ ଏହି ଶିବିରରେ ନିଜକୁ ପରୀକ୍ଷା କରାଇ ଅନଲାଇନ ପ୍ରମାଣପତ୍ର ହାସଲ କରିବାକୁ ଅନୁରୋଧ କରାଯାଉଛି। ମୋଟାମୋଟି କହିବାକୁ ଗଲେ ଯେଉଁ କାର୍ଯ୍ୟ ଗୁଡିକ ଗୋପ ବ୍ଲକ ପ୍ରଶାସନ କରିବାକଥା ତାହା ସବୁ ସ୍ଥାନୀୟ ସମାଜସେବୀଙ୍କ ଦ୍ୱରା ପରିଚାଳିତ ହୋଇଥିଲା। ଗତ ୨୩ ତାରିଖ ଗୁରୁବାର ଦିନ ୧୧ଟା ସମୟରେ ଗୋପ ବ୍ଲକ ପରିସରରେ ଏକ ଅଟୋରେ ଗୋଟେ ବକ୍ସରେ ପେନ ଡ୍ରାଇଭ ସାହାଯ୍ୟରେ ପ୍ରଚାର ଆରମ୍ଭ ହୋଇଥିଲା। କିନ୍ତୁ ଉକ୍ତ ସମୟରେ ସାଉଣ୍ଡ ବକ୍ସ ଟିର ବ୍ୟାଟେରି ଲୋ ହୋଇଯାଇଥିଲା ଆଉ ପ୍ରଚାର ହୋଇପାରିନଥିଲା। ଶେଷରେ ଅଟୋଟି ବ୍ଲକ ପରିସରରୁ ଫେରି ଫେରିଗଲା। ଏ ଭଳି ରୁଗ୍ନ ମାନସିକତା ଅଧିକାରୀ ଗୋପ ବ୍ଲକ ପାଇଁ ବିପଦ ହୋଇପାରନ୍ତି ଏଣୁ ତାଙ୍କୁ ତୁରନ୍ତ ଅନ୍ୟତ୍ର ବଦଳୀ କରାଯାଉ ବୋଲି ଗୋପ ବ୍ଲକର ସମସ୍ତ ସମାଜସେବୀ ଓ ବିଦ୍ଧିଜୀବୀ ଏବଂ ବରିଷ୍ଠ ବ୍ୟକ୍ତିଙ୍କ ପକ୍ଷ ଦାବି କରାଯାଉଛି। ଆବଶ୍ୟକୀୟ ଅନୁଯାୟୀ କାର୍ଯ୍ୟ କରୁନଥିବାରୁ ଗୋପ ଅଞ୍ଚଳରେ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଦୂରଦୂରାନ୍ତରୁ ଅସୁଥିବା ଶାରୀରିକ ଭିନ୍ନକ୍ଷମ ବ୍ୟକ୍ତି ଓ ତାଙ୍କ ସହଯୋଗୀମାନେ ଗାଡି ମଟର ଆଦି ଭଡାରେ ଆଣି ଶିବିରକୁ ଆସୁଥିଲେ କଲେ କ'ଣ ସୁବିଧା ସଯୋଗ ମିଳିବ କି? କିନ୍ତୁ ସୁବିଧା ସଯୋଗ ଅପେକ୍ଷା ହଇରାଣ ହରତକ ହୋଇ ଘରକୁ ଫେରିଥିଲେ। ଅଧିକାଂଶ ବ୍ୟକ୍ତି ୟୁଡ଼ିଆଇଡ଼ି ପୋଟାଲ ରେ ପଞ୍ଜିକରଣ କରିନଥିବାରୁ ସେମାନଙ୍କୁ ଶିବିର ଫେରାଇ ଦିଆଗଲା। ଯାହାଫଳରେ କି ଶତାଧିକ ଭିନ୍ନକ୍ଷମ ବ୍ୟକ୍ତି ନିରାଶ ହୋଇ ଘରକୁ ଫେରୁଥିଲେ। ଦାୟିତ୍ୱରେ ଥିବା ଭତ୍ତା ପ୍ରଦାନ ଅଧିକାରିଣୀ ମମତା ଜେନାଙ୍କୁ ତଥ୍ୟ ମାଗିଲେ ପ୍ରଦାନ କରୁନାହାନ୍ତି କି ଫୋନ କଲେ ମଧ୍ୟ ଉଠାଉନାହାନ୍ତି। ପୂର୍ବରୁ ଶ୍ରୀମତୀ ଜେନାଙ୍କ ବିରୁଦ୍ଧରେ ଅନେକ ଅନିୟମିତତା ସହିତ ଏକାଧିକ ଅଭିଯୋଗ ଥିବା ସତ୍ତ୍ୱେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନ ହେବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଭତ୍ତା ପ୍ରଦାନ କ୍ଷେତ୍ରରେ ଅନିୟମିତତା ଓ ଦୁର୍ବ୍ୟବହାର ଏବଂ ମାସ ମାସଧରି ଭତ୍ତା ପ୍ରଦାନ କରୁନଥିବା ସ୍ଥଳେ ଏହା ଏକ ପ୍ରହସନରେ ପରିଣତ ହେବାକୁ ଯାଉଛି ବୋଲି ସାଧାରଣ ଆଲୋଚନା ହେଉଛି।

### ସିନେମାଫିନେମା ଟିଭିଫିଭି

## 'ସି-ସେକ୍ସନ୍' ପ୍ରସବ ଅସ୍ୱାଭାବିକ ନୁହେଁ, ମୋର ଦୁଇଥର ହୋଇଛି: କରିନା

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**



ବଲିଉଡ୍ ଅଭିନେତ୍ରୀ କରିନା କପୁର ଖାନ୍ ତାଙ୍କର ଦୁଇ ପୁଅ ତୈମୁର ଓ ଜେହାଙ୍ଗିରଙ୍କୁ 'ସି-ସେକ୍ସନ୍' (ଶଲ୍ୟ ଚିକିତ୍ସା ଦ୍ୱାରା ପ୍ରସବ) ମାଧ୍ୟମରେ ଜନ୍ମ ଦେବା ବିଷୟରେ ଖୋଲାଖୋଲି ଭାବେ କହିଛନ୍ତି। ସେ ଜୋର ଦେଇ କହିଛନ୍ତି ଯେ, କୌଣସି ପ୍ରସବ ପଦ୍ଧତି ଅନ୍ୟଠାରୁ ଭଲ ବା ଅଧିକ 'ସ୍ୱାଭାବିକ' ନୁହେଁ।

କରିନା କହିଛନ୍ତି ଯେ ଲୋକମାନେ 'ସି-ସେକ୍ସନ୍' ବିଷୟରେ କଥା ହେବାକୁ ଚାହାଁନ୍ତି ନାହିଁ, କିନ୍ତୁ ଏହା ମଧ୍ୟ ଏକ ପ୍ରକାର ପ୍ରସବ। ଯଦି କୌଣସି ଜଟିଳତା କିମ୍ବା ମା'ର ସୁବିଧା ପାଇଁ ଅସ୍ତ୍ରପଚାର କରିବାକୁ ପଡେ, ତେବେ ଏହାକୁ 'ଅସ୍ୱାଭାବିକ' କହିବା ଠିକ୍ ନୁହେଁ। ସେ କହିଛନ୍ତି, 'ଏହା ଅସ୍ୱାଭାବିକ ନୁହେଁ। ଏହା ମଧ୍ୟ ଏକ ପ୍ରକାର ପଦ୍ଧତି ଏବଂ ପସନ୍ଦ। ଆପଣ ଏକ ଅସ୍ତ୍ରପଚାର ଦେଇ ଗତି କରୁଥିବାରୁ ଆପଣ ଆହୁରି ଅଧିକ ଶକ୍ତିଶାଳୀ।'

ମୁମ୍ବାଇର ଡାକ୍ତର ରିଚା ଭରଦ୍ୱାଜଙ୍କ ଅନୁଯାୟୀ, ଯେଉଁ ପ୍ରସବରେ ମାଆ ଓ ଶିଶୁ ଉଭୟ ସୁରକ୍ଷିତ ରୁହନ୍ତି, ତାହା ସ୍ୱାଭାବିକ। ଆଜିର ସମୟରେ, ପ୍ରସବ ପଦ୍ଧତି ବାଛିବା ମା'ର ଆରାମ, ସୁରକ୍ଷା ଏବଂ ଡାକ୍ତରୀ ପରାମର୍ଶ ଉପରେ ନିର୍ଭର କରିବା ଉଚିତ, ସାମାଜିକ ଚାପ ଉପରେ ନୁହେଁ। ଯଦି ମା' ସୁବିଧା ମନେକରେ, ତେବେ ଯୋଜନାବଦ୍ଧ 'ସି-ସେକ୍ସନ୍' ଏକ ସଠିକ୍ ନିଷ୍ପତ୍ତି ହୋଇପାରେ, ଯଦି ଏହା ଡାକ୍ତରୀ ତତ୍ତ୍ୱାବଧାନରେ କରାଯାଏ।

ଡାକ୍ତର କହିଛନ୍ତି ଯେ 'ସି-ସେକ୍ସନ୍' ସାଧାରଣତଃ ଭବିଷ୍ୟତର ଗର୍ଭାବସ୍ଥାକୁ ପ୍ରଭାବିତ କରେ ନାହିଁ। କରିନାଙ୍କ ପରି ଅନେକ ମହିଳା ସୁସ୍ଥ ଦ୍ୱିତୀୟ କିମ୍ବା ତୃତୀୟ 'ସି-ସେକ୍ସନ୍' କରିପାରିଛନ୍ତି। ମାତୃତ୍ୱ କିପରି ପ୍ରସବ କଲେ ତାହା ଦ୍ୱାରା ସ୍ଥିର ହୁଏ ନାହିଁ, ବରଂ ଶିଶୁର ଯତ୍ନ ଓ ଆରୋଗ୍ୟ ଉପରେ ନିର୍ଭର କରେ। ପ୍ରତ୍ୟେକ ପ୍ରସବକୁ ତୁଳନା ନକରି ସମ୍ମାନ ଦେବା ଉଚିତ।

# ଜରାଜୀର୍ଣ୍ଣ ଅବସ୍ଥାରେ କଇଥା ପ୍ରାଣୀଧନ କେନ୍ଦ୍ର




**୨୪।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ବ୍ଲକ ଅନ୍ତର୍ଗତ କଇଥା ପଞ୍ଚାୟତସ୍ଥିତ କଇଥା ପ୍ରାଣୀଧନ ନିରୀକ୍ଷକ କାର୍ଯ୍ୟାଳୟ କୃତ୍ରିମ ପ୍ରଜନନ କେନ୍ଦ୍ରଟି ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି । ଏହି ଗୃହର ଛାତରୁ ଢଳେଇ ଭାଙ୍ଗି ତଳେ ପଡୁଛି । ବର୍ଷା ହେଲେ ଛାତରୁ ପାଣି ଗଳୁଛି ଯାହା ଫଳରେ ଘର ଭିତରେ ପାଣି ଜମି ରହୁଛି । ଏହି ଗୃହର କାନ୍ଥ ମଧ ଫାଟି ଆଁ କରିଛି । ଯାହା ଫଳରେ ଏହି ଗୃହରେ ବିଷଧର ସାପଗୁଡିକ ରହୁଥିବା ଦେଖିବାକୁ ମିଳିଥାଏ । ଏପରିକି ଗୃହ ଉପରେ ଗଛଲତା ମାଡିଯିବା ସହ ଏହାର ପଛପଟରେ ବଣ ଜଙ୍ଗଲରେ ପରିପୂର୍ଣ୍ଣ ରହିଛି । ଝରକା ମଧ ଭାଙ୍ଗି ଯାଇଛି । ଏହି କେନ୍ଦ୍ରରେ କାର୍ଯ୍ୟରତ ଥିବା କର୍ମଚାରୀଙ୍କ ପ୍ରତି ବିପଦ ସୃଷ୍ଟି ରହିଛି । ଏବେ ଏହି ଗୃହଟି ବିପଦପୂର୍ଣ୍ଣ ରହିଥିବାରୁ ଲୋକଙ୍କ ଜୀବନ ପ୍ରତି ବିପଦ ରହିବା ସହ ଦୁର୍ଘଟଣା ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ । କେବଳ ସେତିକି ନୁହେଁ ଏହି କେନ୍ଦ୍ରରେ ଶୌଚାଳୟ କି ପିଇବା ପାଣି ନିମନ୍ତେ ନଳକୂପ କିମ୍ବା ଭୂତଳ ଜଳ ବ୍ୟବସ୍ଥା କରାଯାଇନାହିଁ । ଇଲେକ୍ଟ୍ରିକ କରଣ କରାଯାଇଥିବା ବେଳେ ବିଦ୍ୟୁତ୍ ସଂଯୋଗ କରାଯାଇନାହିଁ । ତେଣୁ ଏହି ଗୃହରେ ଖରାଦିନେ କାର୍ଯ୍ୟ କରିବା ବହୁ କଷ୍ଟକର ହୋଇ ପଡୁଛି । ଏହି କେନ୍ଦ୍ରର ଚତୁଃପାର୍ଶ୍ୱରେ ପ୍ରାଚୀର ନ ଥିବାରୁ ସନ୍ଧ୍ୟା ହେଲେ ମଦୁଆମାନଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ତେଣୁ ଏଠାରେ କାର୍ଯ୍ୟରତ କର୍ମଚାରୀ ଜଣକ ନାନା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏ ନେଇ ସ୍ଥାନୀୟ ଲୋକେ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ ତା'ର କୌଣସି ସୁଫଳ ମିଳିପାରୁନାହିଁ । ଏ ସମ୍ପର୍କରେ ମାହାଙ୍ଗା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡାକ୍ତର ମୀନକେତନ ପଣ୍ଡାଙ୍କୁ ଯୋଗାଯୋଗ କରିବାରୁ ଏହି ଗୃହଟି ବିପଦଶଙ୍କୁଳ ଅବସ୍ଥାରେ ରହିଛି । ଏହି ନେଇ ଆରଡି ବିଭାଗକୁ ଅବଗତ କରାଇଛି । ଯେ ପର୍ଯ୍ୟନ୍ତ ଏହି ଗୃହଟି ଅନସେଭ ଘୋଷଣା କରାଯାଇନାହିଁ । ସେ ପର୍ଯ୍ୟନ୍ତ ନୂତନ ଗୃହ ହୋଇପାରିବ ନାହିଁ । ତେଣୁ ଜନସାଧାରଣଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ବିଭାଗୀୟ ଉଚ୍ଚ ଅଧିକାରୀ ଓ ସ୍ଥାନୀୟ ବିଧାୟକ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏକ ନୂତନ ଗୃହ ନିର୍ମାଣ କରିବାକୁ ସାଧାରଣରେ ଦାବି ହୋଇଛି ।

## ଆଜିର ରାଶିଫଳ

| ତାରିଖ | ଶନିବାର– ଚତୁର୍ଥୀ |
|---|---|
| ୨୫.୧୦.୨୦୨୫ | ନକ୍ଷତ୍ର– ଅନୁରାଧା, ବିଛାଚନ୍ଦ୍ର |



| | | |
|---|---|---|
| ମେଷ | : | ବନ୍ଧୁ କଷ୍ଟ ଦେବେ । |
| ବୃଷ | : | ବକେୟା ପଡ଼ିଥିବା ଅର୍ଥ ମିଳିବ । |
| ମିଥୁନ | : | ସାଙ୍ଗସାଥୀ ମେଳରେ ହସଖୁସିରେ ଦିନ କଟିବ । |
| କର୍କଟ | : | ଦିନଟି ଅଶାନ୍ତିରେ କଟିବ । |
| ସିଂହ | : | କଳହ ଯୋଗ ରହିଛି । |
| କନ୍ୟା | : | ଆର୍ଥିକ ଲାଭ ହେବ । |
| ତୁଳା | : | ଶତ୍ରୁ ବୃଦ୍ଧି ପାଇବେ । |
| ବିଛା | : | ସୁମିଷ୍ଟ ଖାଦ୍ୟ ପ୍ରାପ୍ତି ହେବ । |
| ଧନୁ | : | ଅଶାନ୍ତିରେ ଦିନଟି କଟିବ । |
| ମକର | : | ନୂତନ ବନ୍ଧୁ ଲାଭ ହେବେ । |
| କୁମ୍ଭ | : | ବ୍ୟବସାୟରେ ଆୟ ବୃଦ୍ଧି ହେବ । |
| ମୀନ | : | ସହଯୋଗ ବୃଦ୍ଧି ପାଇବ । |

## ଡ୍ରାଇଭରଙ୍କୁ ମାଡମାରି ଗାଡି ଚୋରି

**ସୋର, ୨୪।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବିଦୁ ନିକଟରୁ ପିକ୍‌ଅପ୍ ଡ୍ରାଇଭରଙ୍କୁ ମାଡ ମାରି ଗାଡି ଚୋରି କରିଥିବା ଘଟଣାରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ସୋର ପୁଲିସ । ସୂଚନା ଅନୁସାରେ ଗତ ସେପଟ୍ଟେମ୍ବର ମାସ ୨୫ ତାରିଖ ରାତିରେ ଚୌଦ୍ୱାର ଥାନା ଶାଳଗାଁ ଗ୍ରାମର ଦୀପ୍ତିବାନ କାନୁନଗୋ ଓଆର ୦୫ ଏଜି ୨୭୮୪ ନମ୍ବର ବିଶିଷ୍ଟ ପିକଅପ୍ ଭ୍ୟାନ୍ ନେଇ ବାରିପଦାରୁ କଟକ ଅଭିମୁଖେ ଫେରୁଥିବା ବେଳେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବିଦୁ ଛକ ନିକଟରେ ଚାହା ପିଇବାକୁ ଓହ୍ଲାଇବା ସମୟରେ ତିନିଜଣ ଯୁବକ ଏକ ବାଇକରେ ଆସି ତାଙ୍କୁ ମାଡ ମାରି ଆହତ କରିବା ସହିତ ଧାରୁଆ ଅସ୍ତ୍ର ଦେଖାଇ ପିକଅପଟିକୁ ଚୋରି କରିନେଇଥିଲେ। ଏବାବଦରେ ଦୀପ୍ତିବାନ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୭୭୯/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗତକାଲି ରାତିରେ ଏହି ଘଟଣାରେ ସହଯୋଗ କରିଥିବା ପଥରପେଣ୍ଠ ଗ୍ରାମର ଇନ୍ଦ୍ରଜିତ ମଳିକ (୨୪)କୁ ଗିରଫ କରି ଅପରାହ୍ନରେରେ କୋର୍ଟ ଚାଲାଣ କରିବା ସହିତ ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୋଜୁଥିବା ଜଣାପଡିଛି।

## ଯୁବତୀଙ୍କ ମୃତଦେହ ଉଦ୍ଧାର

**ସାଲେପୁର, ୨୪।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଯୋବ୍ରା ବ୍ରିଜ୍‌ରୁ ମହାନଦୀକୁ ଡେଇଁ ନିଖୋଜ ହୋଇଥିବା ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି । ସାଲେପୁର ବ୍ଲକ ହରିଚନ୍ଦନପୁର ବ୍ୟାରେଜ୍ ନିକଟସ୍ଥ ଚିତ୍ରୋତ୍ପଳା ନଦୀରେ ମୃତଦେହ ଭାସୁଥିବା ବେଳେ ସାଲେପୁର ପୁଲିସ ଉଦ୍ଧାର କରିଛି । ମୃତଦେହକୁ ଜଗତପୁର ପୁଲିସକୁ ହସ୍ତାନ୍ତର କରାଯାଇଛି ।

ସୂଚନାନୁଯାୟୀ, ଗୁରୁବାର ମଧ୍ୟାହ୍ନରେ ମହାନଦୀ ବ୍ୟାରେଜ୍ର ଜଗତପୁର ମୁଣ୍ଡରେ ସ୍କୁଟି ରଖି ଜଣେ ଯୁବତୀ ନଇକୁ ଡେଇଁ ନିଖୋଜ ହୋଇଯାଇଥିଲେ । ଯୁବତୀ ଜଣଙ୍କ ଜଗତପୁର ଥାନା ପୀରବଜାର ନିକଟସ୍ଥ ଅଣ୍ଡେଇସାହି ଗ୍ରାମ ପ୍ରେମନଗର ଅଞ୍ଚଳର ବୋଲି ଜଣାପଡ଼ିଥିଲା । ଖବର ପାଇ ବ୍ୟାରେଜ୍ ଉପରୁ ତାଙ୍କର ସ୍କୁଟି ପୁଲିସ ଉଦ୍ଧାର କରିଥିଲେ ହେଁ ଯୁବତୀଙ୍କ ସନ୍ଧାନ ମିଳିନଥିଲା । ଜଗତପୁର ପୁଲିସ, ଦମକଳ ବାହିନୀ ଏବଂ ଓଡ୍ରାଫ୍ ଟିମ୍ ସନ୍ଧ୍ୟା ପର୍ଯ୍ୟନ୍ତ ମହାନଦୀରେ ଖୋଜାଖୋଜି କରିଥିଲେ । ପରେ ଅନ୍ଧାର ହୋଇଯିବାରୁ ସର୍ଚ୍ଚ ଅପରେସନ୍‌କୁ ବନ୍ଦ ରଖାଯାଇଛି । ଶୁକ୍ରବାର ସକାଳେ ପୁଣି ଯୁବତୀଙ୍କୁ ଠାବ ପାଇଁ ମହାନଦୀରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା । ଆଜି ସାଲେପୁର ବ୍ଲକ ହରିଚନ୍ଦନପୁର ବ୍ୟାରେଜ୍ ନିକଟସ୍ଥ ଚିତ୍ରୋତ୍ପଳା ନଦୀରେ ମୃତଦେହ ଭାସୁଥିବା ବେଳେ ସାଲେପୁର ପୁଲିସ ଉଦ୍ଧାର କରିଛି । ମୃତଦେହକୁ ଜଗତପୁର ପୁଲିସକୁ ହସ୍ତାନ୍ତର କରାଯାଇଛି । ଆତ୍ମହତ୍ୟା ପଛର କାରଣ ପ୍ରେମ ପ୍ରତାରଣା ବୋଲି କୁହାଯାଉଛି । କଟକରେ ରହୁଥିବା ଜଣେ ଯୁବକଙ୍କ ସହ ଯୁବତୀଙ୍କ ପ୍ରେମ ସମ୍ପର୍କ ଥିଲା । କିଛି ଦିନ ହେବ ସେ ମାନସିକ ଚାପରେ ରହୁଥିଲେ । ଯୁବତୀ ଜଣଙ୍କ ନିରାଶ ହୋଇ ଆତ୍ମହତ୍ୟା ଉଦ୍ଦେଶ୍ୟରେ ନଦୀକୁ ଡେଇଁ ପଡ଼ିଥିବା କୁହାଯାଉଛି ।

## ରାସ୍ତା ପାଲଟିଛି ଗୋରୁଗାଈ ଓ ବୁଲା କୁକୁରଙ୍କ ଆଡ୍ଡାସ୍ଥଳୀ

**କଳିଙ୍ଗନଗର, ୨୪।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**



ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଉନ୍ନୟନର ନଭିକେନ୍ଦ୍ର ହୋଇଥିଲେ ମଧ ଏଠାରେ ମୁଖ୍ୟ ରାସ୍ତାରେ ଗୋରୁଗାଈ ଓ ବୁଲା କୁକୁରର ଉପସ୍ଥିତିରେ ଦୁର୍ଘଟଣା ବଢ଼ିଚାଲୁଛି । ଯାହାଦ୍ୱାରା ଯାତ୍ରୀ, ଶ୍ରମିକ, ରୋଗୀ, ଛାତ୍ରଛାତ୍ରୀ ଓ ଯାନଚାଳକଙ୍କ ପାଇଁ ସଙ୍କଟ ସୃଷ୍ଟି କରୁଛି । କଳିଙ୍ଗନଗର ଶିଳ୍ପାଞ୍ଚଳର ବିଜୁ ପଟ୍ଟନାୟକ ମାର୍ଗ, ଯଖପୁରା ମୁଖ୍ୟ ରାସ୍ତା, ଯାହା ଜଗନ୍ନାଥ ମନ୍ଦିର, ହେଙ୍ଗୁଳା ମନ୍ଦିର, ସ୍କୁଲ୍ ଛକ, ଲକ୍ଷ୍ମୀ ମନ୍ଦିର ଛକ, ଷ୍ଟେସନ ଛକ ନିକଟରେ ପ୍ରତିଦିନ ଶହ ଶହ ଗୋରୁ, ଗାଈ ଷେଣ୍ଢ, ବଳଦ ଏବଂ ବୁଲା କୁକୁର ରାସ୍ତା ଉପରେ ଏମାନଙ୍କ ରାଜୁତି ରହୁଛି । ରାସ୍ତା ଉପରେ ଭେଳା ବନ୍ଧୀକି ଶୋଇଯାଉଛନ୍ତି । ଏହାର ପରିଣାମରେ ଯାତ୍ରୀ, ଛାତ୍ରଛାତ୍ରୀ, ଶ୍ରମିକ, କର୍ମଚାରୀ ଏବଂ ରୋଗୀ, ବଡ଼ ବଡ଼ ଗାଡି, ଟ୍ରଲର, ଚାରିଚକିଆ, ଦୁଇଚକିଆ ଯାନ ସହିତ ଆମ୍ବୁଲାନ୍ସ ଅନେକ ସମୟରେ ଅସୁବିଧା ଓ ବିପଦରେ ପଡୁଛନ୍ତି । ଏହାର ପରିଣାମରେ ଗତ କିଛି ମାସ ଧରି ଛୋଟ–ବଡ଼ ଦୁର୍ଘଟଣା ଦିନକୁ ଦିନ ବଢ଼ିବାରେ । ବର୍ଷା ଓ ଅନ୍ଧାର ରାତି ମଧ ରାସ୍ତା ଉପରେ ପଶୁମାନଙ୍କର ଅବସ୍ଥା ଦୁର୍ଘଟଣାର କାରଣ ବୃଦ୍ଧି ପାଇଛି । ଶିକାର ହେଉଛି ସାଧାରଣ ଯାତ୍ରୀ ଏବଂ ନିରୀହ ଗୋରୁଗାଈ । ମାଲିକ ଦୁଧ ଖାଇ ଗୁହାଳେ ନ ରଖି ଛାଡିଦେଉଛି ରାସ୍ତା ଗାଈଗୋରୁ । ଗୋରୁଗାଈ ଚିହ୍ନଟ କରି ମାଲିକ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଆବଶ୍ୟକ । ପଶୁମାନଙ୍କୁ ଏଡ଼ିବା ଦୁର୍ଭାଗ୍ୟ ହେଉଛି । କେତେକ ଦୁର୍ଘଟଣାରେ ନିରୀହ ଗୋରୁଗାଈ ମୃତ୍ୟୁ ହେଉଛି । ଏହି ନିରାପଦତା ବ୍ୟବସ୍ଥା ପାଇଁ ପ୍ରଶାସନ କାହିଁକି ନିରବ? ସମସ୍ୟାକୁ ନେଇ ବାରମ୍ବାର ଅଭିଯୋଗ ହେଲେ ମଧ ପ୍ରଶାସନୀୟ କାର୍ଯ୍ୟବାହୀ ହୋଇନଥିବାରୁ ସାଧାରଣ ମାନସିକତାରେ ଆକ୍ରୋଶ ସୃଷ୍ଟି ହୋଇଛି । ସ୍ଥାନୀୟଙ୍କ ପ୍ରଶ୍ନ – କମ୍ପାନୀଙ୍କ ପାଇଁ ନିୟମ କଡ଼ା, କିନ୍ତୁ ସାଧାରଣଙ୍କ ପ୍ରାଣ ସୁରକ୍ଷାକୁ ନେଇ ପ୍ରଶାସନ ଚୁପ୍ କାହିଁକି? ପଶୁମାନଙ୍କୁ ସୁରକ୍ଷିତ ଗୋଶାଳାକୁ ସ୍ଥାନାନ୍ତର କରିବା, ପଶୁମାଲିକଙ୍କୁ ଜରିମାନା ଆଦାୟ କରିବା, ରାସ୍ତାରେ ନିୟମିତ ପୋଲିସ ପତ୍ର ବୃଦ୍ଧି କରିବା ମତ ପ୍ରକାଶ ପାଉଛି । ରାଜପଥରେ ଗୋ–ପଶୁ ଛାଡିବାକୁ ଆଇନତ: ଅବୈଧ ଓ ଏହାଉପରେ କଡ଼ା କାର୍ଯ୍ୟନୁଷ୍ଠାନ ହେବାପା ଇଁ ବୁଦ୍ଧିଜୀବୀ ମାନେ ଦାବୀ କରିଛନ୍ତି ।

## ସ୍ତ୍ରୀ ହତ୍ୟାକାରୀ ଗଲେ ଜେଲ

**କଳିଙ୍ଗନଗର, ୨୪।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ମଙ୍ଗଳବାର ଯାଜପୁର ଜିଲ୍ଲା ଯଖପୁରା ଠାରେ ଥିବା ଏକ ଇଟା ଫ୍ୟାକ୍ଟ୍ରି ଭିତରେ ପାରିବାରିକ କଳହ ଫଳରେ ଘଟିଥିବା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ସ୍ୱାମୀ ଶ୍ରୀରାମ ସୋରେନକୁ ଯଖପୁରା ପୋଲିସ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସୂଚନା ଅନୁସାରେ, ଅଭିଯୁକ୍ତ ଶ୍ରୀରାମ ସୋରେନ (୪୨) ଝାଡ଼ଖଣ୍ଡ ରାଜ୍ୟର ପୂର୍ବ ସିଂହଭୂମି ଜିଲ୍ଲାର ପର୍ଦ୍ଦୁଢ଼ିହି ଥାନା ଅନ୍ତର୍ଗତ ଗିରିଜାତୋଳା ଗ୍ରାମର ବିଶ୍ୱନାଥ ସୋରେନଙ୍କ ପୁଅ । ସେ ନିଜ ସ୍ତ୍ରୀ କର୍ପୁର ସୋରେନଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ ଓନିଜ ରାଗ ଶାନ୍ତ ନ ହେବାରୁ ନିଜ ୭ ବର୍ଷୀୟ ଝିଅଙ୍କୁ ମଧ ଟାଙ୍ଗିଆରେ ଆକ୍ରମଣ କରି ଗୁରୁତର ଆହତ କରିଥିଲେ । ଚିତ୍କାର ଶୁଣି ଆଖପାଖରୁ କିଛି ଲୋକ ଆସିବାରୁ ଅଭିଯୁକ୍ତ ଘଟଣାସ୍ଥଳରୁ ମୁଖ୍ୟ ଆସାମୀ ସ୍ୱାମୀ ଫେରାର ହୋଇଯାଇଥିଲେ । ଗୁରୁତ୍ୱର ଆହତ ଝିଅଙ୍କୁ ଇଟା ଫାକଟେରୀ ମାଲିକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକୁ ପରେ ସ୍ୱାସ୍ଥ୍ୟବସ୍ଥା ବିଗିଡିଯିବାରୁ କଟକ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଥିଲା । ଘଟଣାସ୍ଥଳରେ ସ୍ତ୍ରୀଙ୍କ ମୃତ ହୋଇଥିଲା । ଏବେ ଝିଅର ଅବସ୍ଥା ଶଙ୍କଟାପର୍ଣ୍ଣ ଥିବାରୁ କଟକମେଡିକାଲରେ ଚିକିତ୍ସା ଚାଲିଛି । ଘଟଣା ପରେ ଅଭିଯୁକ୍ତ ଶ୍ରୀରାମ ସୋରେନ ଫେରାର ହୋଇଯାଇଥିଲେ । ଇଟା ଫ୍ୟାକ୍ଟ୍ରି ମାଲିକଙ୍କ ଅଭିଯୋଗ ଉପରେ ଯଖପୁରା ପୋଲିସ ତଦନ୍ତ ଆରମ୍ଭ କରି ଟମକା ଥାନା ଅନ୍ତର୍ଗତ ମହୁଲମୂଳ ଛକ ନିକଟରୁ ତାଙ୍କୁ ଗିରଫ କରିଥିଲା । ଏହା ସମ୍ପର୍କରେ ଯଖପୁରା ଥାନାରେ କେସ ନମ୍ବର ୧୫୪/୨୫ ରେ ମାମଲା ରୁଜୁ ହୋଇଛି । ଅଭିଯୋଗୀ ବିରୁଦ୍ଧରେ ଧାରା ୧୦୩/୧୦୯ ବି.ଏନ୍.ଏସ. ଅନୁଯାୟୀ କୋର୍ଟ ଚାଲାଣ କରାଯାଇଛି । ଘଟଣାର ତଦନ୍ତ ଜାରି ରହିଛି । ଯଖପୁରା ଥାନା ଅଧିକାରୀ ଆଶିଷ କୁମାର ସାହୁ ଙ୍କ ସୂଚନା ଅନୁସାରେ, ଅଭିଯୁକ୍ତ ଦୋଷ ସ୍ୱୀକାର କରିଛନ୍ତି ଓ ମାମଲାର ଅନୁସନ୍ଧାନ ଚାଲିଛି ।

## କଙ୍ଗାରୁ କୋର୍ଟ ପଡ଼ିଲା ମହଙ୍ଗା ୪ଙ୍କୁ ବାନ୍ଧିଲା ପୁଲିସ

**ଆନନ୍ଦପୁର : ଏକ୍ସପ୍ରେସ୍ ନ୍ୟୁଜ୍**

କଙ୍ଗାରୁ କୋର୍ଟ ମହଙ୍ଗା ପଡିଲା । ଭିଡିଓ ଭାଇରାଲ ପରେ ୪ ଜଣଙ୍କୁ ବାନ୍ଧିଛି ପୁଲିସ । କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଅଞ୍ଚଳରେ ଜଣେ ବ୍ୟକ୍ତି ଧାନ କାଟି ଫେରୁଥିବା ବେଳେ ପାଣି ପିଇବା ପାଇଁ ଜଣେ ମହିଳାଙ୍କ ନିକଟକୁ ଯାଇଥିଲେ । ଏହି ସମୟରେ ଗାଁର କିଛି ଯୁବକ ସେମାନଙ୍କ ମଧରେ ଖରାପ ସମ୍ପର୍କ ଥିବା କହି କବାଟ ବନ୍ଦ କରିଦେଇଥିଲେ । ପରେ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀଙ୍କୁ ଜଣାଇବା ସହ ଉଭୟଙ୍କୁ ନିର୍ଦ୍ଧୁମ ମାଡ଼ ମାରିବା ସହ ଲଙ୍କା ଗୁଣ୍ଡ ଏବଂ ପାଣି ଢ଼ାଳି ବାଡ଼େଇ ଥିଲେ । ପରେ ଉଭୟଙ୍କୁ ଜୋତା ମାଳ ପିନ୍ଧାଇ ଗାଁ ଦାଣ୍ଡରେ ବୁଲାଇ ଥିବା ନେଇ ଅଭିଯୋଗ ହୋଇଛି । ଜୋତା ମାଳ ପିନ୍ଧାଇ ଗାଁ ଦାଣ୍ଡରେ ବୁଲାଇବା ଭିଡିଓ ଭାଇରାଲ ହେଉଛି । ଏନେଇ ଆନନ୍ଦପୁର ଥାନାରେ ସମ୍ପୃକ୍ତ ମହିଳା ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେହି ଗ୍ରାମର ୨ ଜଣ ମହିଳା ଏବଂ ୨ ଜଣ ପୁରୁଷଙ୍କୁ ଗିରଫ କରିଛି ।

## ନାବାଳିକା ସହ ୯ ଦାଦନ ଉଦ୍ଧାର, ୨ ସର୍ଦ୍ଦାର ଗିରଫ

**କଣ୍ଟାବାଞ୍ଜି, ୨୪।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

କଣ୍ଟାବାଞ୍ଜି ପୁଲିସ ଓ ସ୍ୱତନ୍ତ୍ର ସ୍କ୍ୱାର୍ଡ ଆଜି କଣ୍ଟାବାଞ୍ଜି ଉପକଣ୍ଠ କଦଳୀ ପଡା ଛକ ନିକଟରୁ ଗୁଡିଘାଟ ଅଞ୍ଚଳରୁ ବୋଲେରୋ ଗାଡ଼ିରେ ୯ ଜଣ ଦାଦନ ଶ୍ରମିକଙ୍କୁ ତେଲେଙ୍ଗାନା ରାଜ୍ୟକୁ ଚାଲାଣ ପାଇଁ ନେଉଥିବାବେଳେ ପୁଲିସ ଅଟକାଇ ଯାଞ୍ଚ ପରେ ଆବଶ୍ୟକ କାଗଜ ପତ୍ର ନଥିବାରୁ ଦାଦନ ପଠାଇବାକୁ ଆଣିଥିବା ୨ ଜଣ ସର୍ଦାର ଅନନ୍ତ ବାଗ (ଗୁଡିଘାଟ )ଏବଂ ଶଙ୍କର୍ଷଣ ବିଶି (ଚଲକି )ମୁରିବାହାଲ ଥାନା ଗିରଫ କରିଛି । ଉଭୟ ଅଭିଯୁକ୍ତଙ୍କ ନାମରେ କେସ୍ ନଂ ୩୯୧/୨୦୨୫ ଆନ୍ତରାଜ୍ୟ ଶ୍ରମିକ ଆଇନ ଉଲଂଘନ ଅଭିଯୋଗରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ପୁଲିସ ସୂତ୍ରରୁ ଜଣାପଡିଛି । ଉଦ୍ଧାର ଶ୍ରମିକ ଗୁଡିଘାଟ ଓ ଲତାଷୁଡ଼ା ଗାଁର ହେଇଥିବାରୁ, ଶ୍ରମିକ ମାନଙ୍କୁ ସନ୍ଧ୍ୟା ରେ ନିଜ ନିଜ ର ଗାଁରେ ଛାଡି ଥିବା ବେଳେ ବୋଲୋରୋ ଗାଡି ଓଡ଼ି ୦୩ ଏମ ୬୪୧୨କୁ ଜବତ କରିଥିବା ଥାନା ଭାରପ୍ରାପ୍ତ ଅଧିକାରୀ ଗୋପାଳ କର୍ଣ୍ଣ ସୂଚନା ଦେବାସହ ଆଜି ସ୍କ୍ୱାର୍ଡରେ ପୁଲିସ ନିରୀକ୍ଷକ ହେଡକ୍ୱାଟର ପଞ୍ଚାନନ ନେଗୀଙ୍କ ନେତୃତ୍ୱରେ ପୁଲିସ ଏସ ଆଇ ଲକ୍ଷ୍ମୀଧର ସ୍ୱାଇଁ, ଏଏସଆଇ ଈଶ୍ୱର ମାଝୀ ଏବଂ ପୁଲିସ ଫୋର୍ସ ପାଟ୍ରୋଲିଂରେ ସାମିଲ ଥିବା ଜଣାପଡିଛି ।

## ଚିଲିକା ଉତ୍ତରନାଶିରେ ହଜାର ହଜାର ବିଦେଶୀ ପକ୍ଷୀ

**କଣାସ, ୨୪।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**



ଏସିଆ ମହାଦେଶର ବୃହତମ ଲୁଣାହ୍ରଦ ନିଳାମ୍ବୁ ଚିଲିକାକୁ ଶୀତର ଆଗମନ ସମୟରେ ଲକ୍ଷ ଲକ୍ଷ ବିଦେଶୀ ପକ୍ଷୀ ବିଭିନ୍ନ ଦେଶରୁ ଆସି ଚିଲିକାର ମୁଖ୍ୟ ଅଭିୟାରଣ୍ୟ ଭାବେ ପରିଚିତ ନଳବଣରେ ଆସ୍ଥାନ ଜମାନ୍ତି । ଚଳିତ ବର୍ଷ ମଧ ବିଦେଶୀ ପକ୍ଷୀମାନେ ଆଜି ଚିଲିକାରେ ପହଞ୍ଚିବା ପରେ ନଳବଣରେ ଖାଦ୍ୟ ଅଭାବ ଯୋଗୁଁ ଚିଲିକାର ଉତ୍ତରନାଶିରେ ପ୍ରଚୁରପରିମାଣର କଳିକତିଦଳ ଓ କଇଁଫୁଲ ଥିବାରୁ ହଜାର ହଜାର ପକ୍ଷୀ ପ୍ରତ୍ୟେକ ଦିନ ଉତ୍ତରନାଶିରେ ପହଞ୍ଚୁଛନ୍ତି । ବାଲୁଗାଁ ବନ୍ୟପ୍ରାଣି ବିଭାଗ ପକ୍ଷରୁ ପକ୍ଷୀମାନଙ୍କ ସୁରକ୍ଷା ଲାଗି ଚିଲିକାରେ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ଉତ୍ତରନାଶିରେ ସୁରକ୍ଷା ବ୍ୟବସ୍ଥା ଢିଲା ଥିବାରୁ ଦୂରଦୁରାନ୍ତରୁ ପକ୍ଷୀ ଶିକାରୀମାନେ ସଂଧ୍ୟା ହେଲେ ଚିଲିକା ଉତ୍ତରନାଶିର ଆଖପାଖ ଗ୍ରାମକୁ ଆସି ନିଜ ନିଜର ଯାନ ରଖି ଚିଲିକା ମଧରେ ପ୍ରବେଶ କରି କଇଁଫୁଲ କେଶରରେ ନିଶା ଔଷଧ ଦେବା, ଫାସିଜାଲ ବସାଇ ପକ୍ଷୀମାନଙ୍କୁ ଧରି ନିରବିଘ୍ନରେ ଭୋରୁଭୋରୁ ଖସିପଳାଉଛନ୍ତି । ଆଉକେତେକ ଶିକାରୀ ଉଜ୍ଜ୍ୱଳ ଆଲୋକ ବ୍ୟବହାର କରି କୂଳରେ ଖାଦ୍ୟ ଅନେଷ୍ଣଣରେ ଥିବା ବିଦେଶୀ ପକ୍ଷୀମାନଙ୍କୁ ଠେଙ୍ଗା ଦ୍ୱାରା ବାଡେଇ ଧରି ନେଉଛନ୍ତି । ପକ୍ଷୀମାନଙ୍କ ସୁରକ୍ଷା ପାଇଁ ଉତ୍ତରନାଶିରେ ସୁରକ୍ଷା ବ୍ୟବସ୍ଥା କଡାକଡି କରିବାକୁ ପକ୍ଷୀପ୍ରେମୀମାନେ ଦାବି କରିଛନ୍ତି ।

## ରେଳ ଧାରଣାରେ ରିଲ୍ସ କଲେ ଜେଲ୍

**ଭୁବନେଶ୍ୱର, ୨୪।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଚଳନ୍ତା ଟ୍ରେନ୍ କିମ୍ବା ରେଳ ଟ୍ରାକ୍ ଉପରେ ରିଲ୍ସ କରୁଥିଲେ ସାବଧାନ । ଉଲ୍ଲଂଘନକାରୀଙ୍କୁ ଆର୍ଥିକ ଦଣ୍ଡ ସହ ଜେଲ୍ ହୋଇପାରେ । ରେଳ ଓ ଟ୍ରାକ୍ ଉପରେ ସେଲ୍ଫି ନେବା, ଫଟୋ ଉଠାଇବା, ଭିଡିଓ କରିବା, ରିଲ୍ସ କରି ଦୁର୍ଘଟଣାର ଶିକାର ହେବା ଖବର ବାରମ୍ବାର ନଜରକୁ ଆସିବା ପରେ ପୂର୍ବତଟ ରେଳପଥ ଏଭଳି ନିଷ୍ପତ୍ତି ନେଇଛ । ରେଳ ଆଇନ ୧୯୮୯ର ଧାରା ୧୪୭ ଓ ୧୫୩ ଅନୁଯାୟୀ ଉଲ୍ଲଂଘନକାରୀଙ୍କ ବିରୋଧରେ ରେଳ ସୁରକ୍ଷା ବଳ (ଆରପିଏଫ୍) ଓ ସରକାରୀ ରେଳ ପୁଲିସ (ଜିଆରପି) ପକ୍ଷରୁ 'ଶୂନ୍ୟ ସହନଶୀଳତା' ନୀତି ଅନୁସରଣ କରାଯିବା ସହ ମାମଲା ରୁଜୁ ହେବ ବୋଲି କୁହାଯାଇଛି ।

ବିଶେଷକରି ଛାତ୍ରଛାତ୍ରୀ ଓ କିଶୋରଙ୍କୁ ସୁରକ୍ଷା ନିର୍ଦ୍ଦେଶାବଳୀ ବୁଝିବା ଏବଂ ପାଳନ କରିବାକୁ ଅନୁରୋଧ କରି କର୍ତ୍ତୃପକ୍ଷ କହିଛନ୍ତି, ସାମାଜିକ ଗଣମାଧମରେ ଗୋଟିଏ ପୋଷ୍ଟଠାରୁ ଜୀବନ ଅଧିକ ମୂଲ୍ୟବାନ । ତେଣୁ ଫଟୋଗ୍ରାଫି ହେଉ ଅଥବା କୌଣସି କାରଣ ପାଇଁ ରେଳ ଟ୍ରାକ୍ ଉପରକୁ ଯାଆନ୍ତୁ ନାହିଁ । କାରଣ ଟ୍ରେନ୍ ଦ୍ରୁତଗତିରେ ଗତି କରିଥାଏ ଏବଂ ଦେଖାଯାଉଥିବା ଦୂରତା ଅପେକ୍ଷା ଶୀଘ୍ର ଅତିକ୍ରମ କରେଛ ଲୋକମାନେ ଚାଲୁଥିବା ଟ୍ରେନ୍‌ରୁ ଝୁଙ୍କି ପଡ଼ିବା, ଭିଡିଓ ଫିଲ୍ମ କରିବାକୁ ଛାତ କିମ୍ବା ଇଞ୍ଜିନରେ ଚଢ଼ିବା ଭଳି ବିପଦପୂର୍ଣ୍ଣ ଷ୍ଟଣ୍ଟ୍ ପ୍ରଦର୍ଶନରୁ ଦୂରେଇ ରହିବା ଉଚିତ । କେବଳ ସେତିକି ନୁହେଁ, ଯେତେବେଳେ ଟ୍ରେନ୍ ଆସୁଛି କିମ୍ବା ଅତିକ୍ରମ କରୁଛି ସମସ୍ତେ ପ୍ଲାଟଫର୍ମ ଧାରରୁ ନିରାପଦ ଦୂରତା ବଜାୟ ରଖି ସୁରକ୍ଷା କ୍ଷେତ୍ରଗୁଡ଼ିକୁ ସମ୍ମାନ ଦେବା ଆବଶ୍ୟକ । ଚାଲୁଥିବା ଟ୍ରେନ୍‌ରୁ ଚଢ଼ିବା କିମ୍ବା ଓହ୍ଲାଇବା ମଧ ଏକ ଦଣ୍ଡନୀୟ ଅପରାଧ ବୋଲି ରେଳ କର୍ତ୍ତୃପକ୍ଷ କହିଛନ୍ତି ।

## କୁମୁଡା ଜୟପୁର- ମାଳିସାହି ରାସ୍ତା ପାଲଟିଛି ମରଣଯନ୍ତା

**ମାହାଙ୍ଗା, ୨୪।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**



ସରକାରଙ୍କ ପକ୍ଷରୁ କୋଟି କୋଟି ଖର୍ଚ୍ଚ କରାଯାଇ ଆରଡ଼ି ରାସ୍ତା ନିର୍ମାଣ କରାଯାଇଥିଲେ ମଧ ଏବେ ରାସ୍ତା ଅବସ୍ଥା ବେହାଲ ହୋଇଥିବା ବେଳେ ମରଣାଯନ୍ତା ପାଲଟିଥିବା ଦେଖିବାକୁ ମିଳିଛି । ଏଭଳି ଘଟଣା ଦେଖିବାକୁ ମିଳିଛି କୁମୁଡାଜୟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରୁ ମାଳିସାହି ଛକ ରାସ୍ତାରେ । ଏବେ ଏହି ରାସ୍ତାଟି ଶୋଚନୀୟ ହୋଇ ପଡ଼ିଥିବା ସହ ଯାତାୟାତ ଅନୁପଯୁକ୍ତ ହୋଇପଡିଛି । ବହୁ ଜନସାଧାରଣ ମାନେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି । ଏହି ରାସ୍ତା ଦେଇ ଛାତ୍ରଛାତ୍ରୀ ଓ ଜନସାଧାରଣ ମାନେ ସ୍କୁଲ, କଲେଜ, ବ୍ୟାଙ୍କ, ଡାକଘର, ମେଡିକାଲ, ବ୍ଲକ, ତହସିଲ, ସାଲେପୁର, କଟକ ଆଦି ସ୍ଥାନକୁ ଯାତାୟାତ କରିଥାନ୍ତି । ଏହି ରାସ୍ତାର ଅଧିକାଂଶ ସ୍ଥାନରେ ଖାଲଖମା ସୃଷ୍ଟି ହେବା ସହ ବର୍ଷାଦିନେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହୁଥିବା ଦେଖିବାକୁ ମିଳିଛି । ଯାହା ଫଳରେ ଜନସାଧାରଣ ମାନେ ଛୋଟ ବଡ଼ ଦୁର୍ଘଟଣାର ଶିକାର ହୋଇଥାନ୍ତି । ଏ ନେଇ ସ୍ଥାନୀୟ ଲୋକେ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି । ତେଣୁ ଜନସାଧାରଣ ଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ବିଭାଗୀୟ ଉଚ୍ଚ କତୃପକ୍ଷ ଓ ସ୍ଥାନୀୟ ବିଧାୟକ ସ୍ୱତନ୍ତ୍ର ଦୃଷ୍ଟି ଦେଇ ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ସୁନା ଚେନ୍ ଲୁଟ୍ ନାବାଳକ ସହିତ ୨ ମହିଳା ଅଟକ

**ସୋର, ୨୪।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ମହୋତ୍ସବ ଚାଲିଥିବା ସମୟରେ ପ୍ରାୟ ରାତି ୮.୩୦ ମିନିଟ୍ ବେଳେ ଭିଡ଼ ଭିତରେ ଜଣେ ମହିଳାଙ୍କ ବେକକୁ ବ୍ଲେଡ୍‌ରେ କାଟିଦେଇ ତାଙ୍କର ସୁନା ଚେନ୍ ଲୁଟି ନେବା ପରେ ମହିଳାଜଣକ ଗୁରୁତର ଅବସ୍ଥାରେ ସୋର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ଏହାର କିଛି ସମୟ ପରେ କେଶରୀପୁରର ମଧୁସ୍ମିତା ବେହେରା (୩୨) ନାମକ ଜଣେ ମହିଳାଙ୍କ ଭେନିଟ୍ ଛାଟି ନେଇ ପଳାଉଥିବା ବେଳେ ଦୁଇଜଣ ମହିଳା ସେମାନଙ୍କୁ ସ୍ଥାନୀୟ ଲୋକେ କାବୁ କରିନେଇଥିଲେ। ସେମାନଙ୍କ ସହିତ ୨ଜଣ ନାବାଳକ ମଧ ରହିଥିଲେ। ପୁଲିସ୍ ମହିଳା ୨ ଜଣ ସମେତ ୨ ନାବାଳକୁ ଥାନାକୁ ଆଣି ଅଟକ ରଖି ତଦନ୍ତ ଜାରିରଖିଛି । ପ୍ରକାଶ ଯେ ସୋର ଷ୍ଟେସନରେ ୪ ନମ୍ବର ପ୍ଲାଟଫର୍ମରେ ଡେରା ପକାଇଥିବା ଏହି ବନ୍‌ଜରାମାନେ ବେଲୁନ୍ ଏବଂ କଣ୍ଢେଇ ବିକିବା ବାହାନାରେ ଘରେ ପଶି ଚୋରି କରିବା ସହିତ ପକେଟମାର ଲୁଟ୍ ଆଦି କରୁଥିବା ଲୋକମାନେ ଅଭିଯୋଗ କରିଛନ୍ତି ।

# ମ୍ୟୁନିସିପାଲିଟି ପାର୍କ ନିର୍ମାଣରେ ବ୍ୟାପକ ଦୁର୍ନୀତି

**ଝାରସୁଗୁଡ଼ା, ୨୪।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**



ଝାରସୁଗୁଡ଼ା ମ୍ୟୁନିସିପାଲିଟିର ପାର୍କ ଦୁର୍ନୀତି ୨୦୨୩ ଅଗଷ୍ଟରେ ରାଜ୍ୟ ସରକାରଙ୍କ ଉନ୍ନୟନ ଯୋଜନା ପାଣ୍ଠିରୁ ୧ କୋଟି ଟଙ୍କା ବିନିମୟରେ ନିର୍ମାଣ କରାଯାଇଥିବା ସ୍ମାର୍ଟପାର୍କ ଏହି ସ୍ମାର୍ଟ ଦୁର୍ନୀତିର ପ୍ରତିଫଳନ ନାନା ଅବ୍ୟବସ୍ଥା ଭିତରେ ଏହି ପାର୍କ ପଡ଼ି ରହିଥିବା ବେଳେ ପୌର କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଲାଣି । ପାର୍କ ନିର୍ମାଣ ବେଳେ ସେଠାରେ କରାଯାଇଥିବା ଟଏ ଟ୍ରେନ୍ ମୁଖ୍ୟ ଆକର୍ଷଣ ପାଲଟିବ ବୋଲି କୁହାଯାଇଥିଲା । ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟରେ ଲାଗିଥିବା ଏହି ଟଏ ଟ୍ରେନ୍ ଉଦ୍‌ଘାଟନ ପରଦିନରୁ ହିଁ କେବେ ଚାଲିଲେ କେବେ ନାହିଁ ସ୍ଥିତିରେ ପଡ଼ି ରହିଥିଲା । କେତେବେଳେ ଭୋଲଟେଜ୍ ସମସ୍ୟା ତ କେବେ ଅନ୍ୟ କିଛି ସମସ୍ୟା ଦର୍ଶାଇ ଟ୍ରେନ୍ ଚାଲିପାରୁନଥିବା ମ୍ୟୁନିସିପାଲିଟି ପକ୍ଷରୁ ଉତ୍ତର ଦିଆଯାଉଛି । ପାର୍କରେ ଥିବା ଲାଇଟ୍‌ଡ଼ିକ ଭାଙ୍ଗିରୁଜି ଯାଇଥିବା ବେଳେ ଗଛଗୁଡ଼ିକର ମଧ ପରିଚାଳନା ଠିକ୍‌ରେ ହେଉନି । ଫଳରେ ଲକ୍ଷ ଲକ୍ଷ ଟଙ୍କାରେ ଲାଗିଥିବା ଅନେକ ଗଛ ମରିବାକୁ ବସିଲାଣି । ପୁଣି ବଢ଼ି ଯାଇଥିବା ଗଛଗୁଡ଼ିକର ବି ଉପଯୁକ୍ତ ଯତ୍ନ ନିଆଯାଉନି । ସେହିପରି ପାର୍କରେ ଥିବା ଫାଉଣ୍ଟେନଟି ବି ବନ୍ଦ ପଡ଼ିଛି । ପାର୍କକୁ ପ୍ରବେଶ ପାଇଁ ୧୦ ଟଙ୍କାର ଟିକେଟ ଧାର୍ଯ୍ୟ କରାଯାଇଛି । କିନ୍ତୁ ସେଥିରେ ବି ଟିକେଟ ତାରିଖ କି କୌଣସି ସିଲ୍, ଦସ୍ତଖତ ରହୁନି । ଫଳସ୍ୱରୂପ ଦୈନିକ ପ୍ରକୃତରେ କେତେ ଟଙ୍କା ଆଦାୟ ହେଉଛି, ତାହା କେଉଁଥିରେ ଖର୍ଚ୍ଚ ହେଉଛି ତା'ର ହିସାବ ନିକାସ ରହିପାରୁନିଛ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ପାର୍କର ଫାଇଲ୍ ପୌର କାର୍ଯ୍ୟାଳୟରେ କେଉଁଠି ରହିଛି ତାହା ଖୋଦ୍ ବିଭାଗୀୟ ଅଧିକାରୀ ବି ପାଉନଥିବା ଜଣାପଡ଼ିଛି ।

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ତରବରିଆ ଭାବେ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପାଚେରିକୁ ଲାଗି ଏକ ପାର୍କ ନିର୍ମାଣ ଯୋଜନା ହେଲା ବାହାର ରାଜ୍ୟର ଠିକାଦାରଙ୍କୁ ଲଗାଇ ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ତାହା ନିର୍ମାଣ କରାଗଲା । ଉଦ୍ଦେଶ୍ୟ ଥିଲା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଞ୍ଚଳରେ ରହୁଥିବା ଭିଭିଆଇପି ଲୋକେ ସେଠାରେ ବସାଉଠା କରିବେ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ବି ସେଠାରେ ବିଶ୍ରାମ ନେବେ କିନ୍ତୁ ପାର୍କର ଆୟୁଷ ୬ ମାସ ବି ଗଲାନି ଏବେ ତାହା ଶ୍ରୀହୀନ ହୋଇ ପଡ଼ିଥିବା ବେଳେ ଲୋକେ ଏଠାରେ ବସିବାକୁ ବି ଆଉ ଜାଗା ନାହିଁ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ଖୋଦ୍ ମ୍ୟୁନିସିପାଲିଟିର ନିଜସ୍ୱ ପାଣ୍ଠିରେ ନିର୍ମାଣ ହୋଇଥିବା ପାର୍କର ଦେଖାରେଖା କାର୍ଯ୍ୟ ବି ଏବେ ମ୍ୟୁନିସିପାଲଟି କରିବାକୁ ନାରାଜ । ଏହି ପାର୍କ ସମ୍ମୁଖରେ ଥିବା ମୁଖ୍ୟ ରାସ୍ତା ମେଡିଆନ୍‌ରେ ଲାଗିଥିବା ଗଛଗୁଡ଼ିକରେ ପାଣି ଦିଆଯାଉଥିବା ବେଳେ ପାର୍କ ଭିତର ଗଛଗୁଡ଼ିକ ଶୁଖିଲା ପଡ଼ିଛି ପାଣି ଦେବାକୁ ସ୍ୱତନ୍ତ୍ର ବ୍ୟବସ୍ଥା ବି କରାଯାଇ ସେଠାରେ ମୋଟର ପମ୍ପ ଲଗାଯାଇଥିଲା । କିନ୍ତୁ ପମ୍ପ ଚଳାଇ ଗଛଗୁଡ଼ିକୁ ପାଣି ଦେବାକୁ ପୌର କର୍ତ୍ତୃପକ୍ଷ କୁନ୍ଥୁକୁନ୍ଥୁ । ପାର୍କରେ ମନୋରଞ୍ଜନ ତ ଦୂରର କଥା, ସଫେଇ ହେଉନଥିବାରୁ ଲୋକେ ବସିବାକୁ କୁଣ୍ଠାବୋଧ କଲେଣି । ଉଭୟ ଫୁଆରାର ଫାଉଣ୍ଟେନ୍ ମଟର କେହି ଦୁର୍ବୃତ୍ତ ଚୋରି କରି ନେଇଛି । ତା' ପରଠାରୁ ଫୁଆରାଗୁଡ଼ିକ ଅସହାୟ ଅବସ୍ଥାରେ ପଡ଼ି ରହିଥିବା ବେଳେ ଅଳନ୍ଧୁ ଲାଗିଗଲାଣି । କେବଳ ଯେ, ଜଳ ଫୁଆରାର ମୋଟର ନୁହେଁ, ଏଠାରେ ଲାଗିଥିବା ଅନେକ ଲାଇଟ୍ ବି ଏକାଧିକ ଥର ଚୋରି ହୋଇ ସାରିଲାଣି । ପାର୍କରେ ବାରମ୍ବାର ଚୋରି ହେଉଥିବାରୁ ୨ଟି ସିସିଟିଭି କ୍ୟାମେରା ଖଞ୍ଜାଯାଇଛି କିନ୍ତୁ କିଏ ଚୋରି କରୁଛି ତାହା କେବେ ଜଣାପଡୁନି । ଏ ନେଇ ପ୍ରତିକ୍ରିୟା । ପାଇଁ ପୌର ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକଙ୍କୁ ପଚାରିବାରେ ସେ ଫୋନ୍ ଗ୍ରହଣ କରିନଥିଲେ ।

ପୁରୀକୁ ରାଜ୍ୟ ଏବଂ ରାଜ୍ୟ ବାହାରର ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁମାନେ ଆସିଥାନ୍ତି । ପୂର୍ବ ସରକାର ଅମଳର ସୌନ୍ଦର୍ଯ୍ୟକରଣ ଉଜୁଡ଼ିଗଲାଣି ରକ୍ଷଣାବେକ୍ଷଣ ଅଭାବରୁ । ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ଯୋଜନା ମଧ୍ୟ ଫେଲ୍ ମାରିଛି । ସେ ପାଣି ପର୍ଯ୍ୟଟକ ପିଉନାହାନ୍ତି, ପୂର୍ବ ଭଳି କିଣା ବୋତଲ ପାଣି ପିଉଛନ୍ତି । ଯେହେତୁ ପୁରୀ ଏକ ଧର୍ମପୀଠ ଏବଂ ପର୍ଯ୍ୟଟନଙ୍କ ପାଇଁ ଏକ ଆକର୍ଷଣ, ଏଇ କାରଣରୁ ପୂରା ପୁରୀ ସହରକୁ ପରିଚ୍ଛନ୍ନ ରଖିବା ଦରକାର । ବିଶେଷ କରି ଦେବଦେବୀ ସ୍ଥଳୀଗୁଡ଼ିକ ଅଧିକ ପରିଚ୍ଛନ୍ନ ରହିଲେ ଭକ୍ତଙ୍କ ମନରେ ଭକ୍ତିଭାବ ବଢ଼ିଥାଏ ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର



# ଓଡ଼ିଶା ଏକ୍ସପ୍ରେସ୍

## ଓଡ଼ିଶାର ଦୁଇଟି ପ୍ରମୁଖ ପରିଚୟ

ଗୋଟେ ସମୟରେ ଓଡ଼ିଶା କହିଲେ ବାହାର ରାଜ୍ୟ ଏବଂ ଦେଶର ଲୋକେ ପୁରୀକୁ ହିଁ ଚିହ୍ନୁଥିଲେ । ଏଥିରେ ଅସ୍ୱାଭାବିକତା ନାହିଁ, କାରଣ ଜଗନ୍ନାଥ ହିଁ ଆମର ପରିଚୟ । ଆଉ ଏକ ପରିଚୟ କୋଣାର୍କର ସୂର୍ଯ୍ୟ ମନ୍ଦିର । ଏ ଦୁଇଟିର ବିକାଶ ଯେତିକି ହେବା କଥା ହୋଇନି । ପୁରୀ କଥା କହିଲେ– ଆମେ କେବଳ ମନ୍ଦିରର ରକ୍ଷଣାବେକ୍ଷଣ କଥା କହୁନୁ। ପୁରୀ ସହରର ପରିମଳ, ରାସ୍ତାଘାଟ ଏବଂ ନାଳନର୍ଦ୍ଦମା ନିହାତି ଦୟନୀୟ। ସାମାନ୍ୟ ବର୍ଷାରେ ମଧ୍ୟ ବଡ଼ଦାଣ୍ଡ ଉବୁଟୁବୁ ହୁଏ । ଲୋକେ ହାସ୍ୟଛଳରେ କୁହନ୍ତି– ବାଇଶ ପାହାଚରେ ମୀନ ଖେଳିବା କଥା ତ ମାଳିକାରେ ଲେଖା ହୋଇଛି, ଏସବୁ ତା'ରି ପୂର୍ବାନୁମାନ ।

ପୁରୀକୁ ରାଜ୍ୟ ଏବଂ ରାଜ୍ୟ ବାହାରର ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁମାନେ ଆସିଥାନ୍ତି । ପୂର୍ବ ସରକାର ଅମଳର ସୌନ୍ଦର୍ଯ୍ୟକରଣ ଉଜୁଡ଼ିଗଲାଣି ରକ୍ଷଣାବେକ୍ଷଣ ଅଭାବରୁ । ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ଯୋଜନା ମଧ୍ୟ ଫେଲ୍ ମାରିଛି । ସେ ପାଣି ପର୍ଯ୍ୟଟକ ପିଉନାହାନ୍ତି, ପୂର୍ବ ଭଳି କିଣା ବୋତଲ ପାଣି ପିଉଛନ୍ତି ।

ଯେହେତୁ ପୁରୀ ଏକ ଧର୍ମପୀଠ ଏବଂ ପର୍ଯ୍ୟଟନଙ୍କ ପାଇଁ ଏକ ଆକର୍ଷଣ, ଏଇ କାରଣରୁ ପୂରା ପୁରୀ ସହରକୁ ପରିଚ୍ଛନ୍ନ ରଖିବା ଦରକାର । ବିଶେଷ କରି ଦେବଦେବୀ ସ୍ଥଳୀଗୁଡ଼ିକ ଅଧିକ ପରିଚ୍ଛନ୍ନ ରହିଲେ ଭକ୍ତଙ୍କ ମନରେ ଭକ୍ତିଭାବ ବଢ଼ିଥାଏ ।

ରାତିରେ ଏବେ ମନ୍ଦିର ଅନ୍ଧକାର ଦିଶୁଛି । ଅଧିକାଂଶ ଫ୍ଲଡ୍ ଲାଇଟ୍ ଜଳୁନି । ଏକଥା ବିଭିନ୍ନ ସମ୍ବାଦପତ୍ରରେ ଫଟୋ ସହିତ ପ୍ରକାଶ ପାଇଛି । ତେଣୁ ଥରେ କରିଦେଲେ ଯେ ତାହା ସବୁଦିନ ପାଇଁ ଅକ୍ଷତ ରହିବ ଏକଥା ଭାବିବା ଉଚିତ୍ ନୁହେଁ । ନିୟମିତ ବ୍ୟବଧାନରେ ଏହାର ରକ୍ଷଣାବେକ୍ଷଣ ଦରକାର । ବିପର୍ଯ୍ୟସ୍ତ ସୌନ୍ଦର୍ଯ୍ୟକରଣ ପର୍ଯ୍ୟଟକଙ୍କ ପାଇଁ ଅଧିକ ଦୃଷ୍ଟିକଟୁ ହୋଇଥାଏ ।

ହଁ, ପୁରୀ ବେଳାଭୂମି କଥା ନ କହିବା ଭଲ। ପୁରୀର ସୁନେଲି ବେଳାଭୂମି କଳା ପଡ଼ିଆସିଲାଣି ନର୍ଦ୍ଦମା ପାଣିର ପ୍ରଭାବରେ । ବେଳାଭୂମି ପାଲଟିଛି ହାଟ । ତେଣୁ ବେଳାଭୂମିର କମନୀୟତା ମଧ୍ୟ ହ୍ରାସ ପାଇଛି ।

ଆସନ୍ତୁ କୋଣାର୍କ ସୂର୍ଯ୍ୟମନ୍ଦିର କଥା ଦେଖିବା– ସେଠି ବର୍ଷାଦିନେ ଆଣ୍ଠୁଏ ପାଣି ଜମି ରହେ ମନ୍ଦିର ଚାରିପଟେ । ଏହା ପର୍ଯ୍ୟଟକଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥାଏ । ମନ୍ଦିର ପାଇଁ ମଧ୍ୟ ଏହା ଯେ ବିପଦ ସୃଷ୍ଟି କରିପାରେ ଏକଥାକୁ ବୋଧେ କେହି ଗୁରୁତ୍ୱ ଦେଉନାହାନ୍ତି ! ମୂଳଦୁଆ ଚାରିପଟେ ପାଣି ଜମି ରହିଲେ ନିର୍ମାଣ ଉପରେ ଏହାର ପ୍ରଭାବ ପଡ଼ିଥାଏ । ତେଣୁ କୋଣାର୍କ ସୂର୍ଯ୍ୟ ମନ୍ଦିରର ରକ୍ଷଣାବେକ୍ଷଣ ମଧ୍ୟ ଆଶାନୁରୂପକ ନୁହେଁ । 'ଲାଇଟ୍ ଆଣ୍ଡ ସାଉଣ୍ଡ' କାର୍ଯ୍ୟକ୍ରମ ଅଧିକାଂଶ ସମୟରେ ଅଚଳ ଥାଏ ।

ଏଥର ଆସନ୍ତୁ ନୀଳାମ୍ବୁ ଚିଲିକା ଆଡ଼କୁ ଯିବା । ବିଦେଶୀ ପକ୍ଷୀ ଆସିଗଲେଣି ଚିଲିକାକୁ । ଏମାନଙ୍କ ପ୍ରତି ଶିକାରୀଙ୍କ ଆଡୁ ସବୁବେଳେ ବିପଦ ରହିଛି । ଚିଲିକା ହ୍ରଦ ଧୀରେଧୀରେ ସଂକୁଚିତ ହେବାରେ ଲାଗିଛି । କୂଳଠାରୁ ଦୂରେଇ ଗଲାଣି ଚିଲିକା, ତେଣୁ ଏହାର ଖନନର ଆବଶ୍ୟକତା ଦେଖାଦେଲାଣି।

ଏସବୁ ଦିଗ ଉପରେ ସରକାର ନଜର ରଖିବା ଦରକାର । ପର୍ଯ୍ୟଟନର ବିକାଶ ରାଜସ୍ୱ ଏବଂ କର୍ମସଂସ୍ଥାନ ଯୋଗାଇଥାଏ । ଶିଳ୍ପ ବିକାଶ କର୍ମସଂସ୍ଥାନ ଯୋଗାଇଲେ ମଧ୍ୟ ପ୍ରଦୂଷଣ ବଢ଼ାଇଥାଏ । ତେଣୁ ପର୍ଯ୍ୟଟନ ଶିଳ୍ପର ବିକାଶକୁ ଗୁରୁତ୍ୱ ଦେବା ବୁଦ୍ଧିମାନ ନିଷ୍ପତ୍ତି । ଆଜିକାଲି ପ୍ରଦୂଷଣ ସବୁଠୁ ବିପଜ୍ଜନକ ସ୍ତରରେ ପହଞ୍ଚିଛି ।

ଏତେ କଥା କହିବାର ଉଦ୍ଦେଶ୍ୟ ହେଲା– ପର୍ଯ୍ୟଟନର ବିକାଶକୁ ନୂଆ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି, ଏହା ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ କିନ୍ତୁ ଏଥିସହିତ ପର୍ଯ୍ୟଟନସ୍ଥଳଗୁଡ଼ିକର ସୌନ୍ଦର୍ଯ୍ୟକରଣ ଏବଂ ସୌନ୍ଦର୍ଯ୍ୟକରଣର ରକ୍ଷଣାବେକ୍ଷଣ ଉପରେ ମଧ୍ୟ ଗୁରୁତ୍ୱ ଦେବା ଜରୁରୀ ।

# ଦକ୍ଷିଣାଂ ଦେହି- ଭିକ୍ଷାଂ ଦେହି



ଅଆ-ପଣକିଆ

ବିଜୟ ଦାସ

ପୂଜକ ବା ପୁରୋହିତଙ୍କୁ ଦାନସ୍ୱରୂପ ଦକ୍ଷିଣା ଦିଆଯାଏ । ଏହା ଏକ ପ୍ରଚଳିତ ପରମ୍ପରା। ଏହା ତାଙ୍କର ପ୍ରାପ୍ୟ ବୋଲି କହିପାରିବା । ପୂଜା ଇତ୍ୟାଦି କର୍ମ କଲା ପରେ ଅନ୍ୟ ଅର୍ଥରେ ପାରିଶ୍ରମିକ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଏହା ଦାତା ଓ କର୍ତ୍ତା ଓ ପୂଜକ ଭିତରେ ଏକ ଅଲିଖିତ ବୁଝାମଣା ପରେ ହିଁ ପରିମାଣ, ମୂଲ୍ୟ ନିର୍ଦ୍ଧାରଣ କରାଯାଇଥାଏ । ଅନ୍ୟ ଦିଗରେ ଭିକ୍ଷାବୃତ୍ତି ଏକ କର୍ମବିହୀନ ଯାଚନା। ଯାହା କିଛି ମିଳିଲା ତାହା ଉପରେ ଭିକ୍ଷୁକର ଦାବି ନଥାଏ। କିନ୍ତୁ ଏ ଦୁଇଟି ଭିନ୍ନ ମୁଖ୍ୟ ଦିଗ ଭିତରେ ଗୋଳେଇ ଘାଣ୍ଟି ହେଉଛି ସମାଜ ଓ ମଣିଷ। ଏପରି ବିଶ୍ଳେଷଣ କଲେ ଦୁଇ ପ୍ରକାରର ମଣିଷ ବର୍ତ୍ତମାନ ସମୟରେ ପ୍ରାୟତଃ ବିଦ୍ୟମାନ ।

କର୍ମ କରି କେହି କେହି ହୁଏତ ଦକ୍ଷିଣା ବା ପାରିଶ୍ରମିକ ଦାବି ନକରି ପାରନ୍ତି । ଏହାକୁ ସମାଜସେବା କୁହାଯାଏ । ଆଉ କିଛି ଭିକ୍ଷୁ ମଧ୍ୟ ସବୁ କିଛି ଦକ୍ଷିଣା ବା ଦାନ ହିଂସାବରେ ପ୍ରଦାନ କରିଦିଅନ୍ତି ସମାଜକୁ । କିନ୍ତୁ ଭିକ୍ଷୁର ଅର୍ଥ ମଧ୍ୟ ସକାରାତ୍ମକ ଅଛି । ସେ ବୌଦ୍ଧ ଭିକ୍ଷୁ ହୁଅନ୍ତୁ ବା ସନ୍ୟାସୀ ହୁଅନ୍ତୁ, କେବଳ ଜୀବନ ନିର୍ବାହ ପାଇଁ ଯାହା କିଛି ଯାଚନା କରନ୍ତି, ତାହା ଦାନ କରି ମଣିଷ ନିଜକୁ ଧନ୍ୟ ମନେ କରେ। କିନ୍ତୁ ବଦଳରେ ସେମାନେ ଧର୍ମ ସଂସ୍ଥାପନାରେ ମାର୍ଗଦର୍ଶନରେ ଭାଗିଦାର ହୋଇଥାଆନ୍ତି । ଅତଏବ ସେମାନଙ୍କ ଯାଚନାକୁ ଭିକ୍ଷା ନ କହି ଦକ୍ଷିଣା କହିଲେ ଠିକ୍ ଲାଗିବ ।

ଆଜିକାଲିର ଭିକ୍ଷା ମାଗିବା ଖୁବ୍ ପ୍ରଚ୍ଛନ୍ନ ଅଧିକାର। ମୁଁ ଭୋଟ୍ ଦେଇଛି ମାନେ ମୋତେ ମାଗଣାରେ ସବୁ ମିଳୁ । ପୁଣି ଅନେକ ବ୍ରାହ୍ମଣ ପୂଜକ ବେଶଧାରୀ ଭିକ୍ଷା ଦକ୍ଷିଣା ଆଶାୟୀ। ଯେତେବେଳେ ଦକ୍ଷିଣା, ଭିକ୍ଷାର ରୂପନିଏ ସେତେବେଳେ ପୂଜକ ହିଁ ଭିକ୍ଷୁ ବନିଯାଏ । ଏ ଦୁଇଟି ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ପରି । କେତେବେଳେ ଯେ ପଟ୍ଟ ପରିବର୍ତ୍ତନ ଘଟେ କେହି ଜାଣିପାରନ୍ତି ନାହିଁ । ଏହି ଆଲେଖ୍ୟ କାହାରି ସମ୍ମାନହାନୀ ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ଏକ ଚେତାବନୀ । କାରଣ ଅନେକ କର୍ମବୀର ଅଛନ୍ତି, ଯେଉଁମାନେ ନା ହାହାନ୍ତି ଭିକ୍ଷା, ନା ଚାହାନ୍ତି ଦକ୍ଷିଣା । ଏ ଦୁଇଟି କଥାକୁ ଚାଲନ୍ତୁ ବିସ୍ତୃତରେ ବର୍ଣ୍ଣନା କରିବା ।

### ଦାନ ଦକ୍ଷିଣା

ଦାନାର୍ଥେ ଚତୁର୍ଥୀ, ଦକ୍ଷିଣାରେ ପୁଣ୍ୟ ପ୍ରାପ୍ତି । ନିଷ୍କାମ ଭକ୍ତି ମୋର ଦାନ ହେ, ଦକ୍ଷିଣା ତବସ୍ତୁତି ଜାଣ ହୋ ଏ ତ ଆଧାତ୍ମିକ ଚେତନାର କଥା । କିନ୍ତୁ ସାଂସାରିକ ଜୀବନରେ ଦାନ ବୋଇଲେ ତଣ୍ଡୁଳ ପଶୁ ଅର୍ଥ, ଧନ, ସୁବର୍ଣ୍ଣଠାରୁ ମୂଲ୍ୟବାନ ବସ୍ତୁ ସବୁ, ବସ୍ତ୍ରଠାରୁ ଶୟନ ସାମଗ୍ରୀ। ଦକ୍ଷିଣା କହିଲେ ଦାନର ଉପଯୁକ୍ତ ବ୍ୟବହାର ନିମିତ୍ତ ପ୍ରଦତ୍ତ ଅର୍ଥ ଏବଂ ଆନୁସଙ୍ଗିକ ବସ୍ତୁ ସମୂହ। ସ୍ୱଅର୍ଜିତ ଧନସମ୍ପତ୍ତିରୁ ଦାନ ପ୍ରଦାନ ହିଁ ଉପଯୁକ୍ତି ନ୍ୟାର୍ଯ୍ୟ ଏବଂ ପୁଣ୍ୟାର୍ଥୀ। ପୁଣି ବିଦ୍ୟାଦାନ ମହାପୁଣ୍ୟ। ମାର୍ଗଦର୍ଶନ ଏବଂ ଚରିତ୍ର ସଂଶୋଧନ, ଜ୍ଞାନବର୍ଦ୍ଧନ ଓ ବୁଦ୍ଧିବିକାଶ ପାଇଁ ପ୍ରଦତ୍ତ ତତ୍ତ୍ୱ ମଧ୍ୟ ଦାନର ପରିସୀମାଭୁକ୍ତ । ଏହା ଦାନୀର ଗୌରବ ଏବଂ ଗ୍ରହିତାର କୃତଜ୍ଞତା । ଦାନ ଏକ କ୍ରୀୟା ଏବଂ ଦକ୍ଷିଣା କ୍ରୀୟାଶୀଳତା।

ସାଧାରଣ ଜୀବନଚର୍ଯ୍ୟାରେ ମଣିଷର ମଣିଷକୁ, ଜୀବଜନ୍ତୁଙ୍କୁ, ପଶୁପକ୍ଷୀଙ୍କୁ, ଗଛବୃଛକୁ, ପରିବାରକୁ ଓ ସମାଜକୁ ଦାନ ଏକ ଏକ ମହତ୍ କର୍ମ ବୋଲି ଧରାଯାଏ । ପୁଣି ଅପାତ୍ରରେ ଦାନ ହିଁ ଦାନର ଗରିମା ନଷ୍ଟ କରିଥାଏ । ମାଟିକୁ ଭଜାଖୁଦ ନୁହେଁ, ଭିଜା ଧାନ ଦାନ କଲେ ସିନା ଗଜା ସୃଷ୍ଟି ହେବ! ବୁଭୁକ୍ଷୁକୁ ସ୍ୱର୍ଣ୍ଣ ଦାନ ନୁହେଁ ଅନ୍ନଦାନ ହିଁ ଯଥାର୍ଥ । ଅଳସୁଆକୁ ଧନଦାନ, ଅକର୍ମାକୁ କନ୍ୟାଦାନ ଏବଂ ଅସାମାଜିକ ବ୍ୟକ୍ତିକୁ କମଣ୍ଡଳୁ ଦାନ ଯେମିତି ଅର୍ଥ ପ୍ରୟାସ, ସେମିତି ବାରାଙ୍ଗନାଠାରୁ ଗୃହିଣୀ ଧର୍ମ, ବାରବୁଲାଠାରୁ କୌଳିକ କର୍ମ ଏବଂ ପାଷାଣ୍ଡଠାରୁ ପ୍ରବଚନ ଦାନ ଆଶା କରିବା ବ୍ୟଥା। ପ୍ରତ୍ୟେକ ସମୟରେ କେହି ନା କେହି ବା ଯେ କେହି ଏହି ଦାନ ପ୍ରଦାନ ଓ ଦାନ ଗ୍ରହଣ ପ୍ରକ୍ରିୟାରେ ସାମିଲ ହେଉଛି ।

ଅନ୍ନ ଭକ୍ଷଣ ପରେ ଜଳ ଗ୍ରହଣ ହିଁ ଦାନ ପରେ ଦକ୍ଷିଣା। ଯେ ଦକ୍ଷିଣାକୁ ଅତିରିକ୍ତ ଦାନ କହିପାରନ୍ତି । ହାର ପାଇଁ ଫୁଲ କି ପଦକ ସାଙ୍ଗକୁ ସୂତାର ଆବଶ୍ୟକତା ଅଛି ନା! ଯେ ସୂତା ହେଲା ଦକ୍ଷିଣା । ଦାନର ଅନ୍ୟ ଦିଗକୁ ଗଲେ ଦାନୀନା ବଡ଼ ଯାଚକ ବଡ଼ । କୁହାଯାଏ, ଦେବାର ହାତ ସର୍ବଦା ଉପରେ ଆଉ ନେବାର ହାତ ତଳେ । କିନ୍ତୁ ତୀର୍ଯ୍ୟକ ଦୃଷ୍ଟିରେ ଦେଖିଲେ ମାଗିବାର ମନ ନିଉଛାଳି, ଆଉ ଦେବାର ମନ ଅହଂକାରୀ । ଯଦି ଦାନ ଅହଂକାର ଯୁକ୍ତ ନ ହୋଇ ନମ୍ରତାଭରା ହେଲା, ସେତେବେଳେ ସେ ବଡ଼ । ଯିଏ ମାଗେ ସେ ତ ନିଜ ଅଭିମାନ, ସମ୍ମାନକୁ ବଳି ପକେଇ ସାରିଥାଏ । ମନ ଦେଇଦେଲି ବା ଦାନ କଲିର ଯଥାର୍ତତା ଆଜିକାଲି ଭାରି ବିବାଦୀୟ । ମନ ତ ବହୁଧା ବିଭକ୍ତ । ମନ ଅଛି ଘର ଆଡ଼େ, ମନ ଅଛି ଧନ ଆଡ଼େ, ମନ ପୁଣି ଯୌବନକୁ, ମନ ପୁଣି ସମ୍ମାନକୁ । ମନ ଦାନ ନୁହେଁ, କେବଳ ସ୍ପର୍ଶ ମାଧ୍ୟମ ।

କଣବା ଆଣିଥିଲୁ, କ'ଣ ତୋର ଥିଲା ଯେ ଦାନ କରିଦେଲୁର ଏକଥା ବି ଭୁଲ୍ । କ'ଣ ଜନ୍ମ ବେଳେ କିଛି ନ ଆଣିଲେ ବି ନିଜ କର୍ମରେ ସଞ୍ଚିତ ଧନ ମାନ ସମ୍ମାନ ମୋର ପୁଞ୍ଜି । ଅତଏବ ନିଜର ସଂରକ୍ଷିତ ଆୟରୁ ଦାନ କରିବାର ପୁଣ୍ୟ। ନିଶ୍ଚେ ମୋର । ଅନେକ ପୂଜା ବିବାହାଦିରେ ବ୍ରାହ୍ମଣଙ୍କୁ ଦାନ ଦକ୍ଷିଣାର କଥା କୁହାଯାଏ । ଯଦି କର୍ମ ଭିତ୍ତିକ ଜାତି ପ୍ରଥାରେ ବ୍ରାହ୍ମଣ ତାଙ୍କ କର୍ତ୍ତବ୍ୟ ପାଇଁ ପାରିଶ୍ରମିକ ପାଇଲେ, ତାକୁ କ'ଣ ଦାନ ଦକ୍ଷିଣା କୁହାଯିବ? ତାହାହେଲେ ଶୁଦ୍ର ବୈଶ୍ୟର କର୍ମ ପାଇଁ ଯେଉଁ ପାରିଶ୍ରମିକ ତାହା ସମ୍ମାନେ ଦାନ ଦକ୍ଷିଣା କୁହାଯାଉ ନାହିଁ କାହିଁକି? କର୍ମ ଭିତ୍ତିକ ଅନୁଦାନ ନୁହେଁ ଅଧିକାର ହେଉଛି କର୍ମୀର। ଏଥକୁ ଦାଦାର ପୁଣ୍ୟ ହୁଏ ନାହିଁ କି ନବା ଲୋକର । ଏହା ଏକ ବ୍ୟବସାୟିକ ବୁଝାମଣା । ତଥାପି ଦାନ ଦକ୍ଷିଣାର ମହତ୍ତ୍ୱ ଅଛି । ଅଯାଚିତ ଲୋକକୁ ସହାୟତା ହିଁ ଦାନ ଦକ୍ଷିଣା । ଏଠି ମାଗିବାର ପାପ ନାହିଁ କି ଦାତାର ପ୍ରଚ୍ଛନ୍ନ ଅହଂକାର ନାହିଁ । ଆଶା ରହିତ ବିଦ୍ୟାଦାନ, ସଂସ୍କାର ଦାନ ତ ଅପୂର୍ବ ପୁଣ୍ୟ । ଟିକିଏ ହସର ଆଦାନ ପ୍ରଦାନ ହିଁ ଜଣଙ୍କର ଦାନ, ଅନ୍ୟ ଜଣଙ୍କର ଦକ୍ଷିଣା । ଏହି ଦାନ ଦକ୍ଷିଣାର ସଭିଏଁ ଦାତା, ସଭିଏଁ ଗ୍ରହୀତା ।

### ମୋ' ଭିକ୍ଷା ଯୋଜନା

ମୁଁ ମୋ ପାଇଁ ଯୋଜନା କରିଛି 'ଭିକ୍ଷାଂ ଦେହି' ଯୋଜନା । କାହିଁକି, ଯେ କ'ଣ କର୍ମଭିତ୍ତିକ ଯୋଜନା ନୁହେଁ କି? ଆପଣ ଏକମତ ହୋଇ ନପାରନ୍ତି । ଭିକ୍ଷାବୃତ୍ତି ଏକ ହୀନ ବୃତ୍ତି, ନୀଚ ବୃତ୍ତି, ଏଥିରେ କର୍ମ ଆସିଲା କେଉଁଠୁ । ଅନୋନପାୟ ହୋଇ କେହି ଜଣେ ଦରିଦ୍ର ହୁଏତ ହାତପାତି ଭିକ ମାଗୁଛି । ଆମେ ତାକୁ ଭିକାରି ବୋଲି ଅବିହିତ କରୁଛୁ । ତା'ର କର୍ମ ହୁଏତ ଏ ଦୁଆରୁ ସେ ଦୁଆରକୁ, ଗାଁରୁ ଗାଁକୁ, ସହରର ଏ ଗଳିରୁ ସେ ଗଳିକୁ ପାଦରେ ଚାଲି ଚାଲି ପଦବ୍ରଜ କରିବା । ଖୋଲାଖୋଲି ମୁକ୍ତକଣ୍ଠରେ ନିସହାୟ ବୋଲି ଚିତ୍କାର କରିବା । ସେ ହୁଏତ ପୂର୍ଣ୍ଣକ୍ଷମ ବା ଭିନ୍ନକ୍ଷମ । କିଛି କ୍ଷେତ୍ରରେ ଯେ ଯୋଜନାବଦ୍ଧ ନୁହେଁ । କିନ୍ତୁ ଅନେକ କ୍ଷେତ୍ରରେ ଯୋଜନାବଦ୍ଧ ଭାବେ 'ମୋ ଭିକ୍ଷା ଯୋଜନା' ଚାଲିଛି । କୁତ୍ସିତ ଛଦ୍ମବେଶୀ ଏବଂ ବହୁରୂପୀଙ୍କର ଏସବୁ କାରନାମା ।

ଖଚ ମିଛ କହି ଲାଞ୍ଚ ମାଗିବା ଏହି ଶ୍ରେଣୀଭୁକ୍ତ । କୁତ୍ସିତ ମାନସିକତାରେ କାହାକୁ ହଇରାଣ କରି ଟଙ୍କା ଝଡ଼େଇବା, ଧନାକ୍ଷମ ବ୍ୟକ୍ତିକୁ ଭିକ୍ଷାଦେବାକୁ ବାଧ କରିବା ଏବଂ ଭିକ୍ଷାବୃତ୍ତି ପରି ଉପୁରି ଟଙ୍କାରେ ଅୟସ କରିବା ହିଁ ଏହି ଭିକ୍ଷାର୍ଥୀଙ୍କର ଲକ୍ଷଣ ମାନ । ଏଥବରେ ଚୁପ୍‌ଚାପ୍ ଗୁମ୍‌ସୁମ୍ କାରବାର । ନା ମାନସମ୍ମାନ ହରାଇବାର ଆଶଙ୍କା ନା ସମାଜରେ ନୀଚ ମଣିଷ ବୋଲି ପରିଗଣିତ ହେବାର ଭୟ । ସତରେ ସୁନ୍ଦର ଯୋଜନା ତା ସାପ ମରିଯିବ କିନ୍ତୁ ବାଡ଼ି ଭାଙ୍ଗିବନି । କୌଣସି ଧାଁ ଧପନ ନାହିଁ, କୌଣସି ସ୍ୱୀକାରୋକ୍ତି ନାହିଁ, କୌଣସି ବଳ ପ୍ରୟୋଗ ନାହିଁ, କେବଳ ଭେଜା ଖଟେଇଲେ ହେଲା ।

'ହଡ଼ପ' ଶବ୍ଦଟି ଯଦିଓ ଭିକ୍ଷାବୃତ୍ତି ପର୍ଯ୍ୟାୟଭୁକ୍ତ ନୁହେଁ, ତାହା କିନ୍ତୁ ବେଶ୍ ଭୟଙ୍କର । ଏହି 'ମୋ ହଡ଼ପ ଯୋଜନା'ଟି ଭିକ୍ଷାବୃତ୍ତି ଯୋଜନାରେ ଫେଲ୍ ମାରିଲେ ହିଁ ଆସେ । ଧନ ହଡ଼ପ, ଜମି ହଡ଼ପ, ପ୍ରେମ ହଡ଼ପ ତ ପୁରସ୍କାର ହଡ଼ପ । ହଁ, ଜମି ଓ ଧନଧାନ୍ୟ ହଡ଼ପ ଦ୍ୱାରା ବେଶି ଓ ଭିକ୍ଷାବୃତ୍ତିରେ କମ୍ ସଫଳତା। ହେଲେ ପ୍ରେମ ଭିକ୍ଷା ଓ ପୁରସ୍କାର ଭିକ୍ଷା? ପ୍ରେମ ଭିକ୍ଷା ବିବାଦୀୟ ପ୍ରେମ ହଡ଼ପ ବି ବିବାଦୀୟ। ହେଲେ ପୁରସ୍କାର ଭିକ୍ଷା ଓ ପୁରସ୍କାର ହଡ଼ପ ବେଶ୍ କାର୍ଯ୍ୟକ୍ଷମ ହୋଇପାରେ ଏବଂ ହେବାର ଅନେକ ନଜିର ଅଛି। ଏଠାରେ ଭିକ୍ଷା ସହ ଚଞ୍ଚକତା ଓ ହଡ଼ପ ସହ ପ୍ରତିପତ୍ତିର ମିଶ୍ରଣ ଅନିବାର୍ଯ୍ୟ । ପ୍ରତିଭା ଠାରୁ ପ୍ରତିପତ୍ତି ଓ ପ୍ରଭାବ ବେଶ୍ ପ୍ରଭାବି ।

ଛାଡନ୍ତୁ, ଭିକ୍ଷାବୃତ୍ତିର ସକାରାତ୍ମକ ଦିଗ ବି ଅନେକ । କୌଣସି ସାମୁହିକ ଗଠନମୂଳକ କାର୍ଯ୍ୟ ପାଇଁ, ସହଭାଗିତା ଆଳରେ ସମୂହ ଗୋଷ୍ଠୀର ଭିକ୍ଷାବୃତ୍ତି ସ୍ୱୀକାର୍ଯ୍ୟ । ଏଥିରେ ବ୍ୟକ୍ତିଗତ ସ୍ୱାର୍ଥର ଉର୍ଦ୍ଧ୍ୱରେ ସାମୁହିକ ବିକାଶର କଥା ଆସେ । ଏଠି ନା ମାନସମ୍ମାନ ନଷ୍ଟ ହେବାର ଆଶଙ୍କା ଅଛି ନା ନିଜକୁ ନିଚ୍ଚା ଭାବିବାର ଅବକାଶ ଅଛି । ବୌଦ୍ଧଭିକ୍ଷୁ ହୁଅନ୍ତୁ କି କୌଣସି ଧର୍ମର ସନ୍ୟାସୀ, ଫକୀର ପରି ଭିକ୍ଷାର୍ଥୀ ହୁଅନ୍ତୁ, ସେ ନିଶ୍ଚେ ଧର୍ମ ପ୍ରଚାରର ମହତ କାମର ପ୍ରତିବଦଳରେ ପେଟ ପାଇଁ କିଛି ମାଗନ୍ତି । ଏହାକୁ ଭିକ୍ଷାବୃତ୍ତି କହିଲେ ଭୁଲ୍ ହେବ । ପୁନଶ୍ଚ ଆମର ସମସ୍ତ ଗୃହୀଜନମାନଙ୍କର ସେମାନଙ୍କୁ ଭେଟିଦେବାର କର୍ତ୍ତବ୍ୟ ରହିଛି । ଦେଶପ୍ରେମରେ ଉଦ୍‌ବୁଦ୍ଧ ଅନେକ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଏହି ଭିକ୍ଷାଂଦେହି ଡାକରା ନିଶ୍ଚେ ଦେଶର ଏକତା ଓ ବଳକୁ ସୁଦୃଢ଼ କରିଛି ।

ଚକୁଳିଆ ପଣ୍ଡାଙ୍କର ସଂଖ୍ୟା ଯଦିଓ କମିଗଲାଣି, ସେମାନଙ୍କର ଦୁଆର ଦୁଆର ବୁଲି ଭିକ୍ଷା ମାଗିବା ବର୍ଜିତ ଥିଲା । କେବଳ ରାସ୍ତାରେ ବାଟଘାଟରେ ଜୀବନଦର୍ଶନର ଗୀତ ଗାଇ ଗାଇ ସମାଜକୁ ସୁମାର୍ଗକୁ ଯିବା ପାଇଁ ଚେତେଇ ଦେଉଥିଲା ବେଳେ କେହି କିଛି ଟଙ୍କା ତଣ୍ଡୁଳ ପ୍ରଦାନ କରନ୍ତି । ନହେଲେ ବି କିଛି କହିବାର ନାହିଁ ତାଙ୍କର । ଯଦିଓ ନାରୀ ପୁରୁଷର ଅଧିକାର ଆଜି ସମାନ, ତଥାପି ହିନ୍ଦୁ ବିବାହରେ କନ୍ୟାଭିକ୍ଷା ଓ କନ୍ୟାଦାନ ହିଁ ଏକ ପାରମ୍ପାରିକ ପବିତ୍ର ପ୍ରଥା । କେହି ମାନନ୍ତୁ କି ନ ମାନନ୍ତୁ କନ୍ୟା ଭିକ୍ଷା କଲେ ପୁଣ୍ୟ ପୁଣି କନ୍ୟାଦାନ କଲେ ପୁଣ୍ୟ । ଏସବୁ ଏଇଥିପାଇଁ ଯେ କନ୍ୟାଟିଏ ବସ୍ତୁ ନ ହୋଇ ମଧ୍ୟ ଏକ ଅମୂଲ୍ୟ ପଦାର୍ଥ, ଯିଏ ମାତୃତ୍ୱର ସ୍ୱକୀୟ ପ୍ରତିଭାରେ ବଂଶ ପିଢ଼ିକୁ ଦ୍ୱିଦିପ୍ତମାନ କରେ । ବୁଭୁକ୍ଷୁର ଭିକ୍ଷା ଏବଂ ସ୍ୱଚ୍ଛଳର ଭିକ୍ଷା ଭିତରେ ଆକାଶ ପାତାଳ ପ୍ରଭେଦ । ଆମ୍ଭ ମତରେ କ୍ଷୁଧାରେ ଆଉଟୁ ପାଉଟୁ ମଣିଷଟି ଭିକ୍ଷା ମାଗିଲେ ତାହା ଭିକ୍ଷା ନୁହେଁ ବରଂ ତା'ର ବଞ୍ଚିବାର ଅଧିକାର । ହେଲେ ସମାଜର ବଡ଼ପଣ୍ଡା ସାଜି ବଡ଼ ଗାଦିରେ ବସି, ବଡ଼ପିଣ୍ଡାରେ ଆସ୍ଥାନ ଜମେଇ ଭିକ୍ଷାବୃତ୍ତି କଲେ...?

*ଅନନ୍ତବିହାର, ଫେଜ୍–୨, ପୋଖରୀପୁଟ, ଭୁବନେଶ୍ୱର*
*ମୋ. ୯୩୪୮୮୯୩୭୫୨*

# ଗଣତନ୍ତ୍ର ଭିତରେ ବହୁ ମତବାଦର ବିକୃତ ଛାୟା

■ ଗୋପାଳ ମହାପାତ୍ର ■

ଲୋକତନ୍ତ୍ରର ଆଧାର 'ଜନତାଙ୍କ ପାଇଁ, ଜନତାଙ୍କ ଦ୍ୱାରା, ଜନତାଙ୍କ ଶାସନ'। ଏହି ବିଚାର ସରଳ, ସ୍ପଷ୍ଟ ଏବଂ ସାର୍ବଭୌମିକ ଅଟେ କିନ୍ତୁ ଯେତେବେଳେ ଏହାକୁ ସାମାଜିକ ସଂରଚନା, ଜାତୀୟ ବିବିଧତା ଏବଂ ଜନସଂଖ୍ୟାର ପରିବର୍ତ୍ତିତ ସ୍ୱରୂପର ସନ୍ଦର୍ଭରେ ଦେଖାଯାଏ, ସେତେବେଳେ ଏହାର ଜଟିଳତା ଏବଂ ଚାଲେଞ୍ଜପୂର୍ଣ୍ଣ ସ୍ୱରୂପ ନଜରକୁ ଆସେ। ଭାରତ ଭଳି ବିଶାଳ, ବିବିଧ ଏବଂ ବହୁଳତାବାଦୀ ଦେଶରେ ଏହି ପ୍ରଶ୍ନ ଆହୁରି ମଧ୍ୟ ଅଧିକ ପ୍ରାସଙ୍ଗିକ ହୋଇଥାଏ। କ'ଣ ଗଣତନ୍ତ୍ର ସେତିକି ପ୍ରଭାବୀ ଏବଂ ନିରପେକ୍ଷ ରହିଥାଏ ଯେବେବେଳେ ତାର ଜନସଂଖ୍ୟା (ଡ଼େମୋଗ୍ରାଫିକ୍) ଜନିତ ସଂରଚନା କ୍ରମାଗତ ଭାବେ ବଦଳିଥାଏ? କ'ଣ ଜାଣିଶୁଣି ଜନସଂଖ୍ୟକୀୟ ସଂରଚନା ବଦଳାଇବା ଏବଂ କୌଣସି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥକଙ୍କୁ ନେଇ ନିର୍ବାଚନ ଜିତିବାକୁ ଗଣତନ୍ତ୍ର କୁହାଯିବ କି? ଡ଼େମୋଗ୍ରାଫିର ସିଧା ସମ୍ପର୍କ ଜନସଂଖ୍ୟାର ଜାତିଗତ, ଧାର୍ମିକ, ଭାଷା ଏବଂ ସଂସ୍କୃତି ସହିତ ରହିଛି। ଗଣତନ୍ତ୍ରିକ ଶାସନ ବ୍ୟବସ୍ଥାରେ ପ୍ରତିନିଧିତ୍ୱର ସିଦ୍ଧାନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ସବୁ ସମୁଦାୟ, ସବୁ ବର୍ଗକୁ ସେମାନଙ୍କ ଉଚିତ୍ ସ୍ଥାନ ଏବଂ ସ୍ୱର ଉଠାଇବାର ସୁଯୋଗ ମିଳିବା ଆବଶ୍ୟକ କିନ୍ତୁ ଯେତେବେଳେ ଡ଼େମୋଗ୍ରାଫିକ ସମୀକରଣ କୌଣସି ବିଶେଷ ସମୁଦାୟର ଅତ୍ୟଧିକ ବୃଦ୍ଧି ବା ଅନ୍ୟ ସମୁଦାୟର ଗୁରୁତ୍ୱ କାରଣରୁ ବଦଳିଯାଏ ସେତେବେଳେ ଏହି ସନ୍ତୁଳନ ଭାଙ୍ଗିଯାଇଥାଏ। ଏହି ସନ୍ତୁଳନର ସିଧା ପ୍ରଭାବ ମଧ୍ୟ ଗଣତାନ୍ତ୍ରିକ ସଂସ୍ଥାଗୁଡିକର ନିରପେକ୍ଷତା, ନୀତି ନିର୍ମାଣ ଏବଂ ସାମାଜିକ ନ୍ୟାୟ ଉପରେ ପଡିଥାଏ। ବର୍ତ୍ତମାନ ସମୟରେ ଅନେକ ଦେଶରେ ଏଭଳି ଅବସ୍ଥା ଦେଖାଦେଇଛି ହୁଏତ ଏହା ପ୍ରବାସ (ମାଇଗ୍ରେସନ) କାରଣରୁ ହେଉ ବା ପ୍ରଜଜନ ହାରରେ ପାର୍ଥକ୍ୟ କାରଣରୁ ହେଉ ଏହା ରାଜନୈତିକ ପରିଦୃଶ୍ୟକୁ ପ୍ରଭାବିତ କରିଥାଏ। ଭାରତରେ ମଧ୍ୟ ଏହି ପ୍ରସଙ୍ଗ ସମ୍ବେଦନଶୀଳ ଏବଂ ଗମ୍ଭୀର ହେବାରେ ଲାଗିଛି ।

ଯଦି ଏକ ବିଶେଷ ଧର୍ମ ଅବା ଜାତିର ଜନସଂଖ୍ୟା ଅଧିକ ଭାବରେ ବଢ଼ିଥାଏ ଏବଂ ଅନ୍ୟ ସମୁଦାୟର ଜନସଂଖ୍ୟା ସାଂସ୍କୃତିକ, ଆର୍ଥୀକ ଏବଂ ଶିକ୍ଷାର ଅଭାବ କାରଣରୁ କମିଯାଏ ତେବେ ଏହା ଯେ କେବଳ ସାମାଜିକ ବିମେତାକୁ ଜନ୍ମ ଦେଇଥାଏ ତା ନୁହେଁ ବରଂ ଗଣତନ୍ତ୍ର ଭିତରେ ବହୁ ମତବାଦର ବିକୃତ ଛାୟା ମଧ୍ୟ ବିସ୍ତାର ଲାଭ କରିଥାଏ । ଗଣତନ୍ତ୍ର ବହୁ ମତରେ ଚାଲିଥାଏ। ଏହା କେବଳ କଥାରେ ନୁହେଁ ପରନ୍ତୁ ଏକ ପରିପକ୍ୱ ଗଣତନ୍ତ୍ର ତାକୁ ହିଁ କୁହାଯାଏ ଯେଉଁଠି ବହୁମତର ଶକ୍ତିର ଦୁରୁପଯୋଗ ହୋଇନଥାଏ ଏବଂ ସଂଖ୍ୟାଲଘୁଙ୍କ କଥା ବା ସ୍ୱରକୁ ମଧ୍ୟ ସମାନ ଭାବେ ଗୁରୁତ୍ୱ ଦିଆଯାଇଥାଏ। ଏଥିପାଇଁ ଡେମୋଗ୍ରାଫିକ୍ ସନ୍ତୁଳନ ଆବଶ୍ୟକ। ଏହି ସନ୍ତୁଳନ କେବଳ ସଂଖ୍ୟାତ୍ମକ ହୋଇନଥାଏ ବରଂ ଅବସର ବା ସୁଯୋଗ, ସଂଶାଧନ ଏବଂ ପ୍ରତିନିଧିତ୍ୱରେ ମଧ୍ୟ ହୋଇଥାଏ। ଯଦି କୌଣସି ବିଶେଷ କ୍ଷେତ୍ରରେ କୌଣସି ଏକ ସମୁଦାୟର ଜନସଂଖ୍ୟା ଅଧିକ ଭାବରେ ବଢ଼ିଯାଏ ଓ ଏହି ଜନସଂଖ୍ୟା ବୃଦ୍ଧି କାରଣରୁ ଅନ୍ୟ ସମୁଦାୟ ମାନଙ୍କର ରାଜନୈତିକ ସ୍ୱରକୁ ଚାପିଦିଏ ତେବେ ଗଣତନ୍ତ୍ର କେବଳ ଏକ ସଂଖ୍ୟାକୀୟ ଖେଳରେ ପରିଣତ ହୋଇଯାଏ। ଏପରିକି ଗଣତନ୍ତ୍ରର ନୈତିକ ଏବଂ ନ୍ୟାୟପୂର୍ଣ୍ଣ ମୂଲ୍ୟ ମଧ୍ୟ ହ୍ରାସ ପାଇଥାଏ ।

ଭାରତର ଉତ୍ତର ପୂର୍ବ ରାଜ୍ୟ, କେରଳ, ପଶ୍ଚିମବଙ୍ଗ, ଆସାମ ଏବଂ ଦିଲ୍ଲୀ ଭଳି ଅଞ୍ଚଳରେ ଏଭଳି ଆଶଙ୍କା ଅନେକ ସମୟରେ ଉଠିଥାଏ ଯେ ଜନସାଂଖ୍ୟିକୀୟ (ଡ଼େମୋଗ୍ରାଫିକ୍) ପରିବର୍ତ୍ତନ କାରଣରୁ ମୂଳନିବାସୀ ବା ପରମ୍ପରାଗତ ସମୁଦାୟର ପ୍ରଭାବ କମିବାରେ ଲାଗିଛି । ଯେତେବେଳେ ଜନସଂଖ୍ୟା ସ୍ତୁଳନ ବିଗିଡିଯାଏ ସେତେବେଳେ ସାମାଜିକ ସଂଘର୍ଷ, ସାଂସ୍କୃତିକ ସଂଘର୍ଷ ଏବଂ ରାଜନୈତିକ ଧ୍ରୁବୀକରଣ ଜନ୍ମ ନେଇଥାଏ । ଏହି ପ୍ରକ୍ରିୟାରେ ଗଣତନ୍ତ୍ରର ମୂଳ ଉଦେଶ୍ୟ ସମାବେଶିତା, ସହଭାଗିତା ଏବଂ ନ୍ୟାୟ ଦୁର୍ବଳ ହୋଇଯାଇଥାଏ। ଏକଥା କହିବା ଜରୁରୀ ଯେ ଡେମୋଗ୍ରାଫିକ୍ ନିୟନ୍ତ୍ରଣର ଅର୍ଥ କୌଣସି ସମୁଦାୟ ବିଶେଷକୁ ଟାର୍ଗେଟ କରିବା ନୁହେଁ ବରଂ ପ୍ରୟାସ କରାଯିବା ଉଚିତ୍ ଯେ ସବୁ ସମ୍ପ୍ରଦାୟକୁ ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ସଶକ୍ତି କରଣ ଏବଂ ଆର୍ଥିକ ବିକାଶର ସମାନ ସୁଯୋଗ ଯେମିତି ମିଳିବ। ଏହା ହୋଇପାରିଲେ ସଂପୁର୍ଣ୍ଣ ସମାଜ ସନ୍ତୁଳିତ ଏବଂ ସ୍ଥିର ଗତିରେ ଆଗକୁ ବଢ଼ିପାରିବ । ଯଦି ସବୁ ବର୍ଗରେ ପ୍ରଜଜନ ହାର, ଜୀବନ ସ୍ତର ଏବଂ ସଂସାଧନ ପର୍ଯ୍ୟନ୍ତ ପହଞ୍ଚିବାର ସନ୍ତୁଳନ ରହିପାରିବ ତେବେ ଗଣତନ୍ତ୍ର ବାସ୍ତବିକ ସଶକ୍ତ ହୋଇପାରିବ। ଅନ୍ୟ ପକ୍ଷରେ ଯଦି କୌଣସି ସମୁଦାୟର ଜନସଂଖ୍ୟା ଅଧିକ ବଢ଼ିଯାଏ ପରନ୍ତୁ ଏହି ଜନସଂଖ୍ୟା ଶିକ୍ଷା, ଆର୍ଥିକ ସହଭାଗିତା ଏବଂ ସମାନତା ଦିଗରେ ପଛରେ ରହିଯାଏ ତେବେ କେବଳ ଯେ ସେହି ସମୁଦାୟ ପ୍ରଭାବିତ ହୁଏ ତା ନୁହେଁ ବରଂ ରାଷ୍ଟ୍ରର ସାମାଜିକ ଏବଂ ରାଜନୈତିକ ବ୍ୟବସ୍ଥା ପ୍ରଭାବିତ ହୋଇଥାଏ। ଏଣୁ ଡେମୋଗ୍ରାଫିକ ସନ୍ତୁଳନ କେବଳ ସଂଖ୍ୟାଗତ ଚାଲେ ନୁହେଁ ବରଂ ଏହା ଗଣତନ୍ତ୍ରର ସ୍ଥିରତା ଏବଂ ସାମାଜିକ ବ୍ୟବସ୍ଥାରେ ଆଧାର ଅଟେ। ଭୋଟବ୍ୟାଙ୍କ ରାଜନୀତି ମଧ୍ୟ ଡ଼େମୋଗ୍ରାଫିକ୍ ଅସନ୍ତୁଳନ ପାଇଁ ଅନେକ ମାତ୍ରାରେ ଦାୟୀ ।

*ରାମଚନ୍ଦ୍ରପୁର, ରଣପୁର*
*ମୋ. ୯୪୩୮୪୮୫୦୯୪*

# ବିଶ୍ୱର ସମସ୍ୟାର ସମାଧାନର ରାସ୍ତା ଦେଖାଇପାରିବ ଭାରତ

■ ଡ. ସମନ୍ୱୟ ନନ୍ଦ ■

ନିଜର 'ସ୍ୱ' ର ଆଧାରରେ 'ଭାରତ' ରାଷ୍ଟ୍ରର ପୁନଃନିର୍ମାଣର ଧ୍ୟେୟ ନେଇ ୧୯୨୫ ମସିହାରେ ଆରମ୍ଭ ହୋଇଥିବା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଶହେ ବର୍ଷ ପୂରଣ କରିଛି । ପ୍ରତିବର୍ଷ ସଂଘର ପ୍ରତିଷ୍ଠା ଦିବସ ବିଜୟାଦଶମୀ ଉତ୍ସବରେ ସରସଂଘଚାଳକ ତାଙ୍କ ଉଦବୋଧନକୁ ଅତ୍ୟନ୍ତ ଗୁରୁତ୍ୱ ଦିଆଯାଇଥାଏ । କାରଣ ଏହି ଉଦବୋଧନରେ ସେ ରାଷ୍ଟ୍ର ସମ୍ମୁଖରେ ଥିବା ଆହ୍ୱାନ ଓ ଏହାର ସମାଧାନ ତଥା ଆଗାମୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥାନ୍ତି । ଚଳିତ ବର୍ଷ ସଂଘର ଶତାବ୍ଦୀ ବର୍ଷ ଆରମ୍ଭ ହୋଇଥିବା କାରଣରୁ ଚଳିତ ବିଜୟାଦଶମୀ ଉତ୍ସବରେ ସରସଂଘଚାଳକ ମୋହନ ଭାଗବତଙ୍କ ଉଦବୋଧନକୁ ଆହୁରି ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଉଥିଲା । ଚଳିତବର୍ଷ ସରସଂଘଚାଳକ ତାଙ୍କ ଉଦବୋଧନରେ ସମରସତାପୂର୍ଣ ସମାଜ ତିଆରି କରିବା, ଆତ୍ମନିର୍ଭର ଭାରତ ନିର୍ମାଣ, ବିଭିନ୍ନ ସମସ୍ୟାରେ ଜର୍ଜରିତ ସମ୍ପୂର୍ଣ୍ଣ ବିଶ୍ୱକୁ ଭାରତ କିଭଳି ଭାବେ ତାର ସନାତନ ବିଚାର ମାଧ୍ୟମରେ ସମାଧାନର ରାସ୍ତା ଦେଖାଇ ପାରିବ ସେ ନେଇ ଚର୍ଚ୍ଚା କରିଥିଲେ ।

ତାଙ୍କ ଉଦବୋଧନରେ ସେ ଯେଉଁ ବାର୍ତ୍ତା ପ୍ରଦାନ କରିଥିଲେ ତାହା କେବଳ ସଂଘର କାର୍ଯ୍ୟକର୍ତ୍ତାମାନଙ୍କ ପାଇଁ ନୁହେଁ ବରଂ ସମ୍ପୂର୍ଣ୍ଣ ଭାରତୀୟ ସମାଜ ଓ ସମଗ୍ର ବିଶ୍ୱ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ । ତାଙ୍କର ଚଳିତ ବର୍ଷର ବକ୍ତବ୍ୟ ରାଷ୍ଟ୍ରୀୟ ଓ ଅନ୍ତରାଷ୍ଟ୍ରୀୟ ପରିସ୍ଥିତିର କେବଳ ବିଶ୍ଳେଷଣ ନ ଥିଲା ବରଂ ଭାରତ ନିକଟରେ ଏହି ସମସ୍ତ ସମସ୍ୟା ଗୁଡିକର ସ୍ଥାୟୀ ସମାଧାନ ପାଇଁ ଦୃଷ୍ଟି ଓ ମାର୍ଗଦର୍ଶନ କରିବା ପାଇଁ ଶକ୍ତି ମଧ୍ୟ ରହିଛି । ଏହାକୁ ପ୍ରତ୍ୟେକ ଭାରତବାସୀଙ୍କୁ ବୁଝିବାକୁ ପଡିବ ।

ସେ ସ୍ପଷ୍ଟ ଶବ୍ଦରେ କହିଥିଲେ ଯେ ଗତ କିଛି ବର୍ଷ ମଧ୍ୟରେ ଭାରତ ଆତ୍ମବିଶ୍ୱାସ ଓ ଆଶାକୁ ବଢାଇବା ଭଳି ଉପଲବ୍ଧି ମାନ ଦେଖିଛି । ବିଶାଳ ପ୍ରୟାଗରାଜ କୁମ୍ଭର ଆୟୋଜନ ଓ ପହଲଗାମ ଠାରେ ସୀମା ପାର ଆତଙ୍କବାଦୀ ମାନଙ୍କ ଦ୍ୱାରା ଧର୍ମ ପଚାରି ହତ୍ୟା କରାଯିବା ଘଟଣା ପରେ ଅପରେସନ ସିନ୍ଦୂର ଜରିଆରେ ଭାରତୀୟ ସେନାର ଶକ୍ତିଶାଳୀ ପ୍ରତିକ୍ରିୟା ହେଉଛି ଏହାର ଉଦାହରଣ । ସମାଜର ଏକତା ଓ ସେନାର ପରାକ୍ରମ ସ୍ପଷ୍ଟ କରିଛି ଯେ ଭାରତ ନିଜର ସୁରକ୍ଷା ପ୍ରତି ସଚେତନ ଓ ସମର୍ଥ । ଅପରେସନ ସିନ୍ଦୁର ସମୟରେ ବିଭିନ୍ନ ଦେଶ କେତେ ମାତ୍ରାରେ ଭାରତର କିଏ ମିତ୍ର ଓ କେତେ ମାତ୍ରାରେ ମିତ୍ର ତାହା ମଧ୍ୟ ସ୍ପଷ୍ଟ କରି ଦେଇଛି । ନକ୍ସଲବାଦ ନିୟନ୍ତ୍ରଣକୁ ନେଇ ମିଳିଥିବା ସଫଳତାର ମଧ୍ୟ ସେ ଉଲ୍ଲେଖ କରିଥିଲେ । ବିଭିନ୍ନ ପଡୋଶୀ ଦେଶରେ ହିଂସାତ୍ମକ ଉପଦ୍ରବ ଜରିଆରେ କ୍ଷମତା ପରିବର୍ତ୍ତନ ଉପରେ ମନ୍ତବ୍ୟ ଦେଇ ସେ କହିଛନ୍ତି ଯେ ଗଣତାନ୍ତ୍ରିକ ମୂଲ୍ୟବୋଧ ଜରିଆରେ ମଧ୍ୟ ପରିବର୍ତ୍ତନ ସମ୍ଭବ । କ୍ରାନ୍ତି ନାମରେ ଏଭଳି ହିଂସାତ୍ମକ ଆନ୍ଦୋଳନ ଉଚିତ ନୁହେଁ ବରଂ ବିଦେଶୀ ଶକ୍ତି ମାନେ ଏଥିରୁ ଲାଭ ଉଠାଇବାକୁ ଚେଷ୍ଟା କରିଥାନ୍ତି । ଭାରତର ଜନସାଧାରଣଙ୍କୁ ଏଥି ପାଇଁ ସେ ସତର୍କ କରାଇଥିଲେ । ଭାରତକୁ ଅସ୍ଥିର କରିବାକୁ ଅନେକ ବିଦେଶୀ ଶକ୍ତି ପ୍ରୟାସରେ ଲାଗିଛନ୍ତି ।

ଶ୍ରୀ ଭାଗବତ ଦେଶର ଅର୍ଥନୀତିର ପ୍ରଗତିକୁ ସକାରାତ୍ମକ ବୋଲି ଉଲ୍ଲେଖ କରିବା ସହ କହିଥିଲେ ଯେ ବର୍ତ୍ତମାନର ଉପଭୋଗବାଦୀ ବିକାଶ ମଡେଲର କୁଫଳ ବର୍ତ୍ତମାନ ସାମ୍ନାକୁ ଆସୁଛି। ଉପଭୋଗବାଦୀ ବିକାଶ ମଡେଲ କାରଣରୁ ଶୋଷଣର ନୂଆ ତନ୍ତ୍ର, ପରିବେଶର ହାନି ଏବଂ ମାନବୀୟ ସମ୍ପର୍କରେ ଅବନତି ଘଟୁଛି । ଏସବୁ ଚ୍ୟାଲେଞ୍ଜ ଭାରତ ସମ୍ମୁଖରେ ମଧ୍ୟ ଅଛି। ଏହାର ସମାଧାନ କେବଳ 'ସ୍ୱଦେଶୀ' ଓ 'ସ୍ୱାବଲମ୍ବନ' ନୀତି ଦ୍ୱାରା ସମ୍ଭବ। ଶ୍ରୀ ଭାଗବତ ବିଶେଷ କରି ହିମାଳୟରେ ହେଉଥିବା ଜଳବାୟୁ ସଙ୍କଟ ଏବଂ ଦକ୍ଷିଣ ଏସିଆ ଉପରେ ତାହାର ପ୍ରଭାବ ବିଷୟରେ ଧ୍ୟାନ ଆକର୍ଷଣ କରିଥିଲେ। ସେ ସଚେତନ କରିଥିଲେ ଯେ ଭାରତକୁ ଏହା ଉପରେ ଗୁରୁତ୍ୱର ସହିତ ବିଚାର କରିବାକୁ ପଡିବ, କାରଣ ପରିବେଶୀୟ ଅସନ୍ତୁଳନ ସିଧାସଳଖ ବାସ୍ତବ ଅସ୍ତିତ୍ୱ ସଙ୍କଟରେ ପରିଣତ ହୋଇପାରେ ।

ଆଧୁନିକ ବିଶ୍ୱର ବିକାଶ ମଡେଲ କିଭଳି ଭାବେ ଅସମ୍ପୂର୍ଣ୍ଣ ତାହାକୁ ସରସଂଘଚାଳକ ଅତ୍ୟନ୍ତ ପ୍ରାଞ୍ଜଳ ଭାବେ ବୁଝାଇଥିଲେ । ଆଧୁନିକ ବିକାଶ ମଡେଲ ଦ୍ୱାରା ବିଜ୍ଞାନ ଓ ଟେକ୍ନୋଲଜୀର ପ୍ରଗତି କାରଣରୁ ଭୌତିକ ବିକାଶ ହେଉଛି ସଜ ହେଲେ ମାନବ ଜୀବନରେ ଅନେକ ସମସ୍ୟା ମଧ୍ୟ ଉତ୍ପନ୍ନ ହୋଇଛି । ସର୍ବତ୍ର ଯୁଦ୍ଧ, ଛୋଟ ବଡ କଳହ, ପରିବେଶର କ୍ଷରଣ କାରଣରୁ ପ୍ରକୃତିର ଉଗ୍ର ରୂପ, ସମାଜ ଓ ପରିବାରର ବିଘଟନ ଆଦି ଦେଖିବାକୁ ମିଳୁଛି । ଏ ସବୁର ସମାଧାନ ପାଇଁ ପ୍ରୟାସ ହେଉଛି ହେଲେ ସମାଧାନ ମିଳି ପାରୁ ନାହିଁ। ଏହାର ସମାଧାନ ଭାରତର ସନାତନ ବିଚାରରେ ରହିଛି । ଭାରତର ଆଧାତ୍ମିକ ସନାତନ ବିଚାର ବ୍ୟକ୍ତି, ସମାଜ ଓ ସୃଷ୍ଟି ଏହି ତିନୋଟିର ସମନ୍ୱିତ ବିକାଶ ଉପରେ ଗୁରୁତ୍ୱ ଦେଇଥାଏ । ତେଣୁ ଏବେ ଏହି ସମସ୍ୟାର ସମାଧାନ ପାଇଁ ବିଶ୍ୱ ଭାରତୀୟ ଦୃଷ୍ଟି ଓ ଭାରତୀୟ ଚିନ୍ତନକୁ ଅପେକ୍ଷା କରିଛି । ଏହି ଦୃଷ୍ଟି ଭାରତକୁ 'ବିଶ୍ୱ ଗୁରୁ' ଭୂମିକା ନିର୍ବାହ କରିବାର ଯୋଗ୍ୟ କରିଥାଏ ।

ଶ୍ରୀ ଭାଗବତ ତାଙ୍କ ଉଦବୋଧନରେ କହିଥିଲେ ଯେ, କେବଳ ଶାସନ–ପ୍ରଶାସନର ନୀତିମାନଙ୍କ ଦ୍ୱାରା ସମାଜରେ ପରିର୍ବନ ସମ୍ଭବ ନୁହେଁ। ଏହା ପାଇଁ ସମାଜକୁ ସଚେତନ ହେବାକୁ ଓ ଆଚରଣରେ ପରିବର୍ତ୍ତନଶୀଳ ହେବାକୁ ପଡିବ। ସେ ସଂଘର ଶାଖାକୁ ଏହି ପ୍ରକ୍ରିୟାର କେନ୍ଦ୍ର ବୋଲି ବର୍ଣ୍ଣନା କରିଥିଲେ,ଯେଉଁଠାରେ ବ୍ୟକ୍ତିଗତ ସଦ୍‌ଗୁଣ, ସାମୁହିକତା ଓ ସମାଜସେବାର ସଂସ୍କାର ମିଳେ ।

ଶ୍ରୀ ଭାଗବତ ତାଙ୍କ ଉଦବୋଧନ ଆହୁରି କହିଥିଲେ ଯେ ସର୍ବ ପ୍ରଥମେ ବ୍ୟକ୍ତି ନିର୍ମାଣ ହେବା ଜରୁରୀ । ବ୍ୟକ୍ତି ନିର୍ମାଣ ଦ୍ୱାରା ସମାଜ ପରିବର୍ତ୍ତନ ହୋଇ ପାରିବ ଓ ଏହା ଦ୍ୱାରା ବ୍ୟବସ୍ଥାରେ ପରିବର୍ତ୍ତନ ହୋଇପାରିବ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଶାଖା ମାଧ୍ୟମରେ ଏହି ଉଦ୍ଦେଶ୍ୟ ପୂର୍ତ୍ତି ପାଇଁ କାର୍ଯ୍ୟ କରି ଆସୁଛି । ସ୍ୱୟଂସେବକମାନେ ନିଜ ଜୀବନ ଦ୍ୱାରା ଉଦାହରଣ ସୃଷ୍ଟି କରନ୍ତୁ ଓ ସମାଜକୁ ପ୍ରେରିତ କରନ୍ତୁ ବୋଲି ସେ ଆହ୍ୱାନ ଜଣାଇଥିଲେ ।

ସରସଂଘଚାଳକ ତାଙ୍କର ଉଦବୋଧନରେ ଭାରତର ସାଂସ୍କୃତିକ ବିବିଧତାକୁ ଏହାର ଶକ୍ତି ବୋଲି କହିଥିଲେ । ଏହା ସହିତ ସେ ସତର୍କ ମଧ୍ୟ କରି କହିଥିଲେ , ଏହି ବିବିଧତା ବିଭାଜନର କାରଣ ହେବା ଉଚିତ୍ ନୁହେଁ। ଭାରତର ଏହି ଏକତାକୁ ଡ଼ା. ଅମ୍ବେଡକରଙ୍କର ଅନ୍ତର୍ନିହିତ ସାଂସ୍କୃତିକ ଏକତା ବୋଲି କହିଛନ୍ତି । ଭାରତର ରାଷ୍ଟ୍ରୀୟତା କୌଣସି ନେସନ–ଷ୍ଟେଟ୍‌ର ଧାରଣା ଉପରେ ନୁହେଁ, ବରଂ ସାଧାରଣ ସାଂସ୍କୃତି, ପରମ୍ପରା ଓ ମାତୃଭୂମି ଭକ୍ତି ଉପରେ ଆଧାରିତ। ଏହି ହିନ୍ଦୁ ରାଷ୍ଟ୍ରୀୟତା ଆମକୁ ଏକତାର ସୂତ୍ରରେ ବାନ୍ଧି ଥାଏ ବୋଲି ସେ ସ୍ପଷ୍ଟ କରିଥିଲେ ।

ଶତାବ୍ଦୀ ବର୍ଷକୁ ଦୃଷ୍ଟିରେ ରଖି ସେ ସଂଘର ଆଗାମୀ ଲକ୍ଷ୍ୟ ଓ ଯୋଜନା ସମ୍ପର୍କରେ ମଧ୍ୟ ସେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଥିଲେ । ରାଷ୍ଟ୍ରୀୟ ସ୍ୱୟଂସେବକର ପଂଚ ପରିବର୍ତନ ମଧ୍ୟରେ ସାମାଜିକ ସମରସତା, କୁଟୁମ୍ବ ପ୍ରବୋଧନ, ପରିବେଶ ସୁରକ୍ଷା, ସ୍ୱ ବୋଧ– ସ୍ୱଦେଶୀ– ସ୍ୱାବଲମ୍ବନ ଓ ନାଗରିକ ଅନୁଶାସନ ଓ ସମ୍ବିଧାନ ପାଳନ ସାମିଲ ରହିଛି । ଏହି ପାଞ୍ଚଟି କ୍ଷେତ୍ରରେ ସ୍ୱୟଂସେବକମାନେ ନିଜ ଜୀବନ ଓ ପରିବାରରେ ପରିବର୍ତ୍ତନର ଉଦାହରଣ ହୋଇଥିବା ଆବଶ୍ୟକ ବୋଲି ସେ କହିଛନ୍ତି । ଆଗାମୀ ଦିନ ମାନଙ୍କର ସ୍ୱୟଂସେବକ ମାନେ ପଞ୍ଚ ପରିବର୍ତ୍ତନ ଆଧାରରେ କାର୍ଯ୍ୟ କରିବେ ବୋଲି କହିଥିଲେ । ଦେଶର ସମସ୍ତ ସଜ୍ଜନ ଶକ୍ତି ମାନଙ୍କୁ ସ୍ୱୟଂସେବକ ମାନେ ଯୋଡି ଲକ୍ଷ୍ୟ ହାସଲ କରିବା ଦିଗରେ କାମ କରିବେ ।

ମୋହନ ଭାଗବତଙ୍କ ଏହି ବିଜୟାଦଶମୀ ଉତ୍ସବର ବାର୍ତ୍ତା ସ୍ପଷ୍ଟ କରିଛି ଯେ ସଂଘ କେବଳ କୌଣସି ସଂଗଠନ ନୁହେଁ ବରଂ ସମାଜ ଓ ରାଷ୍ଟ୍ର ନିର୍ମାଣ ପାଇଁ ଚାଲିଥିବା ଏକ ଯଜ୍ଞ ଯାହା ଗତ ଏକ ଶହ ବର୍ଷ ଧରି ଚାଲି ଆସିଛି । ଏହି ଯଜ୍ଞରେ ହଜାର ହଜାର ମୌନ ତପସ୍ୱୀ ନିଜ ଜୀବନକୁ ତିଳ ତିଳ କରି ଜଳାଇଛନ୍ତି । ଭାରତ ନିଜର ସାଂସ୍କୃତିକ ଦୃଷ୍ଟି ଓ ଚରିତ୍ର ନିର୍ମାଣର ଶକ୍ତି ଜରିଆରେ ସମଗ୍ର ବିଶ୍ୱକୁ ନୂଆ ଦିଗ ଦେଇ ପାରିବ । ଆଜି ଯେତେବେଳେ ବୈଶ୍ୱିକ ସ୍ତରରେ ଯୁଦ୍ଧ, ଆତଙ୍କବାଦ, ଜଳବାୟୁ ସଂକଟ ଭଳି ଆହ୍ୱାନ ମାନ ଦେଖା ଦେଇଛି ଓ ଏହାର ସମାଧାନର ରାସ୍ତା ବାହାରି ପାରୁ ନାହିଁ ସେତେବେଳେ ଭାରତ ଠାରୁ ଆଶା କିରଣ ଦେଖା ଯାଉଛି । ସମ୍ପୂର୍ଣ୍ଣ ବିଶ୍ୱର କଲ୍ୟାଣର ମାର୍ଗ ଭାରତ ନିକଟରେ ରହିଛି । ଏହି ମାର୍ଗ ଭାରତର ମୁନି ଋଷି ମାନେ ହଜାର ହଜାର ବର୍ଷର ତପସ୍ୟା ଓ ସାଧନା କରି ଆମକୁ ଦେଖାଇଛନ୍ତି । ସମଗ୍ର ବିଶ୍ୱ ଓ ସମ୍ପୂର୍ଣ୍ଣ ମାନବିକତାର କଲ୍ୟାଣ ପାଇଁ ଏହି ମାର୍ଗ ବିଶ୍ୱକୁ ପ୍ରଦାନ କରିବା ହେଉଛି ଭାରତର କର୍ତ୍ତବ୍ୟ । ଏହା ପ୍ରତ୍ୟେକ ଭାରତବାସୀଙ୍କୁ ବୁଝିବାକୁ ପଡିବ ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ




## ଜଗଦ୍ଧାତ୍ରୀ ବେଶରେ ମା'ଭଦ୍ରକାଳୀ



**ଭଦ୍ରକ:ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ପରମ ବୈଷ୍ଣବୀ ଆଦ୍ୟାଶକ୍ତି ମା ଭଦ୍ରକାଳୀ ସପ୍ତ ମାତୃକା ବେଶର ପଞ୍ଚମ ଦିବସରେ ଜଗଦ୍ଧାତ୍ରୀ ରୂପେ ପୂଜା ପାଇଛନ୍ତି । ମାଙ୍କର ଏହି ଅପୂର୍ବ ରୂପକୁ ଦର୍ଶନ କରି ଆଶିଷ ପ୍ରାପ୍ତ ହେବା ନିମନ୍ତେ ପୀଠରେ ରାତ୍ର ୧୧ ଘଟିକା ପର୍ଯ୍ୟନ୍ତ ଭିଡ଼ ଲାଗିରହିଥିଲା । ଜଗଦ୍ଧାତ୍ରୀ ବେଶରେ ମାଙ୍କ ମୁଖ ମଣ୍ଡଳ କମଳା ବର୍ଣ୍ଣ ଥିବା ବେଳେ ମା ନାଲି ପାଟ ଲୁଗା ପରିଧାନ କରିଥଲେ । ବାମ ହସ୍ତ ଯୁଗଳରେ ଗଦା ଓ ତ୍ରିଶୂଳ ଧାରଣ କରିଥିବା ବେଳେ ଦକ୍ଷିଣ ହସ୍ତ ଯୁଗଳରେ ଶଙ୍ଖ ଚକ୍ର ଧାରଣ କରିଥଲେ । ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାରରେ ମଣ୍ଡିତ ହୋଇ ବିଭିନ୍ନ ଭୂଷନରେ ସଜ୍ଜିତ ପୂର୍ବକ ଚତୁର୍ଦ୍ଧା ମୂର୍ତ୍ତିରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି । ମା ଆଜି ବ୍ୟାଘ୍ର ବାହନରେ ବିରାଜମାନ କରିଥିଲେ । ମା ଜଗତକୁ ଧାରଣ କରିଥିବାରୁ ସେ ଜଗଦ୍ଧାତ୍ରୀ ସେ ପାଳନ କରୁଛନ୍ତି ତ ପୁଣି ସମଗ୍ର ସଂସାରକୁ ପୋଷଣ କରୁଛନ୍ତି । ସେ ଆଦି ପୁଣି ଅନାଦି ସେ ହିଁ ଆରମ୍ଭ ପୁଣି ସେ ଅନନ୍ତ । ସୃଷ୍ଟିର ଜୀବ ଜଗତ, ପ୍ରାଣୀ ଜଗତ, ଉଦ୍ଭିଦ ଜଗତ ସବୁଠି ତାଙ୍କର ଶକ୍ତି ଓ ସତ୍ତା ଅନୁଭୂତ ହୁଏ । ମାଙ୍କ ବିନା ନିର୍ଦ୍ଦେଶରେ ଗଛରୁ ପତ୍ରଟିଏ ମଧ ହଲି ନଥାଏ । ଶାସ୍ତ୍ର ମତ ଅନୁସାରେ ଦେବତାମାନେ ମଧ ମାଙ୍କୁ ଜଗଦ୍ଧାତ୍ରୀ ରୂପେ ପୁଜା କରି ଶକ୍ତି ପ୍ରାପ୍ତ ହୋଇଥାଆନ୍ତି । ମହାଯଜ୍ଞର ପଞ୍ଚମ ଦିବସରେ ପିଠରେ ଗୀତ ପାଠ, ଚଣ୍ଡୀ ପାଠ, ବେଦ ପାଠ ଏବଂ ଆଚାର୍ଯ୍ୟମାନଙ୍କର ମନ୍ତ୍ର ଓ ସ୍ତୁତିରେ ପିଠ ପ୍ରକମ୍ପିତ ହେଉଛି । ସନ୍ଧ୍ୟା ଆଳତୀ ପରେ ଆରମ୍ଭ ହୋଇ ଥିଲା ସାଂସ୍କୃତିକ କାର୍ଯ୍ୟ କ୍ରମ । ଭଜନ ସନ୍ଧ୍ୟାରେ ଗାୟକ ସୌରଭ ନାୟକ ଦର୍ଶକମାନଙ୍କୁ ଆକର୍ଷିତ କରିବା ସହିତ ପରିବେଶକୁ ଆହୁରି ଆଧ୍ୟାତ୍ମିକତା ଭରି ଦେଇଥିଲେ । ଶନିବାର ମାଙ୍କର ମହସରସ୍ୱତି ବେଶ ଏବଂ ରବିବାର ମହାଲକ୍ଷ୍ମୀ ବେଶ ସହିତ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୂତି ହେବ । ମାଙ୍କ ଏହି ବେଶ ଏବଂ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ନିମନ୍ତେ ମନ୍ଦିର ପ୍ରଶାସନ ତରଫରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ପୂର୍ଣ୍ଣାହୂତି ଦିବସରେ ମାଙ୍କ ପହୁଡ଼ ଭୋଗ ସହ ଅନ୍ନ ପ୍ରସାଦ ହଜାର ହଜାର ଭକ୍ତଙ୍କୁ ବଣ୍ଟନ କରାଯାଇଥାଏ । ଚଳିତ ବର୍ଷ ପୁର୍ଣ୍ଣାହୂତି ନିମନ୍ତେ ଭକ୍ତମାନଙ୍କର ଭିଡକୁ ଲକ୍ଷ୍ୟ କରି ପାନୀୟ ଜଳ ବ୍ୟବସ୍ଥା, ଶୌଚାଳୟ ଓ ଆଇନ ଶୃଙ୍ଖଳା ପରିସ୍ଥିତି ନିମନ୍ତେ ପୋଲିସ ମୃତୟନ ବ୍ୟବସ୍ଥା କରାଯାଇଛି ।

## ୩୦ରେ ଗୋପାଷ୍ଟମୀ ମେଳା




**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ସ୍ଥାନୀୟ ନୂଆବଜାର ସ୍ଥିତ ଶ୍ରୀ ଗୋପାଳକଷ୍ଣ ଗୋଶାଳା ଠାରେ ବିଭିନ୍ନ କାର୍ଯ୍ୟକ୍ରମ ମାଧମରେ ଗୋପାଷ୍ଟମୀ ମହୋତ୍ସବ ଅନୁଷ୍ଠିତ ହେବ । ଏହି ଗୋପାଷ୍ଟମୀ ମହୋତ୍ସବ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଛି । ଗୋମାତାର ପୂଜା ଏହି ମେଳାର ସବୁଠାରୁ ମୁଖ୍ୟ ଆକର୍ଷଣ ରହିଛି । ଆସନ୍ତା ଅକ୍ଟୋବର ୨୬ ତାରିଖ ଦିନ ଗୋଶାଳା ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହେବ । ଏହା ସହିତ ସେହିଦିନ ମାଗଣାରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହେବ ବୋଲି ଗୋଶାଳାର ଅଧକ୍ଷ ଗଣେଶ ପ୍ରସାଦ କଣ୍ଡୋଇ ଶୁକ୍ରବାର ଅପରାହ୍ନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଅକ୍ଟୋବର ୩୦ ତାରିଖ ଦିନ ଗୋପାଷ୍ଟମୀ ମେଳା ଅନୁଷ୍ଠିତ ହେବ । ଏଥିରେ ଗୋମାତାଙ୍କର ପୂଜାର୍ଚ୍ଚନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆରଡ଼ିସି ଗୁହା ପୁନମ ତାପସ କୁମାର ଓ ସମ୍ମାନୀତ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ସୂଚନାଯୋଗ୍ୟ, ବର୍ତ୍ତମାନ ଗୋଶାଳାରେ ୭୦୦ରୁ ଉର୍ଦ୍ଧ୍ୱ ଗୋମାତା ଅଛନ୍ତି । ଗୋ ସୁରକ୍ଷା ଏବଂ ସଂରକ୍ଷଣ, ଗୋଶାଳାର ସ୍ୱଚ୍ଛତା ଏବଂ ଗୋଶାଳାର ଉନ୍ନତି ଏହି ଅନୁଷ୍ଠାନର ମୂଳ ଲକ୍ଷ୍ୟ ବୋଲି ଶ୍ରୀ କଣ୍ଡୋଇ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧରେ ସୁରେଶ ପୋଦାର, ବିଶ୍ୱନାଥ ଚୌଧୁରୀ, ସଂଜୟ ସଂତୁକା ଓ ଅରୁଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଅଂଶୁପାରେ ଜୈବବିବିଧତା ସୁରକ୍ଷା ସମ୍ପର୍କରେ ଆଲୋଚନା



**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ ବ୍ଲକ ଅନ୍ତର୍ଗତ ଅଂଶୁପା ହ୍ରଦ ସମ୍ମିଳନୀ କକ୍ଷରେ ଓଡ଼ିଶା ଜୈବବିବିଧତା ବୋର୍ଡ ପକ୍ଷରୁ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଶେଷ କରି ଜୈବବିବିଧତାର ସୁରକ୍ଷା , ଜୈବବିବିଧତା ନଥିପତ୍ର ବା ପି.ବି.ଆର.ର ଆଇନଗତ, ବୈଷୟିକ ଓ ବିଜ୍ଞାନ ସମସ୍ତ ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଓଡ଼ିଶା ଜୈବବିବିଧତା ବୋର୍ଡର ଉପବନ ସଂରକ୍ଷକ ଅଧିକାରୀ ଶିଶିର କୁମାର ମିଶ୍ର ଯୋଗଦାନ କରି ଜୈବବିବିଧତା ସଂପର୍କରେ ଆଲୋକପାତ କରିଥିଲେ । ଆଠଗଡ଼ ବନଖଣ୍ଡର ସହକାରୀ ବନସଂରକ୍ଷକ ମନୋଜ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଜୈବବିବିଧତା ପରିଚାଳନା ସଂପର୍କରେ ଆଲୋକପାତ କରିଥିଲେ । ବିଶିଷ୍ଟ ଅଣୁଜୀବ ବିଜ୍ଞାନୀ ତଥା ଓଡ଼ିଶା ଜୈବବିବିଧତା ବୋର୍ଡର ସଂଯୋଜକ ଡକ୍ଟର ସୁଧାଂଶୁ କୁମାର ନାୟକ ଯୋଗଦାନ କରି କୃଷି ଜୈବବିବିଧତା , ଅଣୁଜୀବର ସଂରକ୍ଷଣ, ଜଙ୍ଗଲି କିଷମ କୃଷି, ଦେଶୀୟ ବିହନର ସୁରକ୍ଷା, ମିଲେଟ୍ କୃଷି ଉପରେ ଆଲୋକପାତ କରିଥିଲେ । ଉଦ୍ଭିଦ ବିଜ୍ଞାନୀ ଡକ୍ଟର ପ୍ରଭାତ କୁମାର ଦାସ ଓ ବନ୍ୟଜନ୍ତୁ ବିଶେଷଜ୍ଞ ସୁବ୍ରତ କୁମାର ପ୍ରଧାନ ଯୋଗଦାନ କରି ଉଦ୍ଭିଦ ଓ ଜୀବଯନ୍ତୁ ମାନଙ୍କର ଗୁଣାବଳୀ ସଂପର୍କରେ ଆଲୋକପାତ କରିଥିଲେ । ବନ୍ୟଜୀବନ ସମିତିର ସହସଂପାଦକ ରବିନ୍ଦ୍ର କୁମାର ସାହୁ, ବ୍ଲକ କୃଷି ଅଧିକାରୀ ପ୍ରପିଆ ପ୍ରିୟଦର୍ଶିନୀ, ପ୍ରକୃତି ପରିବେଶ ଓ ବନ୍ୟଜନ୍ତୁ ସମିତିର ସଂଯୋଜକ ପ୍ରିୟବ୍ରତ ବେହେରା, ଶ୍ୟାମସୁନ୍ଦର ଦାସ, ଲିକୁନ୍ ପ୍ରଧାନ, ଗବେଷିକା ଲକ୍ଷ୍ମୀପ୍ରିୟା ଦାସ, ଶ୍ରୀନୁଆରଧନା, ଜିତୁ ବାରିକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଓସ୍ତିଆ ଜୈବବିବିଧତା ପରିଚାଳନା ସମିତିର ଅଧକ୍ଷ ଆର୍ତ୍ତବନ୍ଧୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ୨ ବାଲି ପଥର ବୋଝେଇ ଡମ୍ଫର ଜବତ

**ସୋର:ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଖଣି ବିଭାଗ ତରଫରୁ ଦୁଇଟି ବେଆଇନ ବାଲି ଏବଂ ପଥର ବୋଝେଇ ଡମ୍ଫରକୁ ଜବତ କରି ସୋର ଥାନାରେ ଜିମା ଦିଆଯାଇଛି । ସୂଚନା ଅନୁସାରେ ଆଜି ଭୋର ସମୟରେ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଏକ ଟିମ ସହ ୧୬ ନମ୍ବର ଜାତୀୟ ରାଜପଥ ମାଟିଆପଲ୍ଲୀ ଛକ ନିକଟରେ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଆସୁଥିବା ବାଲି ବୋଝେଇ ଗାଡି ଗୁଡିକର କାଗଜପତ୍ର ଯାଞ୍ଚ କରୁଥିଲେ । ଏହି ସମୟରେ ଓଡି ୦୧ଏପି ୭୭୦୭ ନମ୍ବର ବିଶିଷ୍ଟ ହାଇୱାଟି ବେଆଇନ ଭାବେ ବାଲି ପରିବହନ କରୁଥିବା ଜାଣିପାରି ହାଇୱା ଟିକୁ ଜବତ କରି ଥାନାରେ ଜିମାଦେଇଥିଲେ । ସେହିପରି ଅପରାହ୍ନରେ ଏହି ଟିମ ଦହିପୁର ଛକରେ ଚଢ଼ାଉ କରି ବାଗୁଡ଼ି ପାହାଡ଼ରୁ ବେଆଇନ ଭାବେ ପଥର ବୋଝେଇ କରି ଆସୁଥିବା ଓଡି ୦୧ ଏଜେଡ ୪୯୯୩ ନମ୍ବର ବିଶିଷ୍ଟ ଡମ୍ଫରକୁ ଜବତ କରି ସୋର ଥାନାରେ ଜିମା ଦେଇଛନ୍ତି ।

## ମଳିପଡ଼ାରେ ସୋଆ ଆଇଟିଇଆର ଏନ୍‌ଏସ୍‌ଏସ୍ ୟୁନିଟର ୭ ଦିନିଆ ବିଶେଷ ଶିବିର




**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ଏନ୍‌ଏସ୍‌ଏସ୍ ୟୁନିଟ ଦ୍ୱାରା ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ନିକଟସ୍ଥ ମଳିପଡ଼ା ଗ୍ରାମରେ ଏକ ସାତ ଦିନିଆ ସ୍ୱତନ୍ତ୍ର ସେବା ଶିବିର ଅକ୍ଟୋବର ୨୩ ରୁ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ଆଇଟିଇଆର୍‌ରର ଡିନ୍ ପ୍ରଫେସର ପ୍ରଦୀପ୍ତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରି ଏନଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ସମାଜ ସେବା ପ୍ରତି ନିଷ୍ଠା ଓ ଉତ୍ସାହକୁ ପ୍ରଶଂସା କରିଥିଲେ । ଏଭଳି ଶିବିର ଯୁବ ସଂପ୍ରଦାୟ ମଧ୍ୟରେ ନେତୃତ୍ୱ, ଏକତା ଓ ସାମାଜିକ ଜାଗୃତି ସୃଷ୍ଟି କରିପାରିବ ବୋଲି ପ୍ରଫେସର ସାହୁ କହିଥିଲେ ।

ଏନଏସଏସ୍ ପ୍ରୋଗ୍ରାମ କୋଅର୍ଡିନେଟର (ସୋଆ ୟୁନିଭର୍ସିଟି) ଡକ୍ଟର କମଳ ଲୋଚନ ମହାନ୍ତ ସ୍ୱେଚ୍ଛାସେବୀମାନଙ୍କୁ ମଳିପଡ଼ା ଗ୍ରାମର ଲୋକମାନଙ୍କ ଆବଶ୍ୟକତା ନିମନ୍ତେ ନୂଆ ଭାବନା ଓ ସୃଜନଶୀଳ କାର୍ଯ୍ୟକଳାପ ଆରମ୍ଭ କରିବାକୁ ପ୍ରେରିତ କରିଥିଲେ । ସେ ଗ୍ରାମର ପରିବେଶ, ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ ସୁଧାର ନିମନ୍ତେ ସାମୁହିକ ଚେଷ୍ଟା ଉପରେ ଜୋର ଦେଇଥିଲେ । ଏନଏସଏସ୍ ପ୍ରୋଗ୍ରାମ ଅଫିସର ଡାକ୍ତର କନକଲତା ଓଝା, ଡକ୍ଟର ଶିବ ପ୍ରସାଦ ତ୍ରିପାଠୀ ଏବଂ ଶ୍ରୀମତି ପଦ୍ମଜା ପଟେଲ ସ୍ୱେଚ୍ଛାସେବୀମାନଙ୍କୁ ଏହି ୭ ଦିନରେ କିପରି ବିଭିନ୍ନ ସାମାଜିକ ଓ ପରିବେଶମୂଳକ କାର୍ଯ୍ୟକ୍ରମ କରାଯିବ ସେ ବିଷୟରେ ଦିଗଦର୍ଶନ ଦେଇଥିଲେ ।

ଶିବିରର ପ୍ରଥମ ଦିନ ସମସ୍ତ ଏନଏସଏସ୍ ସ୍ୱେଚ୍ଛାସେବୀ ମଳିପଡ଼ା ଗ୍ରାମର ପ୍ରତ୍ୟେକ ଘର ବୁଲି ଶିକ୍ଷା ଓ ସାମାଜିକ-ଆର୍ଥିକ ସର୍ଭେ କରିଥିଲେ । ସେମାନେ ଗ୍ରାମବାସୀଙ୍କର ଦୈନିକ ଆବଶ୍ୟକତା, ସମସ୍ୟା ଆଦି ବିଷୟରେ ବୁଝିବା ସହ ଡାକ୍ତର ଓଝା ସ୍ୱେଚ୍ଛାସେବୀଙ୍କ ସହ ଗ୍ରାମର ଏକ ସ୍କୁଲର ଛାତ୍ରଛାତ୍ରୀଙ୍କ ସହ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ବିଷୟରେ ଆଲୋଚନା କରିଥିଲେ । ଏହି ଶିବିରରେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସ୍ୱଚ୍ଛତା ଅଭିଯାନ, ବୃକ୍ଷ ରୋପଣ, ସ୍ୱାସ୍ଥ୍ୟ ଶିବିର, ଶିକ୍ଷା ଓ ସଚେତନତା ରାଲି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ । ଏଭଳି ଶିବିର ଆଗାମୀ ଦିନଗୁଡ଼ିକର କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବଶାଳୀ କରିବାରେ ସାହାଯ୍ୟ କରିବ ।

## ୧୨ରେ କୁଟୁଣୀପଦରରୁ ଶୁଭାରମ୍ଭ ହେବ 'ପରବ'




**କୋରାପୁଟ:ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ସଦଭାବନା ସଭାଗୃହ ଠାରେ କୋରାପୁଟ ଜିଲ୍ଲାର ଆଦିବାସୀ ମହୋତ୍ସବ ପରବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କୋରାପୁଟ ବିଧାୟକ ରଘୁରାମ ମାଛ, ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ଆଇଏଏସ ପ୍ରୋବେସନାରୀ ସନ୍ତୋଷ କୁମାର ପାତ୍ର, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, କୋରାପୁଟ ପୌର ପରିଷଦ ଅଧକ୍ଷ ଲଲାଟ ରଞ୍ଜନ ସେଠୀ, କୋରାପୁଟ ଏସପି ରୋହିତ ବର୍ମା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ, କୋରାପୁଟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସ୍ନେହପ୍ରଭା ମାଝୀ, କୋରାପୁଟ ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ ତାଣ୍ଡି, କୋରାପୁଟ ତହସିଲଦାର ଶୟଦ ସବିର ସାହା, କୋରାପୁଟ ସାଂସଦଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ ପ୍ରମୁଖଙ୍କ ସହ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜର ମତାମତ ଉପସ୍ଥାପନା କରିଥିଲେ । ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ କୁଟୁଣୀପଦର ଶିବ ମନ୍ଦିରରୁ ପରବ ୨୦୨୫ ଶୁଭାରମ୍ଭ କରାଯିବ । ଜିଲ୍ଲାର ସମସ୍ତ ପଞ୍ଚାୟତରେ ନଭେମ୍ବର ମାସ ୧୩ ତାରିଖରୁ ୨୩ ପର୍ଯ୍ୟନ୍ତ ଏବଂ ବ୍ଲକ ଓ ସହରାଞ୍ଚଳ ପରବ ନଭେମ୍ବର ମାସ ୨୪ ତାରିଖରୁ ଡିସେମ୍ବର ମାସ ୪ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ । କୋରାପୁଟ ପୌର ପରିଷଦ ଅନ୍ତର୍ଗତ ପରବ ପଡ଼ିଆରେ ଆସନ୍ତା ଡିସେମ୍ବର ମାସ ୧୮ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ପରବ ଉତ୍ସବ ପାଳନ କରାଯିବ । ଜିଲ୍ଲାସ୍ତରୀୟ ପରବ ଉତ୍ସବ ପାଳନ ଅବସରରେ ପଲ୍ଲୀଶ୍ରୀ ଓ ଖାଦ୍ୟ ମେଳା ଆୟୋଜନ କରାଯିବା ସହ ନୂତନ ଭାବେ ଫୁଲ ପ୍ରଦର୍ଶନୀ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । କୋରାପୁଟ ଜିଲ୍ଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା ଯୋଗଦେଇ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ପିଆଇବି ପକ୍ଷରୁ 'ତମାଖୁ ମୁକ୍ତ ଯୁବ ସମାଜ ଅଭିଯାନ' କର୍ମଶାଳା




**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତୀୟ ଯୁବସମାଜ ତମାଖୁ ନିଶାରେ ପଡ଼ି ଶାରିରୀକ ଓ ମାନସିକ କ୍ଷତିର ଶିକାର ହେଉଛନ୍ତି । ବିଶେଷକରି କିଶୋରବସ୍ଥାରେ ତମାଖୁ ନିଶା ବିଭିନ୍ନ ପ୍ରକାରର ଗୁରୁତର ବ୍ୟାଧି ସୃଷ୍ଟି କରୁଛି । ଦେଶର ଯୁବପିଢ଼ିଙ୍କୁ ତମାଖୁ ନିଶା କବଳରୁ ରକ୍ଷା କରିବା ଲାଗି ବ୍ୟାପକ ସଚେତନତା ସହିତ ତମାଖୁ ସଂକ୍ରାନ୍ତ ଆଇନର କଡ଼ାକଡ଼ି ଅନୁପାଳନର ଆବଶ୍ୟକତା ରହିଛି ବୋଲି ଆଜି କଟକରେ ଆୟୋଜିତ ଗଣମାଧମ କର୍ମଶାଳା "ବାର୍ତ୍ତା"ରେ ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଛନ୍ତି । ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ରସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ ଆଜି ଏହି କର୍ମଶାଳା କଟକଠାରେ ଅନୁଷ୍ଠିତ ହୋଇଥିଲା । ପିଆଇବି ର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ ମିଶ୍ର କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଏକ ତମାଖୁ ମୁକ୍ତ ସମାଜ ଗଠନ ପାଇଁ ବ୍ୟାପକ ଜନସେଚତନତା ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ଯୋଗ ଦେଇଥିଲେ । ତମାଖୁ ଏବଂ ଅନ୍ୟ ନିଶା ଦ୍ରବ୍ୟ ସଂପର୍କରେ ସଚେତନତା ସୃଷ୍ଟି କରିବା ଏବଂ ସରକାରଙ୍କ ପଦକ୍ଷେପକୁ ବ୍ୟାପକ ମାତ୍ରାରେ ପ୍ରଚାର ପ୍ରସାର କରିବାରେ ଗଣମାଧମର ପ୍ରମୁଖ ଭୂମିକା ଅଛି ବୋଲି ଶ୍ରୀ ଟପୋ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ଚିକିତ୍ସା ପ୍ରତିଷ୍ଠାନର ପ୍ରାଧ୍ୟାପକ ଡାକ୍ତର ସୁରେନ୍ଦ୍ର ନାଥ ସେନାପତି ତାଙ୍କ ଅଭିଭାଷଣରେ ତମାଖୁ ନିଶାର କୁପ୍ରଭାବ ସଂପର୍କରେ ତଥ୍ୟାତ୍ମକ ଅବତାରଣା କରିଥିଲେ । କଟକ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଶାନ୍ତ ହୋତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ତମାଖୁ ମୁକ୍ତ ଭାରତ ଗଠନ ଦ୍ୱାରା ବିକଶିତ ଭାରତର ସ୍ୱପ୍ନ ସାକାର ହୋଇପାରିବ ବୋଲି ଡାକ୍ତର ହୋତା ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତପନ ମିଶ୍ର ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ସିବିସିର ସହାୟକ ନିର୍ଦ୍ଦେଶକ ପ୍ରଦୀପ ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିବାବେଳେ ପିଆଇବି ଭୁବନେଶ୍ୱରର ସହାୟକ ନିର୍ଦ୍ଦେଶକ ମହେନ୍ଦ୍ର ପ୍ରସାଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧରେ ଦୂରଦର୍ଶନ ସମାଚାର ବିଭାଗର ମୁଖ୍ୟ ଡା ଅଭିଷେକ ମିଶ୍ର ଆକାଶ ବାଣୀ ସମାଚାର ବିଭାଗର ମୁଖ୍ୟ ଡ ସତ୍ୟ ନାରାୟଣ ପଟ୍ଟନାୟକ, ବାର୍ତ୍ତା ସଂପାଦକ ନିର୍ମାଲ୍ୟ ବେହେରା, ସସ୍ମିତା ପାଇକରାୟ, ସ୍ୱାଧୀନ ଶକ୍ତି ପ୍ରସାଦ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ଅବସରରେ ନିଶାମୁକ୍ତି ଶପଥପାଠ କରାଯାଇଥିଲା ।

## ମଦ ଜବତ: ଦୁଇ ଗିରଫ

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ଥାନା ପୋଲିସ୍ ଦେବୀକନ୍ଦଳ ଦୀପାଞ୍ଚଳ କସର୍ଦା ଫାଣ୍ଡି ଅଧିନରୁ ବିପୁଳ ପରିମାଣର ମଦ ଜବତ କରିବା ସହ ଗୁରୁବାର ରାତିରେ ଦୁଇଜଣଙ୍କୁ ଗିରଫ କରିଛି । ମିଳିଥିବା ସୂଚନା ଅନୁଯାଇ ରାଣୀ ଓଳା ପଂଚାୟତ ବରିଷଣ ଗ୍ରାମର ଶକ୍ତି ପ୍ରସାଦ ରାଉତ (୪୭)ଙ୍କୁ ଗିରଫ କରାଯାଇଛି । ତା'ନିକଟରୁ ୭ ଲିଟର ୨ ଶହ ମଦ ଜବତ କରିବା ସହ ୫୧୨/୨୫ରେ ମାମଲା ରୁଜୁ ହୋଇଛି । ସେହିପରି କସର୍ଦା ପଂଚାୟତ ବଢିଆ ସାହି ଗ୍ରାମର ବିଜୟ ମଲିକ୍ (୫୩)ଙ୍କୁ ପୋଲିସ ଗିରଫ କରିଛି । ତା'ନିକଟରୁ ୮ ଲିଟର ୪ ଶହ ମଦ ଜବତ କରାଯାଇଛି । ତା'ନାମରେ ୫୧୩/୨୫ରେ ମାମଲା ରୁଜୁ ହୋଇଛି । ଉଭୟଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ନିଆଳି ଥାନା ଆଇଆଇସି ଦିଲ୍ଲୀପ୍ କୁମାର କାଣ୍ଡି ସୂଚନା ଦେଇଛନ୍ତି ।

## ସମ୍ବର୍ଦ୍ଧନା ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

**ଚାରିଛକ:ଏକ୍ସପ୍ରେସ୍ ନ୍ୟୁଜ୍**

ଚାରିଛକ ନିକଟସ୍ଥ ରତନପୁର ପଂଚାୟତ ପୋଡପଡା ଗ୍ରାମରେ ପ୍ରତିବର୍ଷଭଳି ଚଳିତବର୍ଷ ମା ଦକ୍ଷିଣକାଳୀଙ୍କ ଯାନୀଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି । ଗୁରୁବାର ଉଦଯାପନୀ ଦିବସରେ ମା ଦକ୍ଷିଣକାଳୀ ପୁଜା କମିଟି ତରଫରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ଡଃ କେଦାରନାଥ ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମା କାଳୀଙ୍କ ମୁଖ୍ୟ ପୂଜକ ପଣ୍ଡିତ ରବୀନ୍ଦ୍ର କୁମାର ବାନାର୍ଜୀ, ମୁଖ୍ୟବକ୍ତା ଭାବେ ପୋଡପୋଡା ଗ୍ରାମ ମୁରବୀ କେଦାରନାଥ ସାହୁ,ଚାରିଛକ ପ୍ରେସ କ୍ଲବର ସଭାପତି ପ୍ରଫୁଲ୍ଲ କୁମାର କର, କାର୍ଯ୍ୟକାରୀ ସଭାପତି ଶିଶିର କୁମାର ସ୍ୱାଇଁ, ସହ-ସଂପାଦକ ସନ୍ତୋଷ ଦାସ,ପ୍ରଫୁଲ୍ଲ କୁମାର ସାହୁ, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ଚଳିତବର୍ଷ ମା କାଳୀଙ୍କ ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଥିବାରୁ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀଙ୍କୁ ଅତିଥିମାନେ ସାଧୁବାଦ ଜଣାଇଛନ୍ତି ।ପୂଜା କମିଟି ତରଫରୁ ଅତିଥି, ସମ୍ବାଦିକ ଓ ପୂଜାକମିଟି ସଭାପତିଙ୍କୁ ଉତ୍ତରିୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ପରେ ଭୁବନେଶ୍ୱରରୁ ଆସିଥିବା ମେଲୋଡି ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ମା ଦକ୍ଷିଣ କାଳୀ ପୂଜା କମିଟିର ସଭାପତି ସ୍ମୃତି ରଂଜନ ବାନାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମା'ଦକ୍ଷିଣକାଳୀ ପୂଜା କମିଟି, ଯୁବକ ସଂଘ, ବାନାର୍ଜୀ ପରିବାର, ମୁଖାର୍ଜୀ ପରିବାର ଓ ସମସ୍ତ ଗ୍ରାମବାସୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ ।

## ମଣ୍ଡଳସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ଉଦଯାପିତ



**ବୋଲଗଡ଼:ଏକ୍ସପ୍ରେସ୍ ନ୍ୟୁଜ୍**

ବୋଲଗଡ଼ ଶିକ୍ଷା ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ଦେଉଳି ଗ୍ରାମସ୍ଥିତ ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରବୀନ୍ଦ୍ର କୁମାର ବେହେରାଙ୍କ ଆବାହକତ୍ୱରେ ମଣ୍ଡଳସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଦିନ ବିଦ୍ୟାଳୟ ପରିସରରେ ଉଦଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ଦେଇଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବୋଲଗଡ଼ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ବ୍ଲକ ଉପାଧକ୍ଷ ରମେଶ ଚନ୍ଦ୍ର ସାହୁ, ଓ ସମ୍ମାନିତ ଅତିଥିଭାବେ ଗୋପାଳପୁର ସରପଞ୍ଚ ପ୍ରଦୀପ କୁମାର ବାରିକ, ପ୍ରାକ୍ତନ ସହଗୋଷ୍ଠୀ ଶିକ୍ଷାଧିକାରୀ ପଦ୍ମ ଚରଣ ବେହେରା, ପ୍ରାକ୍ତନ କ୍ରୀଡା ଶିକ୍ଷକ ତଥା ଉପଦେଷ୍ଟା ଜୟରାମ ଦାସ, ପ୍ରାକ୍ତନ କ୍ରୀଡା କମିଟିର ଉପଦେଷ୍ଟା ଗୋପାଳ ଚନ୍ଦ୍ର ମହାନ୍ତି, ପଞ୍ଚସଖା ଶିକ୍ଷାସେତୁ ସଂଗଠନର ଅଧକ୍ଷ ପ୍ରଶାନ୍ତ ଚନ୍ଦ୍ର ନାୟକ, ବ୍ଲକ କ୍ରୀଡା ସମ୍ପାଦକ ଅଭିଷେକ ମହାନ୍ତି, ମୁଖ୍ୟମନ୍ତ୍ରୀ ପୁରସ୍କୃତ ପ୍ରାପ୍ତ କ୍ରୀଡା ଶିକ୍ଷକ ମାନସ କୁମାର ବେହେରା, ପ୍ରାକ୍ତନ ଶାରୀରିକ ଶିକ୍ଷକ ତଥା ପ୍ରାଣ ପ୍ରତିଷ୍ଠାତା ସୁବାଷ ଚନ୍ଦ୍ର ମହାପାତ୍ର, ବିଦ୍ୟାଳୟର ଭୀଷ୍ମ ପିତାମହ ପ୍ରଭାତ କୁମାର ଦାସ ଓ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସୁରେନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜକ ସୀତାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ଏହି ମଣ୍ଡଳସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତାରେ ୨୮ଟି ଉଚ୍ଚ ବିଦ୍ୟାଳୟର ସମୁଦାୟ ୨୫୦ଜଣ ପ୍ରତିଯୋଗୀ ୧୬ଟି ଖେଳକୁଦ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ୨୮ଜଣ କୃତୀ ପ୍ରତିଯୋଗୀ ଖୋର୍ଦ୍ଧା ଜିଲ୍ଲା ସମୂହ କ୍ରୀଡା ପ୍ରତିଯୋଗିତାକୁ ଉତୀର୍ଣ୍ଣ ହୋଇପାରିଛନ୍ତି । ସମସ୍ତ କ୍ରୀଡା ପ୍ରତିଯୋଗିତାଗୁଡ଼ିକୁ ଖେଳ ଶିକ୍ଷକ ଭାଗବତ ପ୍ରସାଦ ପାଣ୍ଡେ, ସତ୍ୟବ୍ରତ ନାୟକ, ଦେବାଶିଷ ସାମନ୍ତ, ଅକ୍ଷୟ କୁମାର ପ୍ରଧାନ ଓ ସୁଶାନ୍ତ କୁମାର ସାହୁ ପ୍ରମୁଖ ସହଯୋଗକରି ଖେଳ ପରିଚାଳନା କରିଥିଲେ । କୃତୀ ପ୍ରତିଯୋଗିମାନଙ୍କୁ ସମସ୍ତ ନିମନ୍ତ୍ରିତ ଅତିଥିମାନେ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ସମସ୍ତ କ୍ରୀଡା ପ୍ରତିଯୋଗିତା ମନୁଷ୍ୟର ଶାରୀରିକ ବିକାଶରେ ସହାୟକ ହୋଇଥାଏ ବୋଲି ମୁଖ୍ୟଅତିଥି ପ୍ରମୋଦ କୁମାର ସ୍ୱାଇଁ ମତପ୍ରକାଶ କରିଥିଲେ । ପରିଶେଷରେ ଶିକ୍ଷକ ପ୍ରଭାସ କୁମାର ପୃଷ୍ଟି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଯୁବତୀଙ୍କ ମୃତ ଦେହ ଉଦ୍ଧାର

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ଯୋବ୍ରା ବ୍ୟାରେଜରୁ ମହାନଦୀକୁ ଡେଇଁ ନିଖୋଜ ଥିବା ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି । ଚିତ୍ରୋତ୍ପଳା ନଦୀର ଶିଶୁଆ ବ୍ୟାରେଜ ନିକଟରୁ ତାଙ୍କ ମୃତ ଦେହ ଉଦ୍ଧାର ହୋଇଛି । ମୃତ ଯୁବତୀଙ୍କ ନାଁ ଶିବାନୀ ମଲ୍ଲିକ ଓ ତାଙ୍କ ଘର ସ୍ଥାନୀୟ ଜଗତପୁର ଅଣ୍ଡେଇସାହିରେ ବୋଲି ଜଣାପଡ଼ିଛି । ଗତ ଗୁରୁବାର ସେ ଯୋବ୍ରା ବ୍ୟାରେଜଠାରେ ମହାନଦୀକୁ ଡେଇଁ ପଡ଼ିଥିଲେ । ଶିବାନୀ ନଦୀକୁ ଡେଇଁବା ପରେ ଅଗ୍ନିଶମ ବିଭାଗ ପକ୍ଷରୁ ତାଙ୍କୁ ଖୋଜାଖୋଜି କରାଯାଇଥିଲେ ହେଁ, କୌଣସି ସନ୍ଧାନ ମିଳିନଥିଲା । ସେ କଣ ପାଇଁ ଏହି ପଦକ୍ଷେପ ନେଲେ, ତାହା ଏବେବି ଅସ୍ପଷ୍ଟ ରହିଛି । ଶୁକ୍ରବାର ସକାଳେ ଚିତ୍ରୋତ୍ପଳାର ଶିଶୁଆ ବ୍ୟାରେଜ ନିକଟରେ ଜଣେ ଯୁବତୀଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ । ଏହାପରେ ପୋଲିସ ସେଠାରେ ପହଞ୍ଚି ମୃତଦେହକୁ ଜବତ କରିଥିଲା ।

## ସ୍କୁଟି ଚଳାଉଥିବା ବେଳେ ଟଳି ପଡ଼ିଲେ ଯୁବକ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ସ୍କୁଟି ଚଳାଉଥିବା ବେଳେ ହଠାତ ଟଳି ପଡ଼ିଲେ ଯୁବକ । ସ୍ଥାନୀୟ ଶେଖବଜାର କେସିଆଗଳି ଭିତରେ ସ୍କୁଟି ଚଳାଇ ଯାଉଥିବା ଜଣେ ଯୁବକ ହଠାତ ସ୍କୁଟିରେ ଗଳି ପଡ଼ିଥିଲେ । ପରେ ସ୍ଥାନୀୟ ଲୋକେ ପୋଲିସ ଓ ୧୦୮କୁ ଖବର ଦେଇଥିଲେ । ଆମ୍ବୁଲାନ୍ସରେ ତାଙ୍କୁ କଟକ ବଡ଼ ମେଡ଼ିକାଲ ପଠାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାପଡ଼ିଛି । ହଠାତ ହୃଦଘାତରୁ ତାଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି । ଗାଡ଼ି ନମ୍ବରରୁ ଠିକଣା ପାଇବା ପରେ ପୋଲିସ ପରିବାର ଲୋକଙ୍କୁ ଖବର ଦେଇଥିଲା । ଯୁବକ ଜଣକ ବୟସ ୨୫ ବର୍ଷ ହେବ ବୋଲି ପୋଲିସ ସୂଚନା ଦେଇଛି । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ୨ ମଦ ମାଫିଆ ଗିରଫ

**ବାଲିଅନ୍ତା:ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନେଶ୍ୱର ଅବକାରୀ ଟିମ ଚୋରା ମଦ ବିକ୍ରି ଅଭିଯୋଗରେ ଆଜି ବାଲିଅନ୍ତା ଥାନା ଅଞ୍ଚଳର ୨ ଚୋରା ମଦ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ବେପାରୀ ଦ୍ୱୟ ହେଲେ ରଥିଜେମା ଅଶିଘର ସାହିର ନୃସିଂହ ଚରଣ ସାହୁ (୪୮) ଏବଂ ଯଶୁଆପୁର ଗ୍ରାମର ଗଣେଶ୍ୱର ସ୍ୱାଇଁ । ଗତକାଲି ସନ୍ଧ୍ୟାରେ ଅବକାରୀ ଟିମ ଅଶିଘର ସାହିରେ ଚଢ଼ଉ କରି ନୃସିଂହକୁ ଗିରଫ କରିଥିଲା । ନୃସିଂହ ନିକଟରୁ ୧୫ ହଜାର ଦେଶୀ ଓ ବିଦେଶୀ ମଦ ଜବତ କରିଥିଲା । ପରେ ଯଶୁଆପୁର ଗ୍ରାମରେ ଗଣେଶ୍ୱର ଘରେ ଚଢ଼ଉ କରି ୬ ହଜାର ବିଦେଶୀ ମଦ ଓ ବିଅର ଜବତ କରିଥିଲା ।

## ପାର୍ବଣ ଋତୁରେ ସୁଗମ ଯାତ୍ରା ସୁନିଶ୍ଚିତ କରୁଛି ଖୋର୍ଦ୍ଧାରୋଡ଼୍ ରେଳମଣ୍ଡଳ



**ଖୋର୍ଦ୍ଧାରୋଡ଼୍:ଏକ୍ସପ୍ରେସ୍ ନ୍ୟୁଜ୍**

ପାର୍ବଣ ସମୟରେ ଯାତ୍ରୀ ଭିଡ଼କୁ ପ୍ରଭାବଶାଳୀ ଭାବରେ ପରିଚାଳନା କରିବା ପାଇଁ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଯାତ୍ରୀଙ୍କ ସୁବିଧା ପାଇଁ ବ୍ୟାପକ ବ୍ୟବସ୍ଥା ପ୍ରସ୍ତୁତି କରିଛି । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ଶୁଭ୍ରଜ୍ୟୋତି ମଣ୍ଡଳ, ଖୋର୍ଦ୍ଧା ରୋଡ୍ ଷ୍ଟେସନରେ ଯାତ୍ରୀଙ୍କ ଗତିବିଧି ତଦାରଖ କରିବା ସମୟରେ କହିଛନ୍ତି ଯେ, ପୂଜା ସମୟରେ ଏକ ସୁଗମ, ନିରାପଦ ଏବଂ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବା ପାଇଁ ରେଳ ମଣ୍ଡଳ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି ।

ଶ୍ରୀ ମଣ୍ଡଳ ସୂଚନା ଦେଇଛନ୍ତି ଯେ ବିହାରର ଧାନବାଦ ଏବଂ ପାଟନା, କର୍ଣ୍ଣାଟକର ଯଶବନ୍ତପୁର (ବାଙ୍ଗାଲୋର), ଗୁଜରାଟର ଉଧନା (ସୁରଟ), ଦିଲ୍ଲୀର ନିଜାମୁଦ୍ଦିନ, ପଶ୍ଚିମବଙ୍ଗର ଶାଲିମାର ଏବଂ ସିଆଲଦା, ମଧ୍ୟପ୍ରଦେଶର ବୀରାଙ୍ଗନା ଲକ୍ଷ୍ମୀବାଇ ଏବଂ ତେଲେଙ୍ଗାନାର ହାଇଦ୍ରାବାଦ ଏବଂ ଚେରଲାପଲ୍ଲୀ ଭଳି ବିଭିନ୍ନ ସ୍ଥାନକୁ ଯାତ୍ରା କରୁଥିବା ଯାତ୍ରୀଙ୍କ ପ୍ରବଳ ଭିଡ଼କୁ ପରିଚାଳନା କରିବା ଉପରେ ବିଶେଷ ଧ୍ୟାନ ଦିଆଯାଇଛି ।

ପାର୍ବଣ ସମୟରେ ଯାତ୍ରୀ ଚାହିଦା ପୂରଣ କରିବା ପାଇଁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳରୁ ଦେଶର ବିଭିନ୍ନ ସ୍ଥାନକୁ ୨୩୨ଟି ଯାତ୍ରା ବିଶିଷ୍ଟ ୧୩ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବାର ଯୋଜନା କରାଯାଇଛି ଯାହାର ଲକ୍ଷ୍ୟ ହେଉଛି ୨.୫ ଲକ୍ଷରୁ ଅଧିକ ଯାତ୍ରୀଙ୍କୁ ପରିବହନ କରିବା ଏବଂ ନିୟମିତ ଟ୍ରେନଗୁଡ଼ିକରେ ଭିଡ଼ ହ୍ରାସ କରିବା । ସ୍ୱତନ୍ତ୍ର ଟ୍ରେନଗୁଡ଼ିକ ମଧ୍ୟରେ ଭୁବନେଶ୍ୱର-ଧାନବାଦ, ପୁରୀ-ପାଟନା (୦୨ ଯୋଡ଼ା), ଭୁବନେଶ୍ୱର-ଯଶବନ୍ତପୁର, ପୁରୀ-ଉଧନା, ପୁରୀ-ନିଜାମୁଦ୍ଦିନ, ପୁରୀ-ଶାଲିମାର, ପୁରୀ-ଭଞ୍ଜପୁର/ବାରିପଦା, ଖୋର୍ଦ୍ଧା ରୋଡ୍-ଉଧନା/ସୁରତ, ମାଳତୀପାଟପୁର-ସିଆଲଦାହ, ପୁରୀ-ବୀରଙ୍ଗନା ଲକ୍ଷ୍ମୀବାଇ (ମଧ୍ୟପ୍ରଦେଶ), ଭୁବନେଶ୍ୱର ନୂଆ-ହାଇଦ୍ରାବାଦ ଏବଂ ବ୍ରହ୍ମପୁର-ଚେରଲାପଲ୍ଲୀ ଅନ୍ତର୍ଭୁକ୍ତ ।

ଏହା ବ୍ୟତୀତ, ଯାତ୍ରୀଙ୍କ ଚାହିଦା ଏବଂ ଯାତ୍ରା ଚାହିଦା ସମୀକ୍ଷା ଆଧାରରେ ନିୟମିତ ଟ୍ରେନଗୁଡ଼ିକୁ ଅତିରିକ୍ତ କୋଚ୍ ସହିତ ଏହାର ଗଠନ ପ୍ରଣାଳୀରେ ବୃଦ୍ଧି କରାଯାଉଛି । ଅମୃତ ସମ୍ବାଦ ପଦକ୍ଷେପ ଅଧୀନରେ ପରିଷ୍କାର ପରିଚ୍ଛନ୍ନତା, ସୁବିଧା ଏବଂ ଭିଡ଼ ପରିଚାଳନା ପାଇଁ ବିଭିନ୍ନ ଷ୍ଟେସନ ଠାରେ ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଛି ଏବଂ ଯାତ୍ରୀ ସୁବିଧା ସମ୍ବନ୍ଧରେ ମତାମତ ନେବାପାଇଁ ସିଧାସଳଖ ଯାତ୍ରୀମାନଙ୍କ ଠାରୁ ମତାମତ ଗ୍ରହଣ କରାଯାଉଛି । ପ୍ରମୁଖ ଷ୍ଟେସନଗୁଡ଼ିକରେ ସୁଗମ ଭାବେ ଟ୍ରେନ କୋଚ ମଧ୍ୟକୁ ଯିବା ଓ ଓହ୍ଲାଇବା ପାଇଁ ସଚେତନତା ଅଭିଯାନ, ଧାଡ଼ି ପରିଚାଳନା ବ୍ୟବସ୍ଥା ଏବଂ କର୍ମଚାରୀଙ୍କ ବର୍ଦ୍ଧିତ ନିୟୋଜନ କରାଯାଉଛି ।

ଟିକେଟ ଯାଞ୍ଚ କର୍ମଚାରୀ, ବାଣିଜ୍ୟିକ ନିରୀକ୍ଷକ ଏବଂ ଅନ୍ୟାନ୍ୟ ବାଣିଜ୍ୟିକ ବିଭାଗର କର୍ମଚାରୀ, ରେଳ ସୁରକ୍ଷା ବଳ ଏବଂ ଟ୍ରେନ ପରିଚାଳନା ଦଳ ସହିତ ସମନ୍ୱୟ ରଖି ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ପ୍ରମୁଖ ରେଳ ଷ୍ଟେସନଗୁଡ଼ିକରେ ସକ୍ରିୟ ଭାବରେ ଯାତ୍ରୀ ପରିବହନ ପରିଚାଳନା ଏବଂ ଶୃଙ୍ଖଳା ବଜାୟ ରଖାଯାଇଛି । ଉତ୍ସବ ଭିଡ଼କୁ ସୁଗମ ଭାବରେ ପରିଚାଳନା କରିବା ପାଇଁ ଏହି ଦଳଗୁଡ଼ିକୁ ପ୍ରବେଶ ଏବଂ ପ୍ରସ୍ଥାନ ସ୍ଥାନ, ଫୁଟ ଓଭରବ୍ରିଜ୍, ପ୍ଲାଟଫର୍ମ ଏବଂ ସର୍କୁଲେଟିଂ ଅଞ୍ଚଳରେ ରଣନୀତିକ ଭାବରେ ନିୟୋଜିତ କରାଯାଇଛି । ସେମାନଙ୍କର ମିଳିତ ପ୍ରୟାସ ଯାତ୍ରୀମାନଙ୍କୁ ମାର୍ଗଦର୍ଶନ କରିବା, ଭିଡ଼କୁ ଏଡିବା, ବରିଷ୍ଠ ନାଗରିକ ଏବଂ ଭିନ୍ନକ୍ଷମ ଯାତ୍ରୀମାନଙ୍କୁ ସହାୟତା କରିବା ଏବଂ ଯାତାୟାତ ସମୟରେ ସମସ୍ତ ଯାତ୍ରୀଙ୍କ ସୁରକ୍ଷା ଏବଂ ଆରାମ ସୁନିଶ୍ଚିତ କରିବା ଉପରେ କେନ୍ଦ୍ରିତ କରାଯାଇଛି ।

ଏହି ପାର୍ବଣ ଋତୁରେ ପ୍ରତ୍ୟେକ ଯାତ୍ରୀ ଯେପରି ସୁରକ୍ଷିତ, ସ୍ୱଚ୍ଛ ଏବଂ ଆରାମଦାୟକ ଯାତ୍ରାର ଆନନ୍ଦ ନେଇପାରିବେ ତାହା ସୁନିଶ୍ଚିତ କରିବା ପାଇଁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି । ରେଳମଣ୍ଡଳର ଉତ୍ସର୍ଗୀକୃତ କର୍ମଚାରୀମାନେ ଭିଡ଼ ପରିଚାଳନା, ସମୟାନୁବର୍ତ୍ତିତା ବଜାୟ ରଖିବା ଏବଂ ସର୍ବୋତ୍ତମ ସମ୍ଭାବ୍ୟ ସେବା ପ୍ରଦାନ କରିବା ପାଇଁ ଦିନରାତି କାର୍ଯ୍ୟ କରୁଛନ୍ତି ବୋଲି ଖୋର୍ଦ୍ଧା ରୋଡ୍ ଷ୍ଟେସନରେ ଭିଡ଼ ପରିଚାଳନା ସମୀକ୍ଷା ସମୟରେ ଶ୍ରୀ ମଣ୍ଡଳ ସୂଚନା ଦେଇଛନ୍ତି । ଏହା ବ୍ୟତୀତ, ଭୁବନେଶ୍ୱର, ପୁରୀ, ବ୍ରହ୍ମପୁର, କଟକ, ଭଦ୍ରକ, ଯାଜପୁର କେନ୍ଦୁଝର ରୋଡ୍, ପଲାସା ଇତ୍ୟାଦି ପ୍ରମୁଖ ଷ୍ଟେସନଗୁଡ଼ିକରେ ଭିଡ଼ ପରିଚାଳନା କରାଯାଉଛି ।

## ଭଗବତୀ ଚରଣ ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ମହାନଗର ନିଗମ ପକ୍ଷରୁ ଗୁରୁବାର ସ୍ଥାନୀୟ ସିଡ଼ିଏ ସେକ୍ଟର ୬ ସ୍ଥିତ ଉଦ୍ୟାନଠାରେ ଭଗବତୀ ଚରଣ ପାଣିଗ୍ରାହୀଙ୍କର ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି । ମେୟର ସୁବାସ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା ଓ ପୂର୍ବତନ ବିଧାୟକ ନାରାୟଣ ରେଡ଼ି ଯୋଗ ଦେଇଥିଲେ । ଭଗବତୀ ଚରଣ ପାଣିଗ୍ରାହୀ ଜଣେ ସାମ୍ୟବାଦୀ ଚିନ୍ତାଧାରାର ବ୍ୟକ୍ତିତ୍ୱ ଥିଲେ । ସେ ସାହିତ୍ୟ ମାଧମରେ ସାମ୍ୟବାଦୀ ଚିନ୍ତାଧାରାକୁ ଆଗେଇ ନେଇଥିଲେ । ସେ ସାହିତ୍ୟ ମାଧମରେ ଅନ୍ୟାୟ, ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ଏହାଛଡ଼ା ଗଡ଼ଜାତ ଆନ୍ଦୋଳନ ଓ କୃଷକ ଆନ୍ଦୋଳନ କ୍ଷେତ୍ରରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସାଂପ୍ରତିକ ପରିସ୍ଥିତିରେ ଭଗବତୀ ଚରଣ ପାଣିଗ୍ରାହୀଙ୍କ ନେତୃତ୍ୱରେ ପାସଙ୍ଗିକତା ରହିଛି ବୋଲି ବହୁ ବିଶିଷ୍ଟ ବକ୍ତା ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମ ଅବସରରେ ମତ ପ୍ରକଶ କରିଥିଲେ । ଅନ୍ୟମାନଙ୍କ ମଧରେ ସିଏମସି କମିଶନର କିରଣଦୀପ କୌର ସହୋତା, ସିପିଆଇ ରାଜ୍ୟ ସଂପାଦକ ପ୍ରଶାନ୍ତ ମିଶ୍ର, ବରିଷ୍ଠ ଆଇନଜୀବି ସୌରୀ ମହାପାତ୍ର, ଆଇନଜୀବି ଶୁଭେନ୍ଦୁ ମହାନ୍ତି, ସମାଜସେବୀ ଡାକ୍ତର ରବି ରଂଜନ ସାହୁ, ଉତ୍କଳ ସାହିତ୍ୟ ସମାଜର ସଭାପତି ଡ ଗୋବିନ୍ଦ ଚାନ୍ଦ, ଶାନ୍ତି କମିଟି ସଂପାଦକ ଭିକାରୀ ଦାସ, ବରିଷ୍ଠ ସାମ୍ବାଦିକ ଡା ସତ୍ୟ ରାୟ ପ୍ରମୁଖ ସ୍ୱର୍ଗତ ପାଣିଗ୍ରାହୀଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ତାଙ୍କର ସ୍ମୃତିଚାରଣ କରିଥିଲେ । ସକାଳେ ସତୀଚଉରା ସ୍ଥିତ ସ୍ୱର୍ଗତ ପାଣିଗ୍ରାହୀଙ୍କର ସମାଧିପୀଠରେ ବିଶିଷ୍ଟ ବ୍ୟକ୍ତିମାନେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।


**AFFIDAVIT**

By virtue of an affidavit sworn before Executive Magistrate, Rajnagar, vide affidavit No. 8195,date-23-10- 2025. I Ramesh Chandra Mandal S/O- Gourapada Mandal, Vill-Krushnapriyapur, P.O.-Gopalpur,P.S.- Rajnagar, Dist- Kendrapara, State-Odisha, pin-754225, declare that, I have changed my name from Ramesh Mandal to Ramesh Chandra Mandal. Henceforth, I shall be known as Ramesh Chandra Mandal for all purposes.

**S/d-Ramesh Chandra Mandal.**

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 25th October, 2025 Saturday | RNI Regd. No. ODIODI/2006/23033 | Postal Regd. No. : BN/169/13-15

# ସିଡନୀ ପିଚ୍‌ରେ ଟସ୍ ହୋଇପାରେ ବସ୍



**ନୂଆଦିଲ୍ଲୀ,୨୪।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ତୃତୀୟ ମ୍ୟାଚ୍ ଶନିବାର, ଅକ୍ଟୋବର ୨୫ରେ ସିଡନୀ କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯିବ। ଅଷ୍ଟ୍ରେଲିଆ ସିରିଜରେ ୨-୦ରେ ସିରିଜ କବଜା କରିସାରିଛି। ଭାରତୀୟ ଦଳ ଏବେ ସମ୍ମାନ ରକ୍ଷା କରିବା ଏବଂ କ୍ଲିନ୍ ସୁଇପ୍ ଏଡାଇବା ପାଇଁ ମୈଦାନକୁ ଓହ୍ଲାଇବ। ଏହା ପୂର୍ବରୁ, ସିଡନୀ ପିଚ୍ କିପରି ଏବଂ ଏହି ମ୍ୟାଚ୍ ପାଇଁ ପାଣିପାଗ ପୂର୍ବାନୁମାନ କ'ଣ ଅଛି ତାହା ଜାଣିବା ଗୁରୁତ୍ୱପୂର୍ଣ୍ଣ।

ଭାରତୀୟ ଦଳ ସିଡନୀରେ ତା'ର ୨୩ତମ ଦିନିକିଆ ଖେଳିବ। ପୂର୍ବରୁ, ଭାରତ ଏଠାରେ କେବଳ ପାଞ୍ଚଟି ମ୍ୟାଚ୍ ଜିତିଛି। ଏଥି ମଧ୍ୟରୁ ତିନୋଟି ଅଷ୍ଟ୍ରେଲିଆ ବ୍ୟତୀତ ଅନ୍ୟ ଦଳ ବିପକ୍ଷରେ ହୋଇଥିଲା। ଭାରତ ଏହି ପିଚରେ ଅଷ୍ଟ୍ରେଲିଆ ବିପକ୍ଷରେ ୧୯ଟି ମ୍ୟାଚ୍ ମଧ୍ୟରୁ କେବଳ ଦୁଇଥର ଜିତିଛି। ଆୟୋଜକ ଦଳ ୧୬ ଥର ବିଜୟୀ ହୋଇଛି, ଗୋଟିଏ ମ୍ୟାଚ୍ ଡ୍ର'ରେ ଶେଷ ହୋଇଛି। ଏଠାରେ ରେକର୍ଡ ଭୟଙ୍କର, କିନ୍ତୁ ଆସନ୍ତୁ ବର୍ତ୍ତମାନର ପରିସ୍ଥିତି ଉପରେ ଆଲୋଚନା କରିବା।

ପିଚ୍ ରିପୋର୍ଟ ଉପରେ କହିବାକୁ ଗଲେ, ସିଡନୀ ପିଚ୍‌କୁ ଅନ୍ୟ ସମସ୍ତ ଅଷ୍ଟ୍ରେଲିଆ ଗ୍ରାଉଣ୍ଡ ମଧ୍ୟରେ ସବୁଠାରୁ ସ୍ପିନ୍-ଅନୁକୂଳ ଏବଂ ବ୍ୟାଟିଂ-ଅନୁକୂଳ ଟ୍ରାକ୍ ବୋଲି ଧରାଯାଏ। ଏଠାରେ ବଲ୍ ଭଲ ଭାବରେ ବ୍ୟାଟ୍ ଉପରେ ଆସେ। ଏହା ବ୍ୟତୀତ, ମ୍ୟାଚ୍ ବଢ଼ିବା ସହିତ ସ୍ପିନର୍ସଙ୍କୁ ମଧ୍ୟ ଲାଭ ମିଳିଥାଏ। ଏହା ଏହି ପିଚ୍‌ର ପ୍ରକୃତି। ତେବେ ଏହି ପିଚ୍ ଦ୍ରୁତ ବୋଲରମାନଙ୍କୁ ସେତେ ସହାୟକ ହୋଇ ନପାରେ। ତଥାପି, ଯଦି ପିଚ୍‌ରେ ଘାସ ଛାଡି ଦିଆଯାଏ, ତେବେ ପେସରମାନେ ଘାତକ ହୋଇପାରନ୍ତି।

ସିଡନୀରେ ସ୍ଥାନୀୟ ସମୟ ଅପରାହ୍ନ ୨:୩୦ରେ ମ୍ୟାଚ୍ ଆରମ୍ଭ ହେବ। ଅପରାହ୍ନରେ ଆକାଶ ସଫା ରହିବ ଏବଂ ମେଘୁଆ ପାଗ ନେଇ ପୂର୍ବାନୁମାନ କରାଯାଇଛି। ପୂର୍ବାନୁମାନ ଅନୁଯାୟୀ ଶନିବାର କୌଣସି ବର୍ଷା ହେବ ନାହିଁ। ତଥାପି, ପାଗ ଥଣ୍ଡା ରହିବ, ତାପମାତ୍ରା ୧୬ରୁ ୨୩ ଡିଗ୍ରୀ ମଧ୍ୟରେ ରହିବ ବୋଲି ଆଶା କରାଯାଉଛି। ଦିନ ବଢ଼ିବା ସହିତ ପବନ ବଢ଼ିପାରେ, ଯାହା ପେସରମାନଙ୍କୁ ବଲକୁ ସାମାନ୍ୟ ସ୍ୱିଙ୍ଗ୍ କରିବାରେ ସାହାଯ୍ୟ କରିପାରେ। ମୋଟ ଉପରେ ପାଗ ଭଲ ରହିବ ଏବଂ ପୂରା ୧୦୦ ଓଭର ମ୍ୟାଚ୍ ହେବ ବୋଲି ଆଶା କରାଯାଉଛି। ଶୁକ୍ରବାର ବିଳମ୍ବିତ ରାତି ଏବଂ ସନ୍ଧ୍ୟାରେ ହାଲୁକା ବର୍ଷାର ପୂର୍ବାନୁମାନ କରାଯାଇଥିଲା। ଫଳରେ ପିଚ୍ ଅଧିକ ସମୟ ପାଇଁ ଘୋଡ଼ାଇ ହୋଇ ରହିବ ଏବଂ ଆରମ୍ଭ ଓଭରଗୁଡ଼ିକରେ କିଛି ଆର୍ଦ୍ରତା ଦେଖାଯାଇପାରେ। ଏହା ବୋଲରମାନଙ୍କୁ ଲାଭ ଦେଇପାରେ।

# ହାତରେ ପୁଲିସ ବାବୁଙ୍କ ନାମ ଲେଖି ମହିଳା ଡାକ୍ତରଙ୍କ ଆତ୍ମହତ୍ୟା

**ମୁମ୍ବାଇ,୨୪।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

୫ ମାସରେ ଜଣେ ପୁଲିସ୍ ସବ ଇନସପେକ୍ଟରଙ୍କ ଦ୍ୱାରା ୪ ଥର ଦୁଷ୍କର୍ମର ଶିକାର ହୋଇଥିଲେ। ଆଉ ଜଣେ ପୁଲିସ୍ ବାବୁ ପୀଡିତାଙ୍କୁ ମାନସିକ ନିର୍ଯାତନା ଦେଇ ଚାଲିଥିଲେ। ଶାରିରୀକ ଓ ମାନସିକ ନିର୍ଯାତନା ଅସହ୍ୟ ହେବା ପରେ ଜଣେ ମହିଳା ଡାକ୍ତର ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ଗ୍ରହଣ କରିଛନ୍ତି।

ମହାରାଷ୍ଟ୍ରର ସତାରାରେ ଥିବା ଗୋଟିଏ ସରକାରୀ ହସ୍ପିଟାଲରେ ଡାକ୍ତର ଭାବେ କାମ କରୁଥିଲେ ମହିଳା। ତାଙ୍କ ଝୁଲନ୍ତା ମୃତଦେହକୁ ସ୍ଥାନୀୟ ଗୋଟିଏ ହୋଟେଲରୁ ଜବତ କରାଯାଇଛି। ସେ ଆତ୍ମହତ୍ୟା କରିବା ପୂର୍ବରୁ ନିଜ ପାପୁଲିରେ ଦୁଇ ପୁଲିସ୍ ବାବୁ ତାଙ୍କ ଜୀବନକୁ କେମିତି ନର୍କ କରିଦେଇଥିଲେ, ସେକଥା ଉଲ୍ଲେଖ କରିଛନ୍ତି। ପାପୁଲିରେ ଲେଖାଥିବା ସୁଇସାଇଡ ନୋଟରେ ପୀଡିତା ଜଣଙ୍କ ଏସ୍‌ଆଇ ଗୋପାଲ ବାଦନେଙ୍କ ବିରୋଧରେ ଶାରିରୀକ ଓ ମାନସିକ ନିର୍ଯାତନାର ଅଭିଯୋଗ ଆଣିଛନ୍ତି। ନିୟମିତ ନିର୍ଯାତନା ଯୋଗୁ ସେ ବାଧ ହୋଇ ଜୀବନ ହାରୁଛନ୍ତି। ଘଟଣା ପରେ ବାଦନେଙ୍କୁ ନିଲମ୍ବିନ କରାଯାଇଛି।

ସେହିପରି ପ୍ରଶାନ୍ତ ବାନକର ନାମକ ଆଉ ଜଣେ ଅଧିକାରୀଙ୍କୁ ମଧ୍ୟ ପୀଡିତା ଜଣଙ୍କ ନିଜର ମୃତ୍ୟୁ ପାଇଁ ଦାୟୀ କରିଛନ୍ତି। କିନ୍ତୁ ତାଙ୍କ ବିରୋଧରେ ପୁଲିସ୍ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି କି ନାହିଁ, ସେକଥା ଏଯାଏ ସ୍ପଷ୍ଟ ହୋଇନାହିଁ।

ପୀଡିତା ଜଣଙ୍କ ପାପୁଲରେ ଲେଖିଛନ୍ତି ଯେ "ପୁଲିସ୍ ଇନସପେକ୍ଟର ଗୋପାଲ ବାଦନେ ମୋ ମୃତ୍ୟୁ ପାଇଁ ଦାୟୀ। ସେ ମୋତେ



୪ ଥର ଦୁଷ୍କର୍ମ କରିଛନ୍ତି। ସେ ୫ ମାସ ହେଲା ମୋତେ ଦୁଷ୍କର୍ମ କରିବା ସହ ମାନସିକ ଓ ଶାରିରୀକ ନିର୍ଯାତନା ଦେଇ ଚାଲିଛନ୍ତି। ପ୍ରଶାନ୍ତ ବାନକର ମଧ୍ୟ ମାନସିକ ନିର୍ଯାତନା ଦେଇ ଚାଲିଥିଲେ।"

ପୀଡିତାଙ୍କ ଘର ବୀଡ ଜିଲ୍ଲାରେ। ସେ ଫାଲଟନ ସବ ଜିଲ୍ଲା ହସ୍ପିଟାଲରେ ଜଣେ ମେଡିକାଲ ଅଫିସର ଭାବେ କାମ କରୁଥିଲେ। ସେ ଆତ୍ମହତ୍ୟା କରିବା ପୂର୍ବରୁ ଜୁନ ୧୯ରେ ଫାଲଟନର ସବ ଡିଭିଜନାଲ ଅଫିସର ଡିଏସ୍‌ପିଙ୍କୁ ଚିଠି ଲେଖିଥିଲେ। ଉକ୍ତ ଚିଠିରେ ମଧ୍ୟ ସେ ପାପୁଲିରେ ଲେଖିଥିବା କଥା ଉଲ୍ଲେ କରିଥିଲେ। ଚିଠିରେ ପୀଡିତା ଜଣଙ୍କ ଫାଲଟନ ଗ୍ରାମାଞ୍ଚଳ ପୁଲିସ୍ ବିଭାଗର ୩ ଜଣ ଅଧିକାରୀଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିବା ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସେ ଚିଠିରେ ଏସ୍‌ଆଇ ଗୋପାଲ, ସବ ଡିଭିଜନାଲ ପୁଲିସ ଇନସପେକ୍ଟର ପାଟିଲ ଓ ଏଏସ୍‌ଆଇ ଲାଡପୁଟରେଙ୍କ ନାଁ ଉଲ୍ଲେଖ କରିଥିଲେ।

ସେ କହିଥିଲେ ଯେ ସେ ଅତ୍ୟନ୍ତ ମାନସିକ ଚାପରେ ରହିଛନ୍ତି। ତେଣୁ ଘଟଣାକୁ ଗୁରୁତ୍ୱର ସହ ଯାଞ୍ଚ କରାଯାଇ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ପୀଡିତାଙ୍କ ଚିଠି ମିଳିବା ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବା ଜଣାପଡିଛି। ଏବେ ମହିଳା ଡାକ୍ତର ଜଣଙ୍କ ଆତ୍ମହତ୍ୟା କରିବା ପରେ ଘଟଣାକୁ ନେଇ ହଇଚଇ ହୋଇଛି। ପୁଲିସ୍ ପ୍ରଶାସନ କେବଳ ଗୋପାଲଙ୍କୁ ନିଲମ୍ବନ କରି ଘଟଣାର ତଦନ୍ତ କରୁଥିବା କହିଛି।


ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, "ଆମେ ଗୋଟିଏ ମାମଲା କରିଛୁ ଓ ମୃତଦେକୁ ବ୍ୟବଚ୍ଛେଦ ପାଇଁ ପଠାଇଛୁ। ପୀଡିତାଙ୍କ ପାପୁଲିରେ ଲେଖାଥିବା ଅଭିଯୋଗଗୁଡିକ ତଦନ୍ତ କରାଯାଉଛି।" ମହାରାଷ୍ଟ୍ର ମହିଳା କମିଶନ ଅଧକ୍ଷ ରୂପାଲୀ ଚକନାକର କହିଛନ୍ତି, "ଆମେ ନିଜ ଆଡକୁ ଘଟଣାକୁ ବିଚାରକୁ ନେଇଛୁ ଓ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସତାରା ପୁଲିସ୍‌କୁ ନିର୍ଦ୍ଦେଶ ଦେଇଛୁ। ଅଭିଯୁକ୍ତକୁ ଧରିବାକୁ ପୁଲିସ୍ ସ୍ୱତନ୍ତ୍ର ଟିମ ଗଠନ କରିଛି।"

# ରାତି ୧୦ ସୁଦ୍ଧା ୪୦ କାଳୀ ପ୍ରତିମା ବିସର୍ଜିତ

**କଟକ,୨୪।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

କଟକର ପ୍ରସିଦ୍ଧ କାଳୀ ପୂଜା ଭସାଣି ଶୋଭାଯାତ୍ରା ଶୁକ୍ରବାର ସକାଳୁ ଆରମ୍ଭ ହୋଇଥିଲା। ସକାଳୁ ଗୋଟିଏ ପରେ ଗୋଟିଏ ମେଢ଼ ମଣ୍ଡପରୁ ବାହାରି ସାହି ପରିକ୍ରମା କରିବା ପରେ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସହରର ମୁଖ୍ୟ ରାସ୍ତା ଓଏମପି, କଲେଜଛକ, ରାଣୀହାଟ, ମଂଗଳାବାଗ, ବକ୍ସିବଜାର ଦେଇ ପୁରୀଘାଟ ସ୍ଥିତ ଦେବୀଗଡ଼ାରେ ନିର୍ମିତ ହୋଇଥିବା ୫ଟି ଅସ୍ଥାୟୀ ପୋଖରୀରେ ପ୍ରତିମା ଗୁଡ଼ିକ ବିସର୍ଜିତ ହୋଇଥିଲେ। ପାରମ୍ପାରିକ ବାଦ୍ୟ, ଘଣ୍ଟ, ଶଙ୍ଖ, ତାଳମୂଳି ଓ ଦୁଲଦୁଲି ଆଦି ବାଦ୍ୟର ଶବ୍ଦରେ ସହର ମଧ୍ୟରେ ଏକ ସ୍ୱତନ୍ତ୍ର ବାତାବରଣ ଖେଳାଇ ଦେଇଥିଲା। ସନ୍ଧ୍ୟାରେ ମେଢ଼ ଗୁଡ଼ିକରେ ସଜ୍ଜିତ ହୋଇଥିବା ରଂଗୀନ ଆଲୋକ ଦର୍ଶକଙ୍କୁ ବେଶ ଆକର୍ଷିତ କରିଥିଲା। ପାଗ ଅନୁକୂଳ ଥିବାରୁ ବିଭିନ୍ନ ଛକରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

କାଳୀପୂଜା ଭସାଣିକୁ ଶାନ୍ତି ଶୃଙ୍ଖଳାର ସହିତ ସଂପନ୍ନ କରିବା ପାଇଁ



କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ମେଢ଼ ପଛକୁ ମେଢ଼ ଆସୁଥିବା ବେଳେ, ଯେଉଁଭଳି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହୁଏ, ସେଥିପାଇଁ ୨ଟି ମେଢ଼ ପାଇଁ ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ପୋଲିସ ଟିମ ନିୟୋଜିତ ହୋଇଥିଲେ। ପୁସିଂ ଟିମରେ ୧୦ ଜଣ ପୋଲିସ ଅଫିସର ନିୟୋଜିତ ହୋଇଥିଲେ। ଏହିଭଳି ଭାବେ ୪୦ଟି ଟିମ ନିୟୋଜିତ ହୋଇଥିଲେ। ଏହା ସହିତ ସହରରେ ୬୦ଟି ପୋଲିସ ଏଡ଼ ପୋଷ୍ଟ ଖୋଲା ଯାଇଥିଲା। ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ୪୦ଟି ପେଟ୍ରୋଲିଂ ଟିମ ସହରରେ ପଇଁତରା ମାରିଥିଲା। ଏହା ବାଦ୍ ଭସାଣି ରୁଟର ପ୍ରାୟ ସବୁ ଛାତ ଉପରେ ପୋଲିସ କର୍ମଚାରୀ ମୁତୟନ ହୋଇଥିଲେ। ରାସ୍ତା ତମାମ ସିସିଟିଭି ଲାଗଯାଇଥିଲା। ଭସାଣି ଉତ୍ସବକୁ ଶାନ୍ତି ଶୃଙ୍ଖଳା ସହିତ ସଂପନ୍ନ କରିବା ପାଇଁ ୫୦ ପ୍ଲାଟୁନ ଫୋର୍ସ, ଏକ କଂପାନୀ ର୍‍ୟାପିଡ଼ ଆକ୍ସନ ଫୋର୍ସ ଓ ଗୋଟିଏ କଂପାନୀ ଟାକ୍ଟିକାଲ ୟୁନିଟ ନିୟୋଜିତ ହୋଇଥିଲେ। ପାଖାପାଖି ୪୦୦ରୁ ଅଧିକ ପୋଲିସ ଅଧିକାରୀ ଡ୍ୟୁଟିରେ ନିୟୋଜିତ ହୋଇଥିଲେ। ସେହିପରି ସମ୍ବେଦନଶୀଳ ଅଂଚଳରେ ୬ଟି ଡ୍ରୋଣ ଆକାଶରୁ ନଜର ରଖିଥିଲା। ରାତି ୧୦ ସୁଦ୍ଧା ଦେବୀଗଡ଼ା ଅସ୍ଥାୟୀ ପୋଖରୀରେ ୪୦ଟି ପ୍ରତିମା ବିସର୍ଜିତ ହୋଇଥିବା ଖବର ମିଳିଛି। କାଁ ଭାଁ ଗଣ୍ଡଗୋଳକୁ ବାଦ ଦେଇ ଶେଷ ଖବର ସୁଦ୍ଧା କଟକରେ କାଳୀପୂଜା ଭସାଣି ଶାନ୍ତି ଶୃଙ୍ଖଳାର ସହିତ ଚାଲିଥିବା ସୂଚନା ମିଳିଛି। ଅପେକ୍ଷା ଆର ବରଷକୁ।

# ପ୍ରେମାନନ୍ଦଜୀଙ୍କ ସୁସ୍ଥତା କାମନା କଲେ ମୁସଲିମ୍ ଯୁବକ



**ବୈତୁଲ,୨୪।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ଧର୍ମ ଭୁଲି ପ୍ରେମାନନ୍ଦଜୀଙ୍କ ପାଇଁ ପ୍ରାର୍ଥନା କଲେ ମୁସଲିମ୍। ମଧ୍ୟପ୍ରଦେଶର ବୈତୁଲ ସହରରେ ଧାର୍ମିକ ଏକତା ଏବଂ ପାରସ୍ପରିକ ଭାଇଚାରାର ଏଭଳି ହୃଦୟସ୍ପର୍ଶୀ ଉଦାହରଣ ଦେଖିବାକୁ ମିଳିଛି। ଏଠାକାର ମୁସଲିମ ସମ୍ପ୍ରଦାୟର ଲୋକେ ବୃନ୍ଦାବନର ପ୍ରସିଦ୍ଧ ସନ୍ଥ ପ୍ରେମାନନ୍ଦ ମହାରାଜଙ୍କ ସ୍ୱାସ୍ଥ୍ୟ ପାଇଁ ପ୍ରାର୍ଥନା କରିଥିବା ଜଣାଯାଇଛି। ମହାରାଜଙ୍କ ଶୀଘ୍ର ଆରୋଗ୍ୟ କାମନା କରି ମୁସଲିମ ଯୁବକମାନେ ପହଲଓ୍ୱାନ ବାବାଙ୍କ ମନ୍ଦିରରେ ପହଞ୍ଚି ଚାଦର ଅର୍ପଣ କରିଥିଲେ।

ଗୁରୁବାର ସହରର ମୁସଲିମ ସମ୍ପ୍ରଦାୟର ସଦସ୍ୟମାନେ ପହଲଓ୍ୱାନ ବାବାଙ୍କ ମନ୍ଦିର ପରିଦର୍ଶନ କରିଥିଲେ। ମୁସଲିମ ଯୁବକମାନେ ପ୍ରେମାନନ୍ଦ ମହାରାଜଙ୍କ ଫଟୋ ମଧ୍ୟ ଧରିଥିବା ଦେଖାଯାଇଥିଲା। ଦର୍ଗାରେ ଚାଦର ଏବଂ ଫୁଲ ଅର୍ପଣ କରି ପ୍ରେମାନନ୍ଦ ମହାରାଜଙ୍କ ଦୀର୍ଘ ଜୀବନ ଏବଂ ସୁସ୍ଥତା ପାଇଁ ପ୍ରାର୍ଥନା କରାଯାଇଥିଲା। ମୁସଲିମ ଯୁବକ ଶେଖ ସଲିମ ଏବଂ ଶାରିକ୍ ଖାନ କହିଥିଲେ ଯେ, ମାନବିକତା ସର୍ବୋପରି। ଯେତେବେଳେ ଜଣେ ସନ୍ଥ କିମ୍ବା ସମାଜସେବୀଙ୍କ ସ୍ୱାସ୍ଥ୍ୟ ଖରାପ ହୁଏ, ସମସ୍ତେ ଏକାଠି ହୋଇ ପ୍ରାର୍ଥନା କରିବା ଉଚିତ।

ଉଲ୍ଲେଖଯୋଗ୍ୟ, ସନ୍ଥ ପ୍ରେମାନନ୍ଦ ମହାରାଜ ଗତ କିଛି ଦିନ ଧରି ପଲିସିଷ୍ଟିକ୍ କିଡନୀ ରୋଗରେ ପୀଡିତ। ଏହି କାରଣରୁ ତାଙ୍କୁ ନିୟମିତ ଡାଏଲିସିସ୍ କରିବାକୁ ପଡୁଛି। ଗତ କିଛି ଦିନ ମଧ୍ୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ପରେ, ଦେଶବ୍ୟାପୀ ଭକ୍ତ ଏବଂ ଅନୁଗାମୀମାନେ ତାଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛନ୍ତି।

# ଘରେ ପଶି ମହିଳାଙ୍କୁ ଛୁରା ମାଡ଼

**କଟକ,୨୪।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ କାଠଗଡ଼ା ସାହିତରେ ଦୁର୍ବୃତ୍ତମାନେ ଆତଙ୍କ ରଚାଇଛନ୍ତି। ଭାଇକୁ ନପାଇ ଦୁର୍ବୃତ୍ତମାନେ ଘରେ ପଶି ଭିନ୍ନକ୍ଷମ ଭଉଣୀକୁ ଛୁରା ମାଡ଼ କରି ଫେରାର ହୋଇଯାଇଛନ୍ତି। ମହିଳାଙ୍କ ବେକ ଓ ଦୁଇ ହାତରେ ଗଭୀର କ୍ଷତ ରହିଛି। ଆହତ ମହିଳା ହେଲେ, ତିଲୋତ୍ତମା ସାହୁ। ଗୁରୁତର ଅବସ୍ଥାରେ ମହିଳାଙ୍କୁ ଉଦ୍ଧାର କରାଯାଇ ସିଟି ହସପିଟାଲରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତକୁ ଧରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ପୁରୀଘାଟ ଥାନା ଅଧୀନ କାଠଗଡ଼ା ସାହିରେ ତିଲୋତ୍ତମା ପରିବାର ସହ ରହୁଛନ୍ତି। ତାଙ୍କ ୨ ଭାଇଙ୍କ ନାଁରେ ଅପରାଧିକ ମାମଲା ରହିଛି। ଏକ ମଟରସାଇକେଲରେ ଶୁକ୍ରବାର ୨ ଦୁର୍ବୃତ୍ତ ଆସି ତାଙ୍କ ଭାଇମାନଙ୍କୁ ଖୋଜିଥିଲେ। ଏହି ସମୟରେ ତିଲୋତ୍ତମା ଘରେ ଏକାକୀ ଥିଲେ। ଭାଇ ନାହାନ୍ତି କହିବା ପରେ କିଛି ବୁଝିବା ପୂର୍ବରୁ ଦୁର୍ବୃତ୍ତ ଦ୍ୱୟ ଘର ଭିତରକୁ ପଶି ଆସିଥିଲେ ଏବଂ ହଠାତ ଛୁରୀରେ ତିଲୋତ୍ତମାକୁ ଆକ୍ରମଣ କରିଥିଲେ। ତାଙ୍କ ଚିତ୍କାର ଶୁଣି ଅଭିଯୁକ୍ତଦ୍ୱୟ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ପୁରୀଘାଟ ଥାନା ପୋଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ପ୍ରଥମ ପୃଷ୍ଠାରୁ...

### ୨୭ ସକାଳେ...

ସାଗର ଅଞ୍ଚଳରେ ଏକ ଉପର ବାୟୁମଣ୍ଡଳସ୍ତରୀୟ ଘୂର୍ଣ୍ଣିବଳୟ ରହିଛି। ଏହାର ପ୍ରଭାବରେ ଦକ୍ଷିଣପୂର୍ବ ଓ ସଂଲଗ୍ନ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଆଗାମୀ ୫ ଦିନ ପାଇଁ ରାଜ୍ୟରେ ବର୍ଷାର ଆଶଙ୍କା ରହିଛି। ୨୭ ତାରିଖରେ କେତେକ ଜିଲ୍ଲାରେ ଭୀଷଣ ବର୍ଷାର ଆକଳନ କରାଯାଇଛି। ଏନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ବାତ୍ୟା ଓ ବର୍ଷକୁ ନେଇ ଓଡିଶା ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିସନ (ଏସ୍‌ଆରସି) ପକ୍ଷରୁ ମଧ୍ୟ ରାଜ୍ୟବାସୀଙ୍କ ପାଇଁ ଚେତାବନୀ ଜାରି କରାଯାଇଛି। ଏସ୍‌ଆରସି ପକ୍ଷରୁ କୁହାଯାଇଛି ଯେ, ଅରେଞ୍ଜ ଏବଂ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ଜିଲ୍ଲାଗୁଡିକୁ ଅଧିକ ସତର୍କ ରହିବାକୁ ହେବ। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତ ହେବାକୁ ପଡିବ। କୁଆପଥର ମାଡ ଓ ବଜ୍ରପାତରୁ ନିଜକୁ ସୁରକ୍ଷା କରିବା ପାଇଁ ସୁରକ୍ଷିତ ସ୍ଥାନକୁ ଆଶ୍ରୟସ୍ଥଳୀ ଭାବେ ବାଛନ୍ତୁ। ଅକ୍ଟୋବର ୨୬ ତାରିଖ ଠାରୁ ୨୯ ପର୍ଯ୍ୟନ୍ତ ସମୁଦ୍ର ଅସ୍ଥିର ରହିବ। ସମ୍ଭାବିତ ବାତ୍ୟା ସମୟରେ ଅକ୍ଟୋବର ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ପବନର ବେଗ ଘଣ୍ଟା ପିଛା ୩୫ରୁ ୬୦ କିମି ରହିବ। ଏହା ଘଣ୍ଟା ପିଛା ସର୍ବାଧିକ ୭୦କିମି ହୋଇପାରେ।

ଅନ୍ୟପକ୍ଷରେ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାପାତ୍ର କହିଛନ୍ତି ଯେ ମତ୍ସ୍ୟଜୀବୀମାନେ ସମୁଦ୍ର ଭିତରକୁ ଯାଆନ୍ତୁ ନାହିଁ। ବିପର୍ଯ୍ୟୟ ପରେ ବିଭାଗୀୟ ଅଧିକାରୀମାନେ ସରକାରଙ୍କୁ ତୁରନ୍ତ ରିପୋର୍ଟ ପ୍ରଦାନ କରନ୍ତୁ। ସମ୍ଭାବିତ ବାତ୍ୟାର ପ୍ରଭାବ ଆନ୍ଧ୍ର ପ୍ରଦେଶ ଉପରେ ପଡିପାରେ। ୨୭ ତାରିଖରେ ଓଡିଶାର ଗୋଟିଏ ଦୁଇଟାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ୨୮ରେ ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିବ। ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ।

ତେବେ ପାଣିପାଗ ବିଭାଗ ପକ୍ଷରୁ ଅକ୍ଟୋବର ୨୮ ତାରିଖ (ବୁଧବାର) ସକାଳ ସାଢ଼େ ୮ଟାରୁ ଅକ୍ଟୋବର ୩୦ (ଗୁରୁବାର) ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ କେନ୍ଦ୍ରାପଡା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ଗଂଜାମ, ବାଲେଶ୍ୱର, ମୟୂରଭଂଜ ଓ ଭଦ୍ରକ ଜିଲ୍ଲାକୁ ବର୍ଷା ନେଇ ରେଡ୍ ଆଲର୍ଟ ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, ମାଲକାନଗିରି, କନ୍ଧାମାଳ, ରାୟଗଡା, କୋରାପୁଟ, ମୟୂରଭଂଜ, ଢେଙ୍କାନାଳ, ବୌଦ୍ଧ, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ ଓ ନବରଂଗପୁର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### ଏବେ ବି ସଡ଼କ...

ଗାଁର ୭୫୦ ଜଣ ଡଙ୍ଗରିଆ ଆତ୍ମନିର୍ଭର ହୋଇଥିବା ସରକାରୀ ଭାବେ କୁହାଯାଉଥିବାବେଳେ ଏହି ଗାଁ ମଧ୍ୟରୁ ୨୨ଟି ଗାଁର ଲୋକେ ପାଇପ୍ ଯୋଗେ ପାନୀୟଜଳ ଓ ୨୦ଟି ଗାଁର ଲୋକେ ବିଦ୍ୟୁତ୍ ସେବାଠାରୁ ଢେର ଦୂରରେ ରହିଛନ୍ତି। ମୁନିଗୁଡା ବ୍ଲକରେ ମଧ୍ୟ ସମାନ ସ୍ଥିତି। ଡଙ୍ଗରିଆମାନେ ବସବାସ କରୁଥିବା ଏଠାକାର ୨୧ଟି ଗାଁରୁ ୨୭ଟି ଗାଁ ଲୋକେ ବିଜୁଳି ଦେଖି ନାହାନ୍ତି। ତେବେ ଏଠାରେ ୫୮୯ଜଣ ଆତ୍ମନିର୍ଭର ହୋଇଥିବା ସରକାରୀ ଭାବେ କୁହାଯାଉଛି। ତେବେ ନିୟମଗିରି ପାର୍ବତ୍ୟମାଳାରେ ଆଦିବାସୀମାନଙ୍କର ବିକାଶ ପାଇଁ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନାରେ ଅର୍ଥ ବ୍ୟୟ ହେବାରେ ଲାଗିଛି। ୨୦୨୪-୨୫ ବର୍ଷରେ ରାଜ୍ୟ ଯୋଜନା ଓପିଇଏଲ୍‌ପିରେ ରାୟଗଡା ଜିଲ୍ଲାର ଡିକେଡିଏ ଚଟିକଣା ପାଇଁ ପ୍ରାୟ ୧କୋଟି ୨୫ଲକ୍ଷ ଟଙ୍କା ବ୍ୟୟ ହୋଇଥିବାବେଳେ ସେହି ଜିଲ୍ଲାର ଡିକେଡିଏ ପରାସଲି ରେ ପ୍ରାୟ ୭୨ଲକ୍ଷ ଟଙ୍କା ବ୍ୟୟ ହୋଇଛି। କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ କେକେଡିଏରେ ୮୬ଲକ୍ଷ ଟଙ୍କାରୁ ଅଧିକ ଅର୍ଥ ବ୍ୟୟ ହୋଇଛି। ଏହି ବର୍ଷ କେନ୍ଦ୍ରୀୟ ଯୋଜନାରେ ଏହିସବୁ ଅଞ୍ଚଳ ପାଇଁ ଆଦୌ ଅର୍ଥ ମିଳିନାହିଁ।

ନିୟମଗିରି ପାର୍ବତ୍ୟମାଳାରେ ବସବାସ କରୁଥିବା ଡଙ୍ଗରିଆମାନେ ବିଲୁପ୍ତପ୍ରାୟ ଜନଜାତି ତାଲିକାରେ ଥିବାବେଳେ ନିଜର ଭିଟାମାଟିର ସୁରକ୍ଷାପାଇଁ ସେମାନେ ଲଢେଇ ଜାରି ରଖିଛନ୍ତି। ଏହି ଜନଜାତି ବର୍ଗଙ୍କ ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିପୁଳ ପରିମାଣର ଅର୍ଥ ଯୋଗାଇ ଦେଉଥିବାବେଳେ ସେମାନଙ୍କର ଯେଉଁଭଳି ବିକାଶ ହେବାକଥା ତାହା ହୋଇପାରୁ ନାହିଁ। ଏହାକୁ ନେଇ ଏବେ ଅର୍ଥ ବ୍ୟୟ ଦାୟିତ୍ୱରେ ଥିବା ପ୍ରଶାସନ ଓ ଜନଜାତିଙ୍କ ବିକାଶ ପାଇଁ କାର୍ଯ୍ୟରତ ବେସରକାରୀ ଅନୁଷ୍ଠାନଗୁଡିକ ଉପରେ ସନ୍ଦେହ ଉପୁଜିଲାଣି।

### ବସ୍‌ରେ ନିଆଁ...

ପଞ୍ଜିକରଣ ରାୟଗଡା ଆଞ୍ଚଳିକ ପରିବହନ ଅଫିସକୁ ବଦଳା ଯାଇଥିଲା। ୨୦୨୫ ଏପ୍ରିଲ ୨୯ରେ ଏପରି କରାଯାଇଥିଲା। ବସର ମୂଳ ପର୍ଯ୍ୟଟନ ଅନୁମତି ୨୦୨୫ ମେ'ରେ ଓଡିଶା ପରିବହନ ବିଭାଗ ଜାରି କରିଥିଲା, ଏହାର ବୈଧତା ୨୦୩୦ ଏପ୍ରିଲ ଯାଏ ରହିଛି।

ସର୍ବଭାରତୀୟ ଟୁରିଷ୍ଟ ପରମିଟକୁ ସଡକ ପରିବହନ ମନ୍ତ୍ରଣାଳୟ ୨୦୨୫ ଅଗଷ୍ଟରେ ଗ୍ରହଣ କରିଥିଲା। ଏହାର ବୈଧତା ୨୦୨୬ ଜୁଲାଇ ଯାଏ ବଳବତ୍ତର ଅଛି। ବସ୍‌ଟି ଗୋଟିଏ ଭୋଲଭୋ ମଲ୍ଟି ଆକ୍ସଲେ ସ୍ଲିପର କୋଚ। ବସ୍ ପାଖରେ ସେବା ଯୋଗାଇବାକୁ ସମସ୍ତ ବୈଧ କାଗଜପତ୍ର ରହିଥିଲା। ଫିଟନେସ ସାର୍ଟିଫିକେଟ ଡାମନ ଡ୍ୟୁରୁ ଜାରି କରାଯାଇଥିଲା ଓ ଏହାର ବୈଧତା ୨୦୨୭ ମାର୍ଚ୍ଚ ୩୧ ଯାଏ ରହିଛି।

ପୁଲିସର କହିବା କଥା ଯେ ଗୁରୁବାର ମଧ୍ୟରାତ୍ରରେ ବସ୍‌ଟି ଯାତ୍ରୀଙ୍କୁ ଧରି ବେଙ୍ଗାଲୁରୁ ଅଭିମୁଖେ ବାହାରିଥିଲା। ଏଥିରେ ଡ୍ରାଇଭର, କର୍ମଚାରୀ ଓ ଯାତ୍ରୀଙ୍କୁ ମିଶାଇ ୪୩ ଜଣ ଲୋକ ଥିଲେ। ଦୁର୍ଘଟଣା ଘଟିବା ବେଳେ ପ୍ରାୟ ସମସ୍ତ ଯାତ୍ରୀ ନିଦରେ ରହିଥିଲେ। ପ୍ରତ୍ୟେକ୍ଷଦର୍ଶୀଙ୍କ କହିବା କଥା ଯେ ବସ୍‌ର ସାମ୍ନା ପଟେ ପ୍ରଥମେ ନିଆଁ ଲାଗିଥିଲା। ୩ ମିନିଟରୁ କମ ସମୟ ମଧ୍ୟରେ ପୂରା ବସ୍ ନିଆଁର ଆଁରେ ଫସି ଯାଇଥିଲା।

୪୩ ଜଣଙ୍କ ମଧ୍ୟରୁ ୨୦ ଜଣ ପ୍ରାଣ ହରାଇଛନ୍ତି। ୨୩ ଜଣ ବସ୍‌ରୁ ବାହାରି ଯାଇଥିବା ବେଳେ ୧୫ ଜଣ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କିଛି ଲୋକଙ୍କ ମୃତଦେହ ସଂପୂର୍ଣ୍ଣ ପୋଡି ଯାଇଥିବାରୁ ସେମାନଙ୍କ ପରିଚୟ ହାସଲ କରିବାକୁ ଡିଏନଏ ଟେଷ୍ଟ କରାଯିବ ବୋଲି ପୁଲିସ୍ କହିଛି।

### ବାପ ବିକ୍ରି ଜମି...

ନାମରେ କ୍ରୟ କରିଥିଲେ। ପରବର୍ତ୍ତୀ ସମୟରେ ରୁଦ୍ରପ୍ପା ଏହି ଦୁଇଟି ପ୍ଲଟ୍‌କୁ ନିଲମ୍ମା ନାମକ ମହିଳାଙ୍କୁ ବିକ୍ରି କରିଦେଇଥିଲେ। ରୁଦ୍ରପ୍ପା ପ୍ଲଟ୍ ଦୁଇଟିକୁ ନିଲମ୍ମାଙ୍କୁ ବିକ୍ରି କରିବା ସମୟରେ ପିଲାମାନେ ନାବାଳକ ଥିଲେ। ଏହି ବିକ୍ରି ପାଇଁ ରୁଦ୍ରପ୍ପା କୋର୍ଟଙ୍କ ଅନୁମତି ନେଇ ନଥିଲେ। ରୁଦ୍ରପ୍ପାଙ୍କ ପିଲାମାନେ ସାବାଳକ ହେବା ପରେ ଏହି ୨ଟି ପ୍ଲଟ୍‌କୁ କେଏସ୍ ଶିବପ୍ପା ନାମକ ଜଣେ ବ୍ୟକ୍ତିଙ୍କୁ ପୁନର୍ବାର ବିକ୍ରି କରିଥିଲେ। ଫଳରେ ପ୍ଲଟ୍‌ର ମାଲିକାନାକୁ ନେଇ ନିଲମ୍ମା ଓ ଶିବପ୍ପାଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା।

ଏହି ବିବାଦ ଉପରେ ନିମ୍ନ ଅଦାଲତ ବିଚାର କରି କହିଥିଲେ ଯେ ସନ୍ତାନମାନେ ପ୍ଲଟ୍ ବିକ୍ରି କରିବା ବେଆଇନ। ସମ୍ପତ୍ତିକୁ ବିକ୍ରି କରିବା ପୂର୍ବରୁ ସେମାନେ ପିତାଙ୍କ ଦ୍ୱାରା ହୋଇଥିବା ବିକ୍ରିକୁ ବାତିଲ କରିବା ଲାଗି ଏକ ମାମଲା ରୁଜୁ କରିବା ଜରୁରୀ। ମାତ୍ର ସୁପ୍ରିମକୋର୍ଟ ତାଙ୍କ ରାୟରେ କହିଛନ୍ତି ଯେ ଏଥିପାଇଁ କୌଣସି ମାମଲା ରୁଜୁର ଆବଶ୍ୟକତା ନାହିଁ। ସାବାଳକ ସନ୍ତାନ ଏହାର ଜମିକୁ ବିକ୍ରି କରିବା ଯଥାର୍ଥ। କାରଣ ନାବାଳକ ସନ୍ତାନ ଜମି ପୂର୍ବରୁ ବିକ୍ରି ହୋଇଥିବା ସମ୍ପର୍କରେ ଜାଣି ନଥାଇପାରନ୍ତି। ତେଣୁ ସେମାନେ ସମ୍ପତ୍ତିକୁ ଅନ୍ୟ କାହାକୁ ବିକ୍ରି କରିଦେଲେ।

### ଘରେ ପଶି...

ସମୟରେ ତାଙ୍କ ଘରେ ପଶି ନାବାଳିକାଙ୍କୁ ବଳପୂର୍ବକ ଗଣଦୁଷ୍କର୍ମ କରି ଫେରାର ହୋଇଯାଇଥିଲେ। ପରିବାର ଲୋକେ ଫେରିବା ପରେ ନାବାଳିକା ଜଣକ ସେମାନଙ୍କୁ ସମସ୍ତ ଘଟଣା ବର୍ଣ୍ଣନା କରିଥିଲେ।

ତେବେ ଅଭିଯୁକ୍ତମାନେ ଗୁଣ୍ଡା ଶ୍ରେଣୀୟ ଲୋକ ହୋଇଥିବାରୁ ଗତକାଲି ସେମାନେ ଭୟରେ ଥାନାକୁ ଆସିନଥିଲେ। ମାତ୍ର ଆଜି ନାବାଳିକା ଜଣକ ମନରେ ସାହାସ ନେଇ ଚନ୍ଦନପୁର ଥାନାକୁ ଆସି ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ପୁଲିସ ନାବାଳିକାଙ୍କୁ ଡାକ୍ତରଖାନା ନେଇ ଡାକ୍ତରୀ ମାଇନା କରାଇଛି। ଘଟଣାର ଅଭିଯୁକ୍ତ ଦ୍ୱୟଙ୍କୁ ପୁଲିସ ଉଠାଇଆଣି ଥାନାରେ ଅଟକ ରଖି ପଚରା ଉଚରା ଚଳାଇଛି। ଏହି ଦାଦା, ପୁତୁରା ଦୁହେଁ ଟେଣ୍ଟ ହାଉସରେ କାମ କରନ୍ତି। ତେବେ ପୂର୍ବରୁ ଉଭୟଙ୍କ ପରିବାର ମଧ୍ୟରେ ପାରିବାରିକ କଳହ ଥିବା ପୁଲିସ କହିଛି।

# ୟୁଏଏସ୍ ଶିକ୍ଷକଙ୍କ ମଧ୍ୟରେ ଗୋଡିଶ୍ରମିକ ଭଳି ହୀନମନ୍ୟତା ସୃଷ୍ଟି କରିବ

**ଭୁବନେଶ୍ୱର,୨୪।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାର ବିଦ୍ୟାଳୟ ଗୁଡ଼ିକରେ ଲାଗୁ କରିବାକୁ ଯାଉଥିବା ୟୁଏଏସ୍ ପୋର୍ଟାଲ୍ ବା ୟୁନିଫାଏଡ୍ ଅଟୋମେସନ ସିଷ୍ଟମ ବ୍ୟବସ୍ଥାକୁ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ତୀବ୍ର ବିରୋଧ କରୁଛି। ଆବଶ୍ୟକୀୟ ଭିତ୍ତିଭୂମି ଅଭାବରୁ ଏହା ଦୁର୍ବଳ ହୋଇପଡ଼ିବାର ସମ୍ଭାବନା ରହିଛି ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

ୟୁ.ଏ.ଏସ୍. ବ୍ୟବସ୍ଥା ଶିକ୍ଷକମାନଙ୍କ ମାନବିକ ଅଧିକାରକୁ କ୍ଷୁର୍ଣ୍ଣ କରିବା ସହିତ ଶିକ୍ଷକମାନଙ୍କ ମଧ୍ୟରେ ଏକ ପରାଧୀନ ଗୋଡିଶ୍ରମିକ ଭଳି ହୀନମନ୍ୟତା ସୃଷ୍ଟି କରିବ। ସମସ୍ତ ବିଭାଗର କର୍ମଚାରୀମାନଙ୍କ ପାଇଁ ଏ ବ୍ୟବସ୍ଥା ଲାଗୁ କରାନଯାଇ କେବଳ ଶିକ୍ଷକ କର୍ମଚାରୀମାନଙ୍କ କ୍ଷେତ୍ରରେ ଏହାକୁ କାର୍ଯ୍ୟକାରୀ କରିବାଦ୍ୱାରା ଏହା, ଶିକ୍ଷକମାନଙ୍କ ପ୍ରତି ସରକାରଙ୍କର ବୈମାତୃକ ମନୋବୃତ୍ତି ବୋଲି ସମନ୍ୱୟ ସମିତି ମନେ କରନ୍ତି।

ସୂଚନାଥାଉକି, ରାଜ୍ୟ ସରକାର ବିଦ୍ୟାଳୟ ସ୍ତରରେ ୟୁନିଫାଏଡ୍ ଅଟୋମେସନ ସିଷ୍ଟମ୍ ଲାଗୁ କରିଛନ୍ତି। ଏହା ମାଧ୍ୟମରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଦୈନିକ ଉପସ୍ଥାନ ଏକ ନିର୍ଦ୍ଦିଷ୍ଟ ସମୟରେ ପକାଇବେ ବୋଲି ଗଣଶିକ୍ଷା ବିଭାଗ ତରଫରୁ ଯେଉଁ ନିର୍ଦ୍ଦେଶନାମା ଜାରି କରାଯାଇଛି ତାହା କେତେ ଯୁକ୍ତିଯୁକ୍ତ ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଠାରେ ପ୍ରଶ୍ନ ଉଠେ ଅଧିକାଂଶ ବିଦ୍ୟାଳୟରେ ଏହି ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟକରିବା ପାଇଁ ଆବଶ୍ୟକୀୟ ଭିତ୍ତିଭୂମିର ସୁବିଧା ନାହିଁ। ସବୁ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ରାଜ୍ୟ ସରକାର ୟୁନିଫାଏଡ୍ ଅଟୋମେସନ ସିଷ୍ଟମ ପାଇଁ ମୋବାଇଲ୍ କିମ୍ବା ଟାବଲେଟ୍ ଯୋଗାଇ ଦେଇନାହାନ୍ତି। ଉପାନ୍ତ ଅଞ୍ଚଳରେ ମୋବାଇଲ୍ ନେଟ୍‌ୱାର୍କ ନଥିବାରୁ ଇଣ୍ଟରନେଟ୍ କାର୍ଯ୍ୟକାରୀ କରିବା ଦୂରୁହ ବ୍ୟାପାର। ସେହିପରି ସ୍କୁଲଗୁଡ଼ିକରେ ଉପଯୁକ୍ତ ସଂଖ୍ୟାରେ ଶିକ୍ଷକ ନାହାଁନ୍ତି। ଉପଯୁକ୍ତ ସାଧନ ବା ଡିଭାଇସ୍ ନାହିଁ କି ଦକ୍ଷ ପରିଚାଳକ ମଧ୍ୟ ନିଯୁକ୍ତ ହୋଇ ନାହାଁନ୍ତି। ଏହା ସହିତ ସ୍କୁଲରେ ଶିକ୍ଷକମାନଙ୍କୁ ଏମ୍‌ଡିଏମ୍ ଭଳି ବିଭିନ୍ନ ଅଣଶୈକ୍ଷିକ କାର୍ଯ୍ୟରେ ସରକାର ବାରମ୍ବାର ନିୟୋଜନ କରୁଛନ୍ତି। ନୂତନ ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜ୍‌ରେ ଅବସର ପରେ ଶିକ୍ଷକ ନିଯୁକ୍ତି ବ୍ୟବସ୍ଥ ଲାଗୁ କରାଯାଇ ନାହିଁ। ଇଣ୍ଟରନେଟ୍ ସୁବିଧା ନଯୋଗାଇ କିମ୍ବା ସେଥିନିମନ୍ତେ ଆବଶ୍ୟକ ଆର୍ଥିକ ବ୍ୟବସ୍ଥା ନକରି ଏବଂ ସର୍ବୋପରି ଶିକ୍ଷକ ମାନଙ୍କର ସମସ୍ୟା ସମାଧାନ ନକରି ଏହି ବ୍ୟବସ୍ଥା ଲାଗୁ କରିବାଦ୍ୱାରା ଶିକ୍ଷକମାନେ ମାନସିକ ସ୍ତରରେ ଚାପଗ୍ରସ୍ତ ହେବେ ଓ ଶିକ୍ଷାଦାନ ବାଧାପ୍ରାପ୍ତ ହେବ ବୋଲି ସମନ୍ୱୟ ସମିତି ତରଫରୁ କୁହାଯାଇଛି। ସମସ୍ତ ଶିକ୍ଷକ ସଂଗଠନମାନଙ୍କ ସହିତ ବିଚାର ବିମର୍ଷ ଓ ଆଲୋଚନା ନକରି ଏହାକୁ କାର୍ଯ୍ୟକାରୀ କରିବାର ପ୍ରୟାସରୁ ସରକାର କ୍ଷାନ୍ତ ହୁଅନ୍ତୁ। ସରକାର ବିଭିନ୍ନ ସ୍କୁଲରେ ଥିବା ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତାରତମ୍ୟ ଦୂର କରି ସମସ୍ତଙ୍କୁ ସମାନ ସୁବିଧା ଯୋଗାଇବା ସହ ସମସ୍ତ ବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ କରି ଏହାକୁ ଲାଗୁ କଲେ ସଫଳତା ଅଧିକ ମିଳିବ ବୋଲି ସମନ୍ୱୟ ସମିତି।

# ସଂଘବଦ୍ଧ ଆକ୍ରମଣରେ ମହିଳା ଗୁରୁତର

**ଯାଜପୁର,୨୪।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ଜଣେ ମହିଳାଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରି ରକ୍ତାକ୍ତ କରି ଦେଇଥିବା ନେଇ ସଂପୃକ୍ତ ମହିଳା ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଯାଜପୁର ବ୍ଲକ ବଡ଼ସୁଆର ଗ୍ରାମର ଝରଣା ପଣ୍ଡାଙ୍କ ପରିବାର ଘରର ସୀମାକୁ ନେଇ ବାଡ଼ ବୁଜୁଥିଲେ। ଏହି ସମୟରେ ପଡ଼ୋଶୀ ଅକ୍ଷୟ ବେହେରା, ସମୀର ବେହେରା ଓ ରଞ୍ଜନ ବେହେରା ଜୋର ଜବରଦସ୍ତ ବାଡ଼କୁ ଉପାଡ଼ି ଦେଇଥିଲେ। ଏଥିରେ ଝରଣା ପଣ୍ଡାର ସ୍ୱାମୀ ଭାଗିରଥୀ ପଣ୍ଡା ପ୍ରତିବାଦ କରିବାରୁ ଉପରୋକ୍ତ ବ୍ୟକ୍ତି ଭାଗିରଥୀକୁ ମାଡ଼ ମାରିଥିଲେ। ସ୍ୱାମୀକୁ ମାଡ଼ ମରାଯାଉଥିବା ଦେଖି ପତ୍ନୀ ଝରଣା ପଣ୍ଡା ପ୍ରତିବାଦ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଅକ୍ଷୟ, ସମୀର ଓ ରଞ୍ଜନ ଝରଣାକୁ ମରଣାନ୍ତକ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିଲେ। ଏପରିକି ଗାଁ ଦାଣ୍ଡରେ ଉଲଗ୍ନ କରି ଦେଇଥିବା ନେଇ ଝରଣା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ତାଙ୍କୁ ଜୀବନରୁ ମାରି ଦେବା ସହ ଉପରୋକ୍ତ ବ୍ୟକ୍ତି ବିଶେଷ ବଳାତ୍କାର ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ପତ୍ରରେ ଦର୍ଶାଇବା ସହ ଶାଶୁ ଶ୍ୱଶୁରଙ୍କୁ ମଧ୍ୟ ମାଡ଼ ମାରିଥିବା ନେଇ ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଜଣେ ମହିଳାଙ୍କୁ ବିଚ୍ ରାସ୍ତାରେ ମରଣାନ୍ତକ ଆକ୍ରମଣ କରିବା ଓ ମାଡ଼ରେ ତାଙ୍କର ମୁଣ୍ଡ ଫାଟିବା ଉପରୋକ୍ତ ଅଞ୍ଚଳରେ ଅସନ୍ତୋଷ ଖେଳାଇ ଦେଇଛି। ଘଟଣା ଘଟିବା ପରେ ଝରଣା ଓ ତାର ସ୍ୱାମୀ ଭାଗିରଥୀ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଯାଜପୁର ପୁଲିସ ଘଟଣାକୁ ହାଲୁକା ଭାବେ ନେଇଥିବା ଓ ସମାଧାନ କରିବାକୁ ଝରଣା ଉପରେ ଚାପ ପକାଉଥିବାରୁ ନିରୁପାୟ ହୋଇ ଝରଣା ଏସ୍‌ପିଙ୍କ ଦ୍ୱାରସ୍ଥ ହେବ ବୋଲି କୋହ ଭରା କଣ୍ଠରେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଅକ୍ଷୟ ବେହେରା ମଧ୍ୟ ଝରଣା ପରିବାର ନାମରେ ଥାନାରେ ପାଲଟା ଅଭିଯୋଗ କରିଥିବା ଜଣାପଡ଼ିଛି।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das | ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ | Chief Editor : Umapada Bose | ମୁଖ୍ୟ ସମ୍ପାଦକ : ଉମାପଦ ବୋଷ